ଆଜି - ଶୁକ୍ରବାର
ତାରିଖ - ୧୦ ଜୁଲାଇ ୨୦୨୬
ମାସ - ମିଥୁନ୍, ଦିନ - ୨୭
ତିଥି - ଦଶମୀ , ପକ୍ଷ- କୃଷ୍ଣ
ନକ୍ଷତ୍ର - ଦ୍ୱିଜା, ମେଷ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୮: ୦୦
ସୂର୍ଯ୍ୟାସ୍ତ - ୬ : ୨୭: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଜଣେ ନିଜେ ଠିକ୍ ଥିଲେ ତାଙ୍କୁ ନିନ୍ଦା କି ପ୍ରଶଂସା, କିଛିହେଲେ ବିଚଳିତ କରି ପାରିବ ନାହିଁ, କାରଣ ସେ କ'ଣ, ତାହା ସେ ଜାଣିଥିବେ ।"
- ମଦର ଟେରେସା


E-News : www.Ajikali epaper.com

Vol.- 41 ISSUE- 87 R.N.I. REGD. No. 44026/86 ବାଲେଶ୍ୱର ୧୦ ଜୁଲାଇ ୨୦୨୬ ଶୁକ୍ରବାର BALASORE 10 JULY 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ନାଇଜରର ୧୫ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଲେ ଉପରାଷ୍ଟ୍ରପତି






ଭୁବନେଶ୍ୱର : ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ଓ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରୁଥିବା ବେଳେ ବିଜ୍ଞାନର ସାମର୍ଥ୍ୟ ହିଁ ଏହାର ସ୍ଥାୟୀ ସମାଧାନ ବାହାର କରିପାରିବ । ଜଟଣୀସ୍ଥିତ ନାଇଜର କ୍ୟାମ୍ପସରେ ୧୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏହା କହିଛନ୍ତି । କେବଳ ଗବେଷଣା ନୁହେଁ, ବରଂ ଜାତୀୟ ସୁରକ୍ଷା ଓ ଦୀର୍ଘସ୍ଥାୟୀ ବିକାଶ ପ୍ରତି ନାଇଜର'ର ଅଙ୍ଗୀକାରବଦ୍ଧତା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ସେ କହିଥିଲେ । ବୈଜ୍ଞାନିକ ଦକ୍ଷତା ଏବେ କୌଣସି ବିକଳ୍ପ ନୁହେଁ, ବରଂ ଏହା ଆମ ପ୍ରଗତିର ମୂଳଦୁଆ । ଛାତ୍ରଛାତ୍ରୀମାନେ ନିଜ ଭିତରେ ଥିବା ଜିଜ୍ଞାସାକୁ ସଦାସର୍ବଦା ଜାଗ୍ରତ ରଖିବା ଆବଶ୍ୟକ । ପରିବେଶ ଅନୁକୂଳ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରିବା ସହ ନିଜ ଜ୍ଞାନକୁ ମାନବ ସମାଜର କଲ୍ୟାଣରେ ବିନିଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଛାତ୍ରଛାତ୍ରୀମାନଙ୍କୁ ଇ କହିଛନ୍ତି ଯେ, ଆଜି ଆପଣମାନେ କେବଳ ଏକ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ପାଉନାହାନ୍ତି, ବରଂ ସମାଜ ପ୍ରତି ଏକ ବଡ଼ ଦାୟିତ୍ୱକୁ ନିଜ କାନ୍ଧକୁ ନେଉଛନ୍ତି । ବିଶ୍ୱରେ ସମସ୍ତ ସମସ୍ୟାର ସମାଧାନ କେବଳ ବିଜ୍ଞାନ ମାଧ୍ୟମରେ ହିଁ ସମ୍ଭବ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ଆଜି ଉତୀର୍ଣ୍ଣ ହେଉଥିବା ଯୁବପିଢ଼ି ବିଜ୍ଞାନ, ଗବେଷଣା ଏବଂ ରାଷ୍ଟ୍ର ଗଠନ ପ୍ରକ୍ରିୟାରେ ବିଶେଷ ଅବଦାନ ରଖୁଛନ୍ତି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପ୍ରଗତି ହିଁ ଏକ ସମୃଦ୍ଧ ରାଷ୍ଟ୍ରର ମୂଳଦୁଆ । ଆମର ଯୁବ ଗବେଷକ ଓ ସ୍ନାତକମାନେ କେବଳ ଡିଗ୍ରୀ ହାସଲ କରିନାହାନ୍ତି, ବରଂ ଦେଶର ବିକାଶ ଓ ଜନସାଧାରଣଙ୍କ ଜୀବନଧାରଣର ମାନ ବୃଦ୍ଧି କରିବା ପାଇଁ ଏକ ବଡ଼ ଦାୟିତ୍ୱ ହାତକୁ ନେଇଛନ୍ତି । ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଦେଶର ଭବିଷ୍ୟତ ବର୍ତ୍ତମାନ ଯୁବ ବୈଜ୍ଞାନିକମାନଙ୍କ ଉପରେ ନିର୍ଭର କରୁଛି ଏବଂ ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟ ସମାଜର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ହେବା ଆବଶ୍ୟକ । ନାଇଜର ହେଉଛି ଦେଶର ଏପରି ଏକ ବିରଳ ପ୍ରତିଷ୍ଠାନ ଯେଉଁଠାକୁ ମାତ୍ର କିଛି ବର୍ଷର ବ୍ୟବଧାନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଏବଂ ଆଜି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଗସ୍ତ କରିବା ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ । ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ଦେଶରେ ବର୍ତ୍ତମାନ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ (ଷ୍ଟେମ) ଶିକ୍ଷା କ୍ଷେତ୍ରରେ ପୁଅମାନଙ୍କ ଅପେକ୍ଷା ଝିଅମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି । ନାଇଜର ଭୁବନେଶ୍ୱରରେ ଏହି ହାର ୪୦ ପ୍ରତିଶତ ଛୁଇଁଛି । ଯାହାକି ଏକ ବହୁତ ସକାରାତ୍ମକ ସଙ୍କେତ । ନାଇଜର କ୍ୟାମ୍ପସରେ ଖୁବ୍ ଶୀଘ୍ର ଏକ କ୍ୟାନସର ରେଫରାଲ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ସ୍ଥାପିତ ହେବାକୁ ଯାଉଛି, ଯାହା ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିବ । ଏହି ଅବସରରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି ଯେ, ଦେଶର ଉପରାଷ୍ଟ୍ରପତିଙ୍କ ଉପସ୍ଥିତିରେ ପ୍ରମାଣପତ୍ର ଗ୍ରହଣ କରିବା ପ୍ରତ୍ୟେକ ସ୍ନାତକଙ୍କ ପାଇଁ ଏକ ଚିରସ୍ମରଣୀୟ ମୁହୂର୍ତ୍ତ । ଏହା କେବଳ ପ୍ରମାଣପତ୍ର ବାଂଟିବାର ଦିବସ ନୁହେଁ, ବରଂ ଏକ ଗୌରବମୟ ସେବା ଓ ପରମ୍ପରାକୁ ଆଗାମୀ ପିଢ଼ିର ହାତରେ ସମର୍ପଣ କରିବାର ଏକ ପବିତ୍ର ଅବସର । ଏହି ଉତ୍ସବରେ ପରମାଣୁ ଶକ୍ତି ବିଭାଗର ସଚିବ ଡ. ଅଜିତ କୁମାର ମହାନ୍ତି, ନାଇଜରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ରନାଥ ଘୋଷ ଏବଂ ଅନୁଷ୍ଠାନର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ସଦସ୍ୟ ଉପସ୍ଥିତ ଥିଲେ ।

## ଅଷ୍ଟ୍ରେଲିଆରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ

## ଅଷ୍ଟ୍ରେଲିଆ ସହିତ ୟୁରାନିୟମ ଯୋଗାଣ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ : ଅଷ୍ଟ୍ରେଲିଆରେ ପହଂଚିବା ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ଏହି ଗସ୍ତ ସମୟରେ ସେ ଅଷ୍ଟ୍ରେଲିଆ ସହିତ ୟୁରାନିୟମ ଯୋଗାଣ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହାକୁ ଭାରତ ପାଇଁ ଏକ ବଡ଼ ବିଜୟ ଭାବରେ ଗ୍ରହଣ କରାଯାଉଛି । ଉଭୟ ଦେଶ ଏକ ମିଳିତ ବିବୃତି ମଧ ଜାରି କରିଛନ୍ତି । ଏଥିରେ କୁହାଯାଇଛି ଯେ ଏହି ସିଷ୍ଟମ ଅଧୀନରେ, ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି ଦ୍ୱାରା ପ୍ରତିଷ୍ଠିତ ସୁରକ୍ଷା ମାନଦଣ୍ଡର ଢାଂଚା ମଧ୍ୟରେ କେବଳ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ୟୁରାନିୟମକୁ ଦୀର୍ଘକାଳୀନ ରପ୍ତାନି କରାଯାଇପାରିବ । ଅଷ୍ଟ୍ରେଲିଆରେ ବିଶ୍ୱର ୨୮% ୟୁରାନିୟମ ଗଚ୍ଛିତ ରହିଛି । ସେ ନା ପରମାଣୁ ଶକ୍ତିର ବ୍ୟବହାର କରେ ନା ଅସ୍ତ୍ରଶସ୍ତ୍ର ତିଆରି କରେ । ସେ ସମସ୍ତ ୟୁରାନିୟମ ରପ୍ତାନି କରେ । ଅନ୍ୟପକ୍ଷରେ ଭାରତ ନିଜର ପରମାଣୁ ଶକ୍ତି କ୍ଷମତାକୁ ଦ୍ରୁତ ଗତିରେ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି । ସରକାରଙ୍କ ଲକ୍ଷ୍ୟ ହେଉଛି ୨୦୪୭ ସୁଦ୍ଧା ୧୦୦ ଗିଗାୱାଟର ପରମାଣୁ ଶକ୍ତି ଉତ୍ପାଦନ କ୍ଷମତା ସ୍ଥାପନ କରିବା, ଯାହା ବାର୍ଷିକ ପ୍ରାୟ ୬କୋଟି ପରିବାରକୁ ବିଦ୍ୟୁତ୍ ଯୋଗାଣ କରିପାରିବ । ଏହି ପରିପ୍ରେକ୍ଷୀରେ ଅଷ୍ଟ୍ରେଲିଆରୁ ପ୍ରାପ୍ତ ୟୁରାନିୟମ୍ ଭାରତର ଦୀର୍ଘକାଳୀନ ଶକ୍ତି ଆବଶ୍ୟକତା ପୂରଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ଗୁରୁବାର ଦିନ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଏକ ୟୁରାନିୟମ୍ ଚୁକ୍ତି ଚୂଡ଼ାନ୍ତ ହୋଇଛି । ମେଲବୋର୍ଣ୍ଣରେ ଏକ ବୈଠକ ପରେ, ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଂଟୋନି ଆଲବାନିଜ୍ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ସମୟରେ ପ୍ରତିରକ୍ଷା, ବାଣିଜ୍ୟ, ଶକ୍ତି, ମହାକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସମେତ ଅନେକ କ୍ଷେତ୍ରରେ ଚୁକ୍ତିନାମା ଘୋଷଣା କରିଛନ୍ତି । ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ୟୁରାନିୟମ ରପ୍ତାନି ଉପରେ ଏକ ଚୁକ୍ତିନାମା ପ୍ରଥମେ ୨୦୧୪ ରେ ହୋଇଥିଲା କିନ୍ତୁ ଏହା କାର୍ଯ୍ୟକାରୀ ହୋଇପାରିନଥିଲା । ସବୁଠାରୁ ବଡ଼ ଚିନ୍ତାର ବିଷୟ ଥିଲା ଯେ ଏହି ୟୁରାନିୟମକୁ ଅସ୍ତ୍ର କାର୍ଯ୍ୟକ୍ରମରେ ବ୍ୟବହାର କରାଯାଇପାରେ । ବର୍ତ୍ତମାନ, ଉଭୟ ରାଷ୍ଟ୍ର ଏକ ପ୍ରଶାସନିକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି ଯାହା ପୂର୍ବ ଚୁକ୍ତିନାମା କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି କରୁଥିବା ପ୍ରତିବନ୍ଧକଗୁଡ଼ିକୁ ସମାଧାନ କରିବ ବୋଲି ଆଶା କରାଯାଉଛି । ଏହି ନିଷ୍ପତି ମେଲବୋର୍ଣ୍ଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଂଟୋନି ଆଲବାନିଜ ମିଳିତ ଭାବରେ ଘୋଷଣା କରିଥିଲେ । ଭାରତ ପରମାଣୁ ଅପ୍ରସାର ଚୁକ୍ତିର ସଦସ୍ୟ ନୁହେଁ । ଏହି କାରଣରୁ ଅଷ୍ଟ୍ରେଲିଆ ଦୀର୍ଘ ସମୟ ଧରି ସେହି ଦେଶଗୁଡ଼ିକୁ ୟୁରାନିୟମ ବିକ୍ରୟ କରିବାକୁ ମନା କରିଆସିଛି ଯେଉଁମାନେ ଏହି ଚୁକ୍ତିର ଅଂଶ ନଥିଲେ । ଭାରତ ଏହି ଚୁକ୍ତିକୁ ପକ୍ଷପାତପୂର୍ଣ୍ଣ ବୋଲି କହିଆସିଛି, କାରଣ ଏହା କେବଳ ସେହି ପାଂଚଟି ରାଷ୍ଟ୍ରକୁ ପରମାଣୁ-ସଶସ୍ତ୍ର ରାଷ୍ଟ୍ର ଭାବରେ ସ୍ୱୀକୃତି ଦିଏ ଯେଉଁମାନେ ଜାନୁଆରୀ ୧୯୬୭ ପୂର୍ବରୁ ପରମାଣୁ ପରୀକ୍ଷଣ କରିଥିଲେ । ୧୯୯୮ ପରମାଣୁ ପରୀକ୍ଷଣ ପରେ ଭାରତ ଅନ୍ତର୍ଜାତୀୟ ବୈଷୟିକ ପ୍ରତିବନ୍ଧକ ଏବଂ ୟୁରାନିୟମ୍ ବାଣିଜ୍ୟ ଉପରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲା । ପରେ ୨୦୦୮ ମସିହାରେ ପରମାଣୁ ଯୋଗାଣକାରୀ ଗୋଷ୍ଠୀ ଭାରତକୁ ଏକ ସ୍ୱତନ୍ତ୍ର ଛାଡ଼ ପ୍ରଦାନ କରିଥିଲା, ଯାହା ପରେ ଭାରତ ବିଭିନ୍ନ ଦେଶ ସହିତ ଦ୍ୱିପାକ୍ଷିକ ଚୁକ୍ତିନାମାରେ ପ୍ରବେଶ କରିବା ଆରମ୍ଭ କରିଥିଲା । ଏପରି ଏକ ଚୁକ୍ତି କାନାଡା ସହିତ ମଧ ସମ୍ପାଦିତ ହୋଇଛି । ଅଷ୍ଟ୍ରେଲିଆରୁ ୟୁରାନିୟମ ରପ୍ତାନି ଆରମ୍ଭ କରିବାର ସବୁଠାରୁ ବଡ଼ ଲାଭ ହେଉଛି ଯେ ଭାରତ ନିଜର ପରମାଣୁ ଶକ୍ତି ପ୍ରକଳ୍ପ ପାଇଁ ଏକ ନୂତନ ଏବଂ ନିର୍ଭରଯୋଗ୍ୟ ଉତ୍ସ ପାଇବ ।



## ଅଳ୍ପରେ ଖବର

» ୨୦୨୭ ପଂଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ । ପଂଚାୟତ ଓ ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ଆସନ୍ତା ୨୧ ତାରିଖରେ ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି ।

» ଏବିଭିପିର ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସ୍ଥାପନା ଦିବସ ତଥା ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସର ହାର୍ଦ୍ଦିକ ଶୁଭେଚ୍ଛା ।

» ଦକ୍ଷିଣ-ପୂର୍ବ ବାଂଲାଦେଶରେ ପ୍ରବଳ ବର୍ଷା ସମୟରେ ଏକ ପାହାଡ଼ର ଭଗ୍ନାବଶେଷ ଏକ ମଦ୍ରାସା ଉପରେ ପଡ଼ିବା ଫଳରେ ଆଠ ଜଣଙ୍କର ମୃତ୍ୟୁ ଘଟିଛି । ସେମାନଙ୍କ ମଧ୍ୟରେ ୭ ଜଣ ଛାତ୍ରଛାତ୍ରୀ ଏବଂ ଜଣେ ଶିକ୍ଷକ ଅଛନ୍ତି ।

» ମହାରାଷ୍ଟ୍ରର ହିଙ୍ଗୋଲି, ପରଭାନୀ ଏବଂ ନାନ୍ଦେଡ ଅଂଚଳରେ ରାତିରେ ଭୂମିକମ୍ପ ପ୍ରାୟ ଛଅଟି ଝଟକା ଅନୁଭୂତ ହୋଇଛି । ବର୍ତ୍ତମାନ ସୁଦ୍ଧା କୌଣସି ମୃତାହତ କିମ୍ବା ସମ୍ପତି କ୍ଷତିର ରିପୋର୍ଟ ମିଳିନାହିଁ ।

## ଅଷ୍ଟ୍ରେଲିଆ-ଭାରତ ସିଇଓ ଫୋରମ୍ ଏବଂ ଇକୋନୋମିକ୍ ରୋଡ଼ମ୍ୟାପ୍ ବିଜନେସ୍ ଇଭେଂଟକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଶ୍ରୀ ଆନ୍ଥୋନୀ ଆଲବାନିଜ୍ ମିଳିତ ଭାବେ ୯ ଜୁଲାଇ ୨୦୨୬ ରେ ମେଲବୋର୍ଣ୍ଣଠାରେ ଅଷ୍ଟ୍ରେଲିଆ-ଭାରତ ସିଇଓ ଫୋରମ୍ ଏବଂ ଇକୋନୋମିକ୍ ରୋଡମ୍ୟାପ୍ ବିଜନେସ୍ ଇଭେଂଟକୁ ସମ୍ବୋଧିତ କରିଛନ୍ତି । ଏହି ଦୁଇଟି କାର୍ଯ୍ୟକ୍ରମରେ ଭାରତ ଏବଂ ଅଷ୍ଟ୍ରେଲିଆର ପ୍ରମୁଖ ସିଇଓ ଏବଂ ବ୍ୟବସାୟିକ ନେତୃବୃନ୍ଦ, ପ୍ରମୁଖ ଅଷ୍ଟ୍ରେଲୀୟ ସୁପରଆନୁଏସନ ଫଣ୍ଡ ଏବଂ ପ୍ରାତିଷ୍ଠାନିକ ନିବେଶକମାନଙ୍କ ପ୍ରତିନିଧି ଏବଂ ଅଷ୍ଟ୍ରେଲିଆର ଅଗ୍ରଣୀ ବିଶ୍ୱବିଦ୍ୟାଳୟମାନଙ୍କର କୁଳପତିମାନେ ଅଂଶଗ୍ରହଣ କରିଥିଲେ । ସିଇଓ ଫୋରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଭାରତର ସୁଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି, ନୀତିଗତ ସଂସ୍କାର, ଡିଜିଟାଲ୍ ରୂପାନ୍ତରଣ ଏବଂ ସମ୍ପ୍ରସାରିତ ହେଉଥିବା ନବୋନ୍ମେଷ ପରିସଂସ୍ଥା ଅଷ୍ଟ୍ରେଲୀୟ ଅଂଶୀଦାରମାନଙ୍କ ପାଇଁ ନୂତନ ବ୍ୟବସାୟିକ ସୁଯୋଗ ସୃଷ୍ଟି କରୁଛି । ଭାରତୀୟ ଏବଂ ଅଷ୍ଟ୍ରେଲୀୟ ଅର୍ଥନୀତି ମଧ୍ୟରେ ଥିବା ପରିପୂରକତାକୁ ରେଖାଙ୍କିତ କରି ପ୍ରଧାନମନ୍ତ୍ରୀ ମୋଦୀ ଭାରତର ଉତ୍ପାଦନ, ସ୍ୱଚ୍ଛ ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜ, ଖନନ, ଭିତିଭୂମି, ସହରୀ ବିକାଶ, ବିମାନ ଚଳାଚଳ, ଲଜିଷ୍ଟିକ୍ସ, ଉନ୍ନତ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତା, ଫିନଟେକ୍, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଡିଜିଟାଲ୍ ଅର୍ଥନୀତି କ୍ଷେତ୍ରଗୁଡ଼ିକରେ ଉପଲବ୍ଧ ବ୍ୟାପକ ସୁଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ ଭାରତର ବୃହତ ପରିସର ଏବଂ ଅଷ୍ଟ୍ରେଲିଆର ଦକ୍ଷତା ଉଭୟଙ୍କ ପାଇଁ ଏକ ଲାଭଦାୟକ ପରିସ୍ଥିତି ସୃଷ୍ଟି କରୁଛି । ପ୍ରଧାନମନ୍ତ୍ରୀ ମୋଦୀ ଅଷ୍ଟ୍ରେଲୀୟ ନିବେଶକମାନଙ୍କୁ ଭାରତରେ ଦୀର୍ଘକାଳୀନ ନିବେଶର ସୁଯୋଗର ଲାଭ ଉଠାଇବା ପାଇଁ ଆମନ୍ତ୍ରଣ କରିଥିଲେ । ସେ ଭାରତରେ ଅଷ୍ଟ୍ରେଲୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ବଢୁଥିବା ଉପସ୍ଥିତିକୁ ସ୍ୱାଗତ କରିଥିଲେ ଏବଂ ଆଲୋକପାତ କରିଥିଲେ ଯେ ଉଚ୍ଚଶିକ୍ଷା, ଗବେଷଣା, ନବୋନ୍ମେଷ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଗଭୀର ସହଯୋଗ କେବଳ ଉଭୟ ଦେଶର ପ୍ରତିଭାକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବ ନାହିଁ, ବରଂ ସେମାନଙ୍କୁ ବିଶ୍ୱସ୍ତରୀୟ ସୁଯୋଗଗୁଡ଼ିକର ଲାଭ ଉଠାଇବାରେ ମଧ ସାହାଯ୍ୟ କରିବ ।

## ହୀରାକୁଦ ଡ୍ୟାମ୍‌ର ୧୦ଟି ଗେଟ୍‌ରେ ପ୍ରଥମ ବନ୍ୟାଜଳ ନିଷ୍କାସନ



ଭୁବନେଶ୍ୱର : ହୀରାକୁଦ ଡ୍ୟାମ୍‌ରୁ ଆଜି ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୪ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୬ଟି, ଅର୍ଥାତ୍ ମୋଟ ୧୦ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସପ୍ତମ ସ୍ଲୁଇସ୍ ଗେଟ୍ ଖୋଲି ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନର ଶୁଭାରମ୍ଭ କରିଥିଲେ । ହୀରାକୁଦ ଡ୍ୟାମ୍‌ରୁ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନର ଦୃଶ୍ୟ ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ଛୁଆଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସବର୍ଗର ଲୋକେ ହୀରାକୁଦ ଡ୍ୟାମ୍ ତଳମୁଣ୍ଡରେ ପହଂଚିଥିଲେ । ଡ୍ୟାମ୍‌ର ସ୍ଲୁଇସ୍ ଗେଟ୍ ଦେଇ ପ୍ରବଳ ବେଗରେ ଜଳ ନିଷ୍କାସନ ବେଳେ ମହାନଦୀ ତଳମୁଣ୍ଡରେ ସୃଷ୍ଟି ହୋଇଥିଲା ଧୂଆଁଳିଆ ତଥା କୁହୁଡ଼ି ପଡ଼ିଥିବା ଭଳି ପରିବେଶ । ଏହି ଦୃଶ୍ୟ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା । ଅନେକେ ନିଜ ନିଜ ମୋବାଇଲ ଫୋନ୍‌ରେ ସେହି ମୁହୂର୍ତ୍ତକୁ କଏଦ କରିଥିଲେ । ତେବେ ସୁରକ୍ଷା ଦୃଷ୍ଟିରୁ ଡ୍ୟାମ୍ ପରିସରକୁ କିଛି ବର୍ଷ ହେଲା ସର୍ବସାଧାରଣଙ୍କ ପ୍ରବେଶ ବାରଣ କରାଯାଇଥିବାରୁ କିଛି ଲୋକ ଅସନ୍ତୋଷ ପ୍ରକାଶ କରିଥିଲେ । ହୀରାକୁଦ ଡ୍ୟାମର ମୁଖ୍ୟଯନ୍ତ୍ରୀ କହିଛନ୍ତି, ରୁଲ୍ କର୍ଭରେ ସଂଶୋଧନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ବିଭିନ୍ନ ସ୍ତରରେ ବିଚାରବିମର୍ଶ ଚାଲିଛି । ନିକଟ ଭବିଷ୍ୟତରେ ଏକ ନୂଆ ରୁଲ୍ କର୍ଭ ପ୍ରସ୍ତୁତ କରାଯିବାର ସମ୍ଭାବନା ରହିଛି । ହୀରାକୁଦ ଡ୍ୟାମର ବନ୍ୟାଜଳ ପରିଚାଳନାରେ ଆଉ ଏକ ସମସ୍ୟା ଦେଖାଯାଇଛି । ଡ୍ୟାମର ବନ୍ୟାଜଳ ପରିଚାଳନା ଦାୟିତ୍ୱରେ ଥିବା ଅଭିଜ୍ଞ କର୍ମଚାରୀମାନେ ବର୍ଷକୁ ବର୍ଷ ଅବସର ନେଇଯାଉଛନ୍ତି । ଫଳରେ ବର୍ତ୍ତମାନ ବହୁ କ୍ଷେତ୍ରରେ ଠିକା କର୍ମଚାରୀଙ୍କ ଉପରେ ନିର୍ଭର କରି କାର୍ଯ୍ୟ ପରିଚାଳନା କରାଯାଉଛି । ଦୀର୍ଘଦିନ ଧରି ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଦାବି ହୋଇଆସୁଥିଲେ ମଧ ଏପର୍ଯ୍ୟନ୍ତ ସେ ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ ।

## ୨୦୨୭ ତ୍ରିସ୍ତରୀୟ ପଂଚାୟତ ଏବଂ ପୌର ନିର୍ବାଚନ ପାଇଁ ପ୍ରାକ୍-ପ୍ରସ୍ତୁତି

## ଆସନ୍ତା ୨୧ରେ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରିବେ ରାଜ୍ୟ ନିର୍ବାଚନ କମିଶନ




ଭୁବନେଶ୍ୱର : ରାଜ୍ୟରେ ୨୦୨୭ ମସିହାରେ ହେବାକୁ ଥିବା ତ୍ରିସ୍ତରୀୟ ପଂଚାୟତ ଏବଂ ପୌର ନିର୍ବାଚନ ପାଇଁ ପ୍ରାକ-ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଜୁଲାଇ ୨୧ ତାରିଖରେ ରାଜ୍ୟ ନିର୍ବାଚନ କମିଶନଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭିଡିଓ କନଫରେନ୍ସ ଅନୁଷ୍ଠିତ ହେବ । ଏ ନେଇ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ମାନଙ୍କୁ ଚିଠି ଲେଖି ଅବଗତ କରାଯାଇଛି । ଓସୱାନ ପ୍ଲାଟଫର୍ମ ମାଧ୍ୟମରେ ହେବାକୁ ଥିବା ଏହି ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟତଃ ଦୁଇଟି ପ୍ରସଙ୍ଗ ଉପରେ ଆଲୋଚନା ଓ ସମୀକ୍ଷା କରାଯିବ । ଘରକୁ ଘର ବୁଲି ସର୍ଭେ : ୨୦୨୭ ନିର୍ବାଚନ ପାଇଁ ବୁଥ୍ ଭିତିକ ଭୋଟର ତାଲିକା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ପ୍ରସ୍ତାବିତ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନର ଆଲୋଚନା କରିବେ । ୨୦୨୨ ନିର୍ବାଚନର ବିଲ୍ ସମୀକ୍ଷା : ଗତ ୨୦୨୨ ମସିହାରେ ହୋଇଥିବା ପୌର ନିର୍ବାଚନ ସମ୍ପର୍କିତ ବାକି ରହିଥିବା ଡିସି ବିଲ୍ ଏବଂ ଉପଯୋଗିତା ପ୍ରମାଣପତ୍ର ଦାଖଲ ପ୍ରକ୍ରିୟାର ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯିବ । ଏହି ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ (ପୌର ନିର୍ବାଚନର ନୋଡାଲ ଅଫିସର), ସମସ୍ତ ERO ଓ AERO ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ସେକ୍ସନର ଡେପୁଟି କଲେକ୍ଟର କିମ୍ବା ଆସିଷ୍ଟାଂଟ କଲେକ୍ଟରମାନଙ୍କୁ ନିଜ ନିଜ ଜିଲ୍ଲାର ଓସୱାନ କେନ୍ଦ୍ରରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ପ୍ରୟାସ ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିସାଧନ ଓ ଯକ୍ଷ୍ମା ମୁକ୍ତି କାର୍ଯ୍ୟକ୍ରମର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର : ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ "ପ୍ରୋଆକ୍ଟିଭ୍ ଗଭର୍ଣ୍ଣାନ୍ସ ଆଟେମ୍ପ୍ଟ ଫର ୟିଲ୍ଡିଂ ରେଜଲଟ୍ସ ଆଣ୍ଡ ଆଡଭାନ୍ସିଂ ସୋସିଆଲ୍ ସେକ୍ଟର (ପ୍ରୟାସ)" ର ଦ୍ୱିତୀୟ ବୈଠକଗତ ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସମ୍ବନ୍ଧୀୟ ପ୍ରମୁଖ ପ୍ରସଙ୍ଗଗୁଡ଼ିକର ସମୀକ୍ଷା କରାଯାଇଥିଲା । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ସଚିବ ଅଶ୍ୱତୀ ଏସ୍, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର-ତଥା-ଶାସନ ସଚିବ ଶ୍ରୀ ଏନ୍. ତିରୁମାଲା ନାୟକ ଏବଂ ନିର୍ଦ୍ଦେଶକ, ସାମାଜ କଲ୍ୟାଣ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀଙ୍କ ସମେତ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲାୱାରୀ ମାତୃମୃତ୍ୟୁ, ବିଭିନ୍ନ ସ୍ୱାସ୍ଥ୍ୟସେବା ଅନୁଷ୍ଠାନରେ ସଂସ୍ଥାଗତ ନବଜାତ ମୃତ୍ୟୁ ଏବଂ ରାଜ୍ୟସ୍ତରୀୟ ଟିମଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନରୁ ମିଳିଥିବା ତଥ୍ୟ ଉପରେ ବିସ୍ତୃତ ଉପସ୍ଥାପନା କରାଯାଇଥିଲା । ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ମାସ ମଧ୍ୟରେ ନିୟମିତ କ୍ଷେତ୍ର ପରିଦର୍ଶନ ଏବଂ ପ୍ରତିକାରାତ୍ମକ ପଦକ୍ଷେପ ଯୋଗୁଁ ମାତୃ-ନବଜାତ ଶିଶୁ ମୃତ୍ୟୁ ସଂଖ୍ୟା ହାର ହ୍ରାସ ପାଇଥିବା ସମୀକ୍ଷାରୁ ଜଣାପଡ଼ିଛି । ରେଫରାଲ୍ ପ୍ରୋଟୋକଲ୍‌ର ଅନୁପାଳନ, ଆବଶ୍ୟକ ସଂଖ୍ୟକ ଡାକ୍ତର ଓ କର୍ମଚାରୀନିଯୋଜନ, ହସ୍ପିଟାଲ ପରିଚାଳନା, ଔଷଧ ଓ ଆବଶ୍ୟକ ସାମଗ୍ରୀର ଉପଲବ୍ଧତା ସହ ପ୍ରସୂତି କକ୍ଷ, ଅସ୍ତ୍ରୋପଚାର ଏବଂ ନବଜାତକ ସେବା କକ୍ଷ ଆଦିରେ ସଂକ୍ରମଣ ନିବାରଣ ବ୍ୟବସ୍ଥାରେ କୌଣସି ପ୍ରକାରର ଅବହେଳା ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାପାଳମାନଙ୍କୁ ସିଡିଏମ୍‌ଓ ତଥା ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ କରିବା, ହସ୍ପିଟାଲ ପରିଦର୍ଶନ କରି କାର୍ଯ୍ୟାନ୍ୱୟନରେ ରହୁଥିବା ତ୍ରୁଟି ଚିହ୍ନଟ କରିବା ଏବଂ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ନେବାକୁ କୁହାଯାଇଛି । ଜିଲ୍ଲାପାଳମାନଙ୍କୁ ଜିଲ୍ଲାସ୍ତରରେ ପ୍ରତିମାସରେ ଏ ସଂପର୍କିତ ସମୀକ୍ଷା ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହ ରାଜ୍ୟସ୍ତରୀୟ ଟିମ୍ ଜିଲ୍ଲାଗୁଡ଼ିକ ପରିଦର୍ଶନ କରି ନିଆଯାଉଥିବା ସଂଶୋଧନମୂଳକ ପଦକ୍ଷେପର ଅନୁଧ୍ୟାନ କରିବେ । ବୈଠକରେ ଯକ୍ଷ୍ମା ନିରାକରଣ ପଦକ୍ଷେପ ଓ ସଚେତନତାକୁ ଏକ ପ୍ରମୁଖ କାର୍ଯ୍ୟସୂଚୀ ଭାବେ ଆଲୋଚନା କରାଯାଇଥିଲା ।



# ବିଭିନ୍ନ ଦାବି ନେଇ ଆଶା କର୍ମୀ ସଂଘର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ବାଲେଶ୍ୱର, (ନି.ପ୍ର.): ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବିଶେଷ କରି ସେମାନଙ୍କ ଅଭିଯୋଗ ଅନୁସାରେ,ସମଗ୍ର ଓଡ଼ିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ୪୬ହଜାରରୁ ଅଧିକ ଆଶା କର୍ମଚାରୀ ସ୍ୱଳ୍ପ ପାରିଶ୍ରମିକ ବଦଳରେ ଦିନ ରାତି କାର୍ଯ୍ୟ କରୁଛନ୍ତି । ଏପରିକି ସାରା ଓଡ଼ିଶାର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଛନ୍ତି । ସରକାର ନିର୍ବାଚନ ସମୟରେ ତାଙ୍କ ଇସ୍ତେହାରରେ ସମସ୍ତଙ୍କୁ ସମ୍ମାନ ଜନକ ବେତନ ଓ ସୁବିଧା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି । ଫଳରେ ସମସ୍ତଙ୍କ ମଧ୍ୟରେ ଏକ ନିରାଶ ଜନକ ଭାବ ଦେଖିବାକୁ ମିଳିଛି । ଏଣୁ ଆଜି ଦେଶ ବ୍ୟାପି ସରକାର ଜଗାଓ ପଦକ୍ଷେପ ଅର୍ନ୍ତଗତ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ଆଶା କର୍ମୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେଇ ଦାବିଗୁଡିକ ମଧ୍ୟରେ ବିଶେଷ କରି ଜାତୀୟ ସ୍ୱାସ୍ଥ୍ୟ ବିଶାନ ଅଧିନସ୍ଥ କାର୍ଯ୍ୟରତ ସମସ୍ତ ଆଶା କର୍ମୀମାନଙ୍କୁ କର୍ମଚାରୀ ମାନ୍ୟତା ପ୍ରଦାନ କରାଯିବା ସହ ସର୍ବନମ୍ନ ବେତନ ପ୍ରଦାନ କରାଯାଉ । ଏବଂ ସ୍ଥାୟୀ ନହେବା ପର୍ଯ୍ୟନ୍ତ ସେମାନଙ୍କୁ ମାସିକ ୧୮ହଜାର ଟଙ୍କା ପ୍ରଦାନ କରାଯାଉ,ସମସ୍ତ ଆଶା କର୍ମୀମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାଭୁକ୍ତ କରାଯାଇ ଇଏସଆଇ ଓ ଇପିଏଫଓ ଅର୍ନ୍ତଗତ ପଞ୍ଜିକୃତ କରାଯାଉ, ପ୍ରତିମାସ ୧୦ତାରିଖ ମଧ୍ୟରେ ସମସ୍ତ ପ୍ରକାର ମାନଦେୟ ପ୍ରଦାନ କରାଯିବାକୁ ସୁନିଶ୍ଚିତ କରାଯାଉ,ଆଶା ଭଉଣୀମାନଙ୍କ ପ୍ରତି ତଳ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ହେଉଥିବା ଦୁର୍ବ୍ୟବହାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ,ପ୍ରତି ଗାଁ ଅଙ୍ଗନୱାଡି କେନ୍ଦ୍ରକୁ ଲାଗି ଆଶା କେନ୍ଦ୍ର ନିର୍ମାଣ କରାଯାଉ,ଶିକ୍ଷାଗତ ଯୋଗ୍ୟତା ଆଧାରରେ ଆଶାକର୍ମୀମାନଙ୍କୁ ତାଲିମ ଦେଇ ଏଏନଏମ ପଦବୀକୁ ପଦୋନ୍ନତି କରାଯାଉ,କାର୍ଯ୍ୟ ସମୟରେ ଦୁର୍ଘଟଣା ଜନିତ ମୃତ୍ୟୁ ହେଲେ ପରିବାରକୁ ୧୦ଲକ୍ଷ,ଶାରୀରିକ ଅକ୍ଷମ କ୍ଷେତ୍ରରେ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଉ,ସେବା ନିବୃତ୍ତ ସମୟରେ ଆଶା କର୍ମୀମାନଙ୍କୁ ଏକ କାଳୀନ ୧୦ଲକ୍ଷ ଟଙ୍କା ସହାୟତା ଓ ପ୍ରତିମାସ ୫ହଜାର ଟଙ୍କା ଭତ୍ତା ପ୍ରଦାନ କରାଯାଉ,କାର୍ଯ୍ୟକ୍ଷେତ୍ରରେ ସୁପରିଚାଳନା ପାଇଁ ଆଶା କର୍ମୀମାନଙ୍କୁ ଭଲ ମୋବାଇଲ ପ୍ରଦାନ କରାଯାଉ ଆଦି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଏହି ବିକ୍ଷୋଭ ସମୟରେ ଜିଲ୍ଲା ସମ୍ପାଦିକା ଶକୁନ୍ତଳା ଗୋଛାୟତ, କୁମମଣି ଦେଇ,ଅପର୍ଣ୍ଣା ପରିଡା,ଅରୂପ ନାୟକ,ବାସନ୍ତୀ ମାଆନ,ଜାନକୀ ରାଉଳ ପ୍ରମୁଖଙ୍କ ସହ ଅନ୍ୟମାନେ ସାମିଲ ଥିଲେ ।

# ଉନ୍ମୋଚିତ ହେଲା ଶିଶୁ କିଶୋର ପତ୍ରିକା 'କିଚିରିମିଚିରି'ର ରଥ ସଂଖ୍ୟା

ବାଲେଶ୍ୱର,(ନ.ପ୍ର.) : ବାଲେଶ୍ୱରରୁ ପ୍ରକାଶ ପଉଥିବା ଶିଶୁ-କିଶୋର ପତ୍ରିକା 'କିଚିରିମିଚିରି'ର ରଥସଂଖ୍ୟା ଜୁଲାଇ ୭ ତାରିଖ ଅପରାହ୍ଣ ୫ ଘଟିକା ସମୟରେ ମାକଲପୁର ସ୍ଥିତ 'ସ୍ରଷ୍ଟା ନାଟ୍ୟାଳୟ' ପରିସରରେ ଉନ୍ମୋଚିତ ହୋଇଯାଇଛି । ଏକାଡେମୀ ପୁରସ୍କୃତ ବରିଷ୍ଠ ତଥା ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉନ୍ମୋଚନ ଉତ୍ସବରେ ଅତିଥି ଭାବେ ବିଶିଷ୍ଟ ଗବେଷକ ତଥା ସୁପ୍ରାବନ୍ଧିକ ଡକ୍ଟର ରାଧାରଂଜନ ପଟ୍ଟନାୟକ, ଶିଶୁ ସାହିତ୍ୟର ଅନ୍ୟତମ ଧୂରୀଣ ଲେଖକ ସାହିତ୍ୟିକ ବ୍ରଜେନ୍ଦ୍ର ନାଥ ଗିରି, 'ଧ୍ୱନି ପ୍ରତିଧ୍ୱନି' ଖବରକାଗଜର ମୁଖ୍ୟ ସମ୍ପାଦକ ତଥା ଔପନ୍ୟାସିକ ସୃଷ୍ଟିଧର ପରିଡ଼ା, ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସମ୍ପାଦକ ଡ଼କ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ




ଯୋଗଦେଇ ମିଳିତ ଭାବେ ପତ୍ରିକାଟିକୁ ଉନ୍ମୋଚନ କରି ଶିଶୁ ସାହିତ୍ୟ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିବା ସହ ଶିଶୁ-କିଶୋର ପତ୍ରିକା ପ୍ରକାଶନର ଆବଶ୍ୟକ ?ତା ପୂରଣ କରିବା ପାଇଁ ଶ୍ରୀ ପୀତାମ୍ବର ଦାସଙ୍କ ଏତାଦୃଶ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ ପତ୍ରିକାର ସମ୍ପାଦିକା ମୋନାଲିସା ପ୍ରଧାନଙ୍କୁ ମଧ୍ୟ ସାଧୁବାଦ ଜଣାଇଥିଲେ ।ପ୍ରାରମ୍ଭରେ ପ୍ରାକ୍ କଥନ କବି ପଦ୍ମଲୋଚନ ପ୍ରଧାନ ରଖିବା ସହ ଅତିଥିମାନଙ୍କୁ ମଂଚ ଅହ୍ୱାନ କରିଥିଲେ । ପତ୍ରିକାର ମୁଖ୍ୟ ସମ୍ପାଦକ ପୀତାମ୍ବର ଦାସ ପତ୍ରିକା ପ୍ରକାଶନର ଆଭିମୁଖ୍ୟ ସମ୍ବନ୍ଧରେ ନିଜ ବକ୍ତବ୍ୟ ରଖିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବାଲେଶ୍ୱର ମାଟିରେ ଶିଶୁ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଏହି ପତ୍ରିକାର ପ୍ରକାଶନ ସହାୟକ ହେବ ବୋଲି କହିବା ସହ ପ୍ରକାଶକ କମଲ ଦାସଙ୍କୁ ଏଥିପାଇଁ ସାଧୁବାଦ ଜଣାଇଥିଲେ । ସମଗ୍ର କାର୍ଯ୍ୟକ୍ରମକୁ କବି ରମେଶ ଚନ୍ଦ୍ର ବେହେରା, ଗୌରୀ ଶଙ୍କର ସାହାଣୀ, କଲ୍ୟାଣୀ ନନ୍ଦ, ଶାନ୍ତି ବିଶି, ଶାନ୍ତିଲତା ପଣ୍ଡା, ସୁକାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ କବି ନଟବର ପାଢ଼ୀ, ଡ. ସାରଙ୍ଗଧର ତ୍ରିପାଠୀ, ସର୍ବେଶ୍ୱର ପଣ୍ଡା, ନିରଞ୍ଜନ ରାଉତ, ପ୍ରଭାକର ସାହୁ, ରମାକାନ୍ତ ମହାନ୍ତି, ରାମପ୍ରସାଦ ପ୍ରଧାନ, ଅଜୟ ରାଉଳ, ଦେବାଶିଷ ସିଂ, ଲକ୍ଷ୍ମଣ ବିଶ୍ୱାଳ, ଲକ୍ଷ୍ମୀଧର ଜେନା, ଜୟନ୍ତୀ ବେହେରା, ସୁନାମଣି ଜେନା, ପୁଷ୍ପଲତା ଚକ୍ରବର୍ତ୍ତୀ, ବାସନ୍ତୀ ଦେ, ତୃପ୍ତିରାଣୀ ପାତ୍ର, ସୁବ୍ରତା ମହାନ୍ତି, ସ୍ନିଗ୍ଧା ସାମନ୍ତରାୟ, ସଂଗୀତା ବାରିକ, ଜୁମରନାଥ ପାତ୍ର, ପୁଷ୍ପିତା ପାଢ଼ୀ, ଦିବାକର ମହାନ୍ତି, ସମରାଇ କର, ରତିକାନ୍ତ ମଲ୍ଲିକ, ପ୍ରସନ୍ନ କୁମାର ଦାସ, ମଦନ ମୋହନ ସାହୁ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଭେଜାଲ୍ ପେଟ୍ରୋଲ୍ ଡିଜେଲ୍ ବିକ୍ରିକୁ ପ୍ରତିବାଦ କରି ସିଭିଲ୍ ସୋସାଇଟିର ଗଣଧାରଣା ଆସନ୍ତା ୧୩ରେ




ବାଲେଶ୍ୱର,(ନି.ପ୍ର.): ପେଟ୍ରୋଲ୍ ଓ ଡିଜେଲରେ ଶତକଡ଼ା ୨୦ଭାଗ ଇଥାନୋଏଲ୍ ମିଶ୍ରଣ କରି ତୈଳକମ୍ପାନୀମାନେ ବିକ୍ରି କରୁଥିବାରୁ ଇଞ୍ଜିନ୍‌ଚାଳିତ ଯାନବାହନଗୁଡ଼ିକର ଇଞ୍ଜିନ୍ ଖରାପ ହେଉଛି ଓ ମାଇଲେଜ୍ କମ୍ ଦେଉଥିବା ଘଟଣାରେ ଦେଶବ୍ୟାପୀ ପ୍ରତିବାଦ ହେଉଛି । ଗତକାଲି ମଙ୍ଗଳବାର ସନ୍ଧ୍ୟାରେ ବାଲେଶ୍ୱର ସିଭିଲ୍ ସୋସାଇଟିର କାର୍ଯ୍ୟକାରୀ କମିଟି ତରଫରୁ ଉଦ୍‌ବେଗ ପ୍ରକାଶ କରାଯାଇଛି । କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ୍ ବିଭାଗର ଜ୍ଞାତସାରରେ ଏହି ଅପମିଶ୍ରଣ କରାଯାଉଥିଲେ ବି ଗ୍ରାହକମାନେ ପେଟ୍ରୋଲ୍ ଓ ଡିଜେଲ୍‌ର ଧାର୍ଯ୍ୟ ଦାମ୍ ଦେଇ ଅପମିଶ୍ରିତ ତେଲ କିଣିବାକୁ ବାଧ ହେଉଛନ୍ତି ବୋଲି ସିଭିଲ୍ ସୋସାଇଟି ଅଭିଯୋଗ କରିଛି । ୧୫ ବର୍ଷ ପରେ ଗାଡ଼ିଗୁଡ଼ିକ ଚଳାଇବାକୁ ଅନୁପଯୁକ୍ତ ବୋଲି ପରିବହନ ବିଭାଗର କେନ୍ଦ୍ର ମନ୍ତ୍ରୀଙ୍କ ଘୋଷଣା ଫଳରେ ଏହା ଗାଡ଼ି ବିକ୍ରି କରୁଥିବା କମ୍ପାନୀମାନଙ୍କୁ ସହାୟକ ହେଉଥିବାରୁ କମ୍ପାନୀମାନଙ୍କ ସ୍ୱାର୍ଥରେ ଏପରି ଅପମିଶ୍ରଣ କରାଯାଉଥିବାର କେତେକ ମତ ଦେଇଥିଲେ । ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ମନୋଜ ନାୟକ ଆଲୋଚନାର ପ୍ରସଙ୍ଗ ଆଗତ କରି ପେଟ୍ରୋଲ୍ ଓ ଡିଜେଲରେ ଇଥାନଲ୍ ମିଶାଇ ସରକାର ଦେଶର ଜନତାଙ୍କ ପ୍ରତି ବିଶ୍ୱାସଘାତକତା କରୁଥିବାର କହିଥିଲେ । ଦୀର୍ଘ ଆଲୋଚନା ପରେ ଆସନ୍ତା ୧୩ ତାରିଖ ସନ୍ଧ୍ୟା ୬ଟାରୁ ୮ଟା ପର୍ଯ୍ୟନ୍ତ ଓ.ଟି. ରୋଡ୍ ପାର୍ଶ୍ୱରେ ଥିବା ବାର୍ଜୋଜୀ ପେଟ୍ରୋଲ୍ ପମ୍ପ ନିକଟରେ ପ୍ରତିବାଦ ଗଣଧାରଣା ଦିଆଯିବ ବୋଲି ନିଷ୍□ ନିଆଯାଇଛି । ଉକ୍ତଦିନ ବାଲେଶ୍ୱର ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ । ଏହି ବୈଠକରେ ସିଭିଲ୍ ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ସମେତ ଅରୁଣ ଜେନା, ଜୟନ୍ତ ଦାସ, ଶରତ ଚନ୍ଦ୍ର ଦଳାଇ, ଜୀବନବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ତୁଷାରକାନ୍ତି ମହାପାତ୍ର, ମଳୟ ରାୟ, କମଳାକାନ୍ତ ବେହେରା, ଭରତ ଚନ୍ଦ୍ର ସେଠୀ, ଶରତ ଚନ୍ଦ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ପୁରୁଷୋ□ମ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆସନ୍ତା ଶାନ୍ତିପୂର୍ଣ୍ଣ ପ୍ରତିବାଦ ଗଣଧାରଣାରେ ଜନସାଧାରଣ ଯୋଗଦେବାକୁ ନିବେଦନ କରାଯାଇଛି । ଉଠାଜଳସେଚନ କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ବାଲେଶ୍ୱର ଷ୍ଟେସନକୁ ଯିବାପାଇଁ ବାଧକ ସାଜିଛି ଟେମ୍ପୋ, ଅଟୋ, ରିକ୍ସା, କାର

ଖଇରା,(ନି.ପ୍ର.)ବାଲେଶ୍ୱର ରେଳଷ୍ଟେସନକୁ ଅତ୍ୟାଧୁନିକରଣ କରାଯବା, ସମ୍ପ୍ରସାରତ ପ୍ରକ୍ରିୟା ଯୁଦ୍ଧକାଳୀନ ଭିତିରେ ଚାଲିଥିବା ବେଳେ ବର୍ତ୍ତମାନ ରେଳଯାତ୍ରୀ ଷ୍ଟେସନକୁ ଯାଇ ଟିକେଟ କାଟବା ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରକାଶଯେ, ଯେଉଁ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛ ଷ୍ଟେସନକୁ ଯିବାପାଇଁ । ତାର ସମ୍ମୁଖରେ ଟେମ୍ପୋ, ଟଟୋ, ରିକ୍ସା, କାର ଓ ଦୁଇଚକିଆ ବାଇକ ବେପରୁଆ ଭାବେ ରଖବା ଫଳରେ ରେଳଯାତ୍ରୀ ନିଜକୁ ଅସୁରକ୍ଷିତ ମଣିବା ସହ ଗନ୍ତବ୍ୟସ୍ଥଳକୁ ଯିବାପାଇଁ ଟିକେଟ କାଟିବା ନିମନ୍ତେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତ । ଏଣେ ରେଳବିଭାଗ କର୍ତ୍ତୃପକ୍ଷ ସକାଳୁ ୧ ନଂ ପ୍ଲାଟଫର୍ମରେ ମାଲଗାଡ଼ି ଛିଡ଼ା କରାଇବା ଫଳରେ ସକାଳୁ ହାଓ୍ୱଡ଼ା, ଜଳେଶ୍ୱର, ପୁରୀ, ଭୁବନେଶ୍ୱର, ବାଙ୍ଗିରିପୋଷୀ ତଥା ସୁପରଫାଷ୍ଟ ଏକ୍ସପ୍ରେସ ଯାତାୟତ କରବା ପାଇଁ ଅସୁବିଧାର ସମ୍ମୁଖୀନ ହେବାପାଇଁ ପଡୁଛ । ତେଣେ ରେଳଷ୍ଟେସନକୁ ଯିବାପାଇଁ ପୁରାତନ ସାଇକେଲଷ୍ଟାଣ୍ଡ କୋଣରେ ଏକ ବିଶାଳ ଗର୍ତ୍ତ ସୃଷ୍ଟି ହେବା ଫଳରେ ସାମାନ୍ୟ ବର୍ଷା ହେଲେ କାଦୁଅ ପଚପଚ ସାଂଗକୁ ଜନସାଧାରଣ ଦୁଇଚକିଆ ବାଇକ ଓ ଅନ୍ୟାନ୍ୟ ଯାନବାହାନ ଯିବା ଆସିବା କରିବା ସଂଗେ ସଂଗେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରେଳ ବିଭାଗ କର୍ତ୍ତୃପକ୍ଷ ଅନ୍ତତଃ ଗାତଟିକୁ ଭର୍ତ୍ତି କରିବା ପାଇଁ ଦାବି ହେଉଥିଲା ବେଳେ ଯେଉଁମାନେ ପୂର୍ବରୁ ଟେମ୍ପୋ ଷ୍ଟାଣ୍ଡରେ ନିଜସ୍ୱ ଗାଡ଼ି ରଖୁଥିଲେ ସେମାନେ ବର୍ତ୍ତମାନ ବ୍ୟବସାୟିକ ମନୋବୃତି ନେଇ ପ୍ରତିଯୋଗିତା ମୂଳକ ଷ୍ଟେସନ ଯିବାପାଇଁ ରାସ୍ତା ସମ୍ମୁଖରେ ନିଜସ୍ୱ ଗାଡ଼ି ଗୁଡ଼ିକ ଡେରା ପକାଇବା ଘଟଣାକୁ ରେଳଯାତ୍ରୀମାନେ ନାପସନ୍ଦ କରିଛନ୍ତି । କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେବାପାଇଁ ଦାବି ହେଉଛି ।



# ଖଇରା ବ୍ଲକରେ ଉତ୍କଟ ହେଉଛି ଶିକ୍ଷକ ସମସ୍ୟା ୨ଶହ ସ୍କୁଲରେ ଛାତ୍ର ଅନୁପାତରେ ନାହାଁନ୍ତି ଶିକ୍ଷକ

ଖଇରା,(ନି.ପ୍ର.)ଶିକ୍ଷାବର୍ଷ ଆରମ୍ଭକୁ ୨୦ଦିନ ବିତିଗଲାଣି । ହେଲେ ଏବେ ବାଲେଶ୍ୱର ଜିଲା ଖଇରା ବ୍ଲକରେ ଶିକ୍ଷକ ସମସ୍ୟା ଜଟିଳ ହେବାରେ ଲାଗିଛି । ପାଖାପାଖି ୨୦୦ ବିଦ୍ୟାଳୟରେ ପିଲା ଅନୁପାତରେ ଶିକ୍ଷକ ନଥିବା ବେଳେ ୧୧ ସରକାରୀ ଓ ୧୪ ଅନୁଦାନ ପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକକୁ ନେଇ ବିଦ୍ୟାଳୟ ଚାଲିବା ବ□ମାନ ଶିକ୍ଷା ବ୍ୟବସ୍ଥାର କରୁଣଚିତ୍ରକୁ ପ୍ରତିଫଳିତ କରୁଛି । ସରକାର ଯୁଦ୍ଧକାଳିନ ଭି□ରେ ଶିକ୍ଷକ ନିଯୁକ୍ତି ପାଇଁ ବ୍ୟବସ୍ଥା ନକଲେ ପିଲାମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ ବୋଲି ବିଭିନ୍ନ ବିଦ୍ୟାଳୟର ପରିଚାଳନା କମିଟି ତଥା ଅଭିଭାବକ ମାନେ ପ୍ରକାଶ କରିଛନ୍ତି । ଖଇରା ବ୍ଲକରେ ମୋଟ ୨୫୮ ଟି ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ପାଖପାଖି ୨ଶହ ବିଦ୍ୟାଳୟରେ ପିଲା ଅନୁପାତରେ ଶିକ୍ଷକ ଯଥେଷ୍ଟ କମ୍



ଥିବାବେଳେ ୧୧ ସରକାରୀ ବିଦ୍ୟାଳୟ ଜଣେ ଲେଖାଏଁ ଶିକ୍ଷକଙ୍କୁ ନେଇ ଚାଲିଛି । ଏହି ବିଦ୍ୟାଳୟ ଗୁଡିକ ହେଲା କଡମିଆଁ,ଗଡ,ରୁଢିଙ୍ଗିଆ, ମାଟିଆଳପଦା, ପାଇକାଳପୁର, ମଙ୍ଗଳପଡା, ରାଣୀଗଡିଆ,କ□ାବଣିଆ,ସୋଜାଗଡ ଓ ନୟାଖଣ୍ଡି ପ୍ରାଥମିକ ବିଦ୍ୟାଳୟ ଏବଂ ଉଦୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଉପରୋକ୍ତ ୧୧ ବିଦ୍ୟାଳୟରେ ପଢୁଥିବା ମୋଟ ୫୧ଜଣ ପିଲାଙ୍କ ଅଭିଭାବକ ମାନେ ସେମାନଙ୍କ ପିଲାମାନଙ୍କ ଟିସି ନେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ସାରିଲେଣି ।ଏଣୁ ବିଦ୍ୟାଳୟ ଗୁଡିକୁ ବନ୍ଦ କରିବା ପାଇଁ ସରକାରଙ୍କ ଏହା ଏକ ଷଡଯନ୍ତ୍ର ବୋଲି ବହୁ ଅଭିଭାବକ ଅଭିଯୋଗ କରିଛନ୍ତି । ଘଟଣାକ୍ରମେ ଉଦୟପୁର ବିଦ୍ୟାଳୟରେ ଶିକ୍ଷକ ପଦବୀ ପୁରଣ ନହେଲେ ଅଭିଭାବକ ମାନେ ଆନ୍ଦୋଳନରେ ବସିବାକୁ ଗ୍ରାବାସୀଙ୍କ ତରଫରୁ ଲିଖିତ ଭାବେ ଚେତାବନୀ ଦିଆଯାଇଛି । ସରକାରୀ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ଅଭାବ ସମ୍ପର୍କରେ ଉଚ୍ଚ କ□ପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା ନେଇ ଖଇରା ଏବିଇଓ ଲକ୍ଷ୍ମୀଧର ସିଂ ପ୍ରତିକ୍ରିୟାରେ କହିଛନ୍ତି । ସେହିଭଳି ଖଇରା ବ୍ଲକରେ ମୋଟ ୨୧ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ମଧ୍ୟରୁ ୧୪ବିଦ୍ୟାଳୟରେ ଶିକ୍ଷୟତ୍ରୀଶିକ୍ଷକଙ୍କ ଅବସର ପରେ ଏବେ ଜଣେ ଲେଖାଏଁ ଶିକ୍ଷକଶିକ୍ଷୟତ୍ରୀଙ୍କୁ ନେଇ ବିଦ୍ୟାଳୟ ଚାଲିଛି । ବାରମ୍ବାର ଦାବି ପରେ ସରକାରଙ୍କ ତରଫରୁ କୌଣସୀ ନିଯୁକ୍ତି ପ୍ରଦାନ କରାଯାଉନଥିବାରୁ ବର୍ଷକୁ ବର୍ଷ ପିଲା କମୁଥିବା ନେଇ ଅଭିଯୋଗ କରାଯାଉଛି । ଏ ସମ୍ପର୍କରେ ଏବିଇଓଙ୍କୁ ପଚାରିବାରେ ଅନୁଦାନପ୍ରାପ୍ତ ସ୍କୁଲ ଗୁଡିକ ରେ ଶିକ୍ଷକ ନିଯୁକ୍ତି ପାଇଁ ସରକାରୀ ସ୍ତରରେ ଗାଇଡଲାଇନ ଆସିବା ପରେ ଏଗୁଡିକ ପୁରଣ ହୋଇ ପାରିବ ବୋଲି କହିଛନ୍ତି ।

## ଜାଲ ଶ୍ରମିକ କାର୍ଡ଼ ଓ ମୃତ୍ୟୁ ପ୍ରମାଣପତ୍ର ଦେଇ ଟଙ୍କା ହଡ଼ପ ମାମଲା:

# ଏବେ ହେବ ସବୁ ଲେବର କାର୍ଡ଼ର ଯାଂଚ

ବାଲେଶ୍ୱର (ନି.ପ୍ର): ବାଲେଶ୍ୱର ଜିଲ୍ଲା ଭୋଗରାଇରେ ଜାଲ ଶ୍ରମକାର୍ଡ ଜରିଆରେ ସରକାରୀ ତହବିଲରୁ ଟଙ୍କା ହଡ଼ପ ମାମଲା । ଶ୍ରମ ବିଭାଗ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ମୃତକଙ୍କ ଉତରାଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ପରେ ଦଲାଲଙ୍କ ବୁଦ୍ଧିବଣା ହୋଇଯାଇଛି । ୭ ଦିନରେ ଉତର ନଦେଲେ ଏଫଆଇଆରର ଧମକ ମିଳିଛି । ଏବେ ମିଛ ମୃତ୍ୟୁ ତାରିଖକୁ ସତ ପ୍ରମାଣିତ କରିବାକୁ ନାକେଦମ ଉଦ୍ୟମ ଚାଲିଛି । ଶ୍ରମ ବିଭାଗର ନୋଟିସ ପରେ ଶ୍ରମକାର୍ଡ ଜାଲିଆତିରେ ସଂପୃକ୍ତଙ୍କ ଛାତି ଧଡ଼ଧଡ଼ କରୁଛି । ମିଛକୁ ସତ କରିବାକୁ ଚାଲିଥିବା ଉଦ୍ୟମ । ଗାଁ ଲୋକ କହୁଛନ୍ତି ଅଗଷ୍ଟ ୮ରେ ଜ୍ୟୋତ୍ସ୍ନା ମିର୍ଦ୍ଧାଙ୍କ ମୃତ୍ୟୁ କଟକରେ ହୋଇଥିଲା । କିନ୍ତୁ ଦଲାଲମାନେ ଚଂଚକତା କରି ଜ୍ୟୋତ୍ସ୍ନା ନାଁରେ ଅଗଷ୍ଟ ୧୧ରେ ଶ୍ରମକାର୍ଡ କରିବା ପରେ ୧୮ରେ ମୃତ୍ୟୁ ପ୍ରମାଣପତ୍ର ହାସଲ କରିଛନ୍ତି । ଆଉ ଶ୍ରମକାର୍ଡ ଜରିଆରେ ୩ ଲକ୍ଷ ଚଳୁ କରିଛନ୍ତି । ସେହପରି କିର୍ତନିଆଜଳପାହି ଅଂଚଳର ମିନତି ସେନାପତି କ୍ୟାନ୍ସରରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ କଟକରେ ୨୦୨୫ ଅଗଷ୍ଟ ୪ରେ ଆଖି ବୁଜିଥିଲେ । କିନ୍ତୁ ସରକାରୀ ସହୟତା ରାଶି ପାଇଁ ମିନତିଙ୍କ ମୃତ୍ୟୁ ପରେ ଅଗଷ୍ଟ ୭ରେ ଶ୍ରମ କାର୍ଡ ଇସ୍ୟୁ କରି ୧୧ଅଗଷ୍ଟରେ ମୃତ୍ୟୁ ଦର୍ଶାଇ ୩ ଲକ୍ଷ ଟଙ୍କା ହଡ଼ପ କରିଛନ୍ତି । ସାଂଘାତିକ କଥା ହେଉଛି ଉଭୟ ମିନତି ସେନାପତି ଓ ଜ୍ୟୋସ୍ନା ମିର୍ଦ୍ଧାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିଲା । ସେମାନଙ୍କୁ ଜାଲ ଶ୍ରମକାର୍ଡ ଦେଲା କିଏ । ସେହିପରି ୨ ହିତାଧିକାରୀଙ୍କ ମୃତ୍ୟୁ କଟକ ଅଂଚଳରେ ସତ୍ୱେ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତ୍ୟୁ ପ୍ରମାଣ ପତ୍ର ଜାରି ହେଲା କିପରି ? ଏହା ପ୍ରମାଣିତ କରୁଛି ଶ୍ରମକାର୍ଡ ସହାୟତା ରାଶି ହାତେଇବାକୁ ବଡ଼ ରାକେଟ ଚାଲିଛି । ସ୍ୱାସ୍ଥ୍ୟକେନ୍ଦ୍ରରୁ ଶ୍ରମ କାର ?ୟାଳୟ ଯାଏଁ କର୍ମଚାରୀଙ୍କ ସଂପୃକ୍ତି ଓ ଦଲାଲ ସକ୍ରିୟ ଅଛନ୍ତି । ତୁରନ୍ତ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦେବାକୁ ଦାବି ହେଉଛି । ଅନ୍ୟପଟେ ଶ୍ରମମନ୍ତ୍ରୀ ଘଟଣାର ତଦନ୍ତ କରି କାର ?ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ଶ୍ରମକାର୍ଡ ଜାଲିଆତି କରି ସରକାରୀ ସହାୟତା ଲୁଟ କରିବା ଭଳି ଘଟଣା କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । ଅବସର ଗ୍ରହଣ କରଥିବା ବ୍ୟକ୍ତିକୁ ଯଦି କାର୍ଯ୍ୟାଳୟର ଦାୟତ୍ୱ ଦିଆଯାଏ ତେବେ ତର୍ଜମା କରିବାକୁ ବୁଦ୍ଧଜୀବୀ ମହଲରୁ ଦାବି ହେଉଛ ।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭଦ୍ରକ (ନି.ପ୍ର.) ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ସୂଚନା ଲୋକସଂପର୍କ ଉପଖଣ୍ଡ ଅଧିକାରୀ ମଧୁସ୍ମିତା ଶତପଥୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବୃକ୍ଷରୋପଣ କରିଥିବା ବେଳେ ସମାଜସେବୀ ଶ୍ରୀ ଅଶୋକ କୁମାର ଦାସ, ନରେନ୍ଦ୍ର ସାମଲ, ନିରଞ୍ଜନ ସାହୁ, ଅଧ୍ୟାପକ ଶୁକଦେବ ପଣ୍ଡା, ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପାଣିଗ୍ରାହୀ, ସମାଜସେବୀ ଅଜୟ ସାହୁ, ମଞ୍ଜୁଲତା ମହାପାତ୍ର, ମଧୁସୂଦନ ତ୍ରିପାଠୀ, ରଘୁନାଥ ନାୟକ, ଗୌରାଙ୍ଗ ଦାସ, ପ୍ରଭାତୀ ନାୟକ, ସ୍ୱର୍ଣ୍ଣଲତା ପାକଳ, ସିଦ୍ଧାର୍ଥ ସାହୁ ଓ ଆଶୁତୋଷ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷା ତଥା ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିବା ସଂଗେ ସଂଗେ ସ୍ୱଚ୍ଛ ପରିବେଶ ସୃଷ୍ଟି କଲେ ସ୍ୱଚ୍ଛ ଭାରତ ଗଠନ ହୋଇପାରିବ ବୋଲି ପୃଥକ୍ ପୃଥକ ବକ୍ତବ୍ୟ ରଖିଥିଲେ । ପରିଶେଷରେ ଛାତ୍ରଛାତ୍ରୀମାନେ ସ୍ଲୋଗାନ ଦେଇ ପୁରୁଣାବଜାର ପରିକ୍ରମା କରି ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ମା', "ବାପା" ଓ "ଗୁରୁ"ଙ୍କ ନାମରେ ତିନୋଟି ଲେଖାଏ ଗଛ ଲଗାଇଥିଲେ ।



# ଆଂଚଳିକ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଇଁ ପୁରାତନ ବିଦ୍ୟାର୍ଥୀ ପରିଷଦ ଦ୍ୱାରା ଅନୁଷ୍ଠିତ ହେଲା ବିଭିନ୍ନ ପ୍ରତିଯୋଗିତା



ବାଲେଶ୍ୱର,(ନି.ପ୍ର.): ସଦର ବ୍ଲକ ଅନ୍ତର୍ଗତ ଗେଙ୍ଗୁଟି ଗ୍ରାମପଂଚାୟତର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଆଂଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଉଁ ପରିସରରେ ବିଦ୍ୟାଳୟର ଏକପଂଚବିଂଶତିତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ପୁରାତନ ବିଦ୍ୟାର୍ଥୀ ପରିଷଦ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅଂଚଳର ଉଦୀୟମାନ ସାମାଜିକ କର୍ମୀ, ପ୍ରାକ୍ତନ ସରପଂଚ ବିରୁପାକ୍ଷ ମହାପାତ୍ର ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ପରିଷଦର ସଭାପତି ଜଳଧର ସାମଲ, କବି ପ୍ରଭାକର ସାହୁ, ପରିଷଦର କର୍ମକର୍ତା ନବକୁମାର ନାୟକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଦ୍ରୋଣାଚାର୍ଯ୍ୟ ପଟ୍ଟାୟତ ବକ୍ତବ୍ୟ ରଖିଥିଲେ । ପରିଷଦର ସମ୍ପାଦକ କବି ସୁଧାକର ସେଠୀ ମଂଚ ପରିଚାଳନା କରିଥିଲେ । ସହ ସମ୍ପାଦକ ସନତ କୁମାର ପରିଡା ମଂଚ ଆହ୍ୱାନ କରିଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜକ ମନ୍ମଥ କୁମାର ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ ।ଆୟୋଜିତ ଚିତ୍ରାଙ୍କନ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ବିଦ୍ୟାଳୟର ମୋଟ ଷାଠିଏ ରୁ ଉର୍ଦ୍ଧ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ପରିଷଦର ବରିଷ୍ଠ ସଦସ୍ୟ ସଦସ୍ୟା ଅନିଲ ରଞ୍ଜନ ଜେନା, ବିଶ୍ୱରଂଜନ ସାମଲ, ସବ୍ୟସାଚୀ ପ୍ରଧାନ, ଜୟଶ୍ରୀ ରାଉତ, ଶୁଭ୍ରାଂଶୁ କୁମାର ରାଉତ,ନିହାର ରଞ୍ଜନ ବେହେରା, ପାର୍ଥ ସାରଥୀ ପ୍ରଧାନ,ରାହୁଲ ବାରିକ, ଲକି ସାମଲ, ଦିବ୍ୟାସା ଆଚାର୍ଯ୍ୟ, ପ୍ରିୟବ୍ରତ ଆଚାର୍ଯ୍ୟ, ହିମାଂଶୁ ଶେଖର ପରିଡା, ଶିକ୍ଷୟତ୍ରୀ ଚିନ୍ମୟୀ ପାତ୍ର, ମିହିର କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ । ଆସନ୍ତା ଜୁଲାଇ ସାତ ତାରିଖରେ ବିଦ୍ୟାଳୟର ଏକାବନ ତମ ପ୍ରତିଷ୍ଠା ଦିବସରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ପରିଷଦ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟ୍ରଫି ଓ ବିଜୟୀ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ସମ୍ପାଦକ ଶ୍ରୀ ସେଠୀ ଜଣାଇଛନ୍ତି ।



# ଆମେରିକାରେ ଚକ୍ରଧର ମଲ୍ଲିକ ଫାଉଣ୍ଡେସନ ତରଫରୁ ପିଠା ପ୍ରତିଯୋଗିତା

ମିନିଆପଲିସ: ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଚକ୍ରଧର ମଲ୍ଲିକ ଫାଉଣ୍ଡେସନ ଫର ଓଡ଼ିଆ କଲଚର (ଏସସିଏମଏଫଓସି) ନିକଟରେ ଓଡ଼ିଶା ସୋସାଇଟି ଅଫ୍ ଆମେରିକାଜ୍ ( ଓଏସଏ)ର ମିନେସୋଟା ରାଜ୍ୟ ଅନ୍ତର୍ଗତ ମିନିଆପଲିସ ଠାରେ ଅନୁଷ୍ଠିତ ୫୭ତମ ସମ୍ମିଳନୀ ଅବସରରେ ପିଠା ପ୍ରତିଯୋଗିତାର ଆୟୋଜନ କରିଥିଲା । ଓଡ଼ିଆ ବ୍ୟଞ୍ଜନର ବିବିଧତା ଓ ଉପାଦେୟତାକୁ ଭବ୍ୟ ଢଙ୍ଗରେ ପ୍ରଦର୍ଶନ କରିବା ପାଇଁ ଉଦ୍ଦିଷ୍ଟ ଏହି ପ୍ରତିଯୋଗିତାରେ ୨୨ ଜଣ ପ୍ରତିଭାସମ୍ପନ୍ନ ରାନ୍ଧୁଣୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ପ୍ରତିଯୋଗୀମାନେ ବିଭିନ୍ନ କିସମର ସ୍ୱାଦିଷ୍ଟ ପିଠା ଯଥା:- ଚିତଉ, ଏଣ୍ଡୁରି, ଆରିସା, କାକରା, ମଣ୍ଡା, ପୋଡ଼ପିଠା, ରଜ ଆମ୍ବପିଠା ଓ ସପ୍ତପୁରୀ ଆଦି ପ୍ରସ୍ତୁତ କରିଥିଲେ । ଓଡ଼ିଶାର ସମୃଦ୍ଧ ଖାଦ୍ୟ ସମ୍ଭାରକୁ ପ୍ରଚାର, ପ୍ରସାର ଓ ଲୋକପ୍ରିୟ କରିବା ନେଇ ପ୍ରତ୍ୟେକ ପ୍ରତିଦ୍ୱନ୍ଦ୍ୱୀ ସେମାନଙ୍କର ଅସାଧାରଣ ରନ୍ଧନ କୌଶଳ, ଅସାମାନ୍ୟ ସୃଜନଶୀଳତା ଏବଂ ଉତ୍ସର୍ଗୀକୃତ ସମର୍ପଣ ଭାବର ନିଦର୍ଶନ ଦେଖାଇ ଏକ ନିଆରା ଦୃଷ୍ଟାନ୍ତ ସର୍ଜନା କରିଥିଲେ । ଏଣ୍ଡୁରି ପିଠା ପ୍ରସ୍ତୁତ କରିଥିବା ବିଜୟଲକ୍ଷ୍ମୀ ସେନାପତି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ପୋଡ଼ ପିଠା ବନାଇ ଗୋପା ଗୁରୁ ଦ୍ୱିତୀୟ ସ୍ଥାନ ଏବଂ କାକରା ପିଠା ପ୍ରସ୍ତୁତକାରୀ ସୁନୀତା ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଖୁବ୍ ଦକ୍ଷତା ସମ୍ପନ୍ନ ତିନିଜଣିଆ ବିଚାରପତି ଯଥା:- ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତି, ପ୍ରଫେସର ଡକ୍ଟର ଅନ୍ନପୂର୍ଣ୍ଣା ପାଣ୍ଡେ ଓ ଡକ୍ଟର ନୀତା ମହାନ୍ତି ପ୍ରମୁଖ ବିଜେତା ମାନଙ୍କର ଚୟନ କରିଥିଲେ । ୨୦୧୬ ମସିହାରେ ପ୍ରତିଷ୍ଠିତ ଏବଂ କାଲିଫର୍ଣ୍ଣିଆର ଦୀପ୍ତି ମଲ୍ଲିକଙ୍କ ଦ୍ୱାରା ପରିଚାଳିତ 'ଶ୍ରୀ ଚକ୍ରଧର ମଲ୍ଲିକ ଫାଉଣ୍ଡେସନ ଫର ଓଡ଼ିଆ କଲଚର' ଦୀର୍ଘ ବର୍ଷ ଧରି ଆମେରିକାରେ ଓଡ଼ିଆ ବ୍ୟଞ୍ଜନକୁ ପ୍ରୋତ୍ସାହନ ଦେବା ନେଇ ଖୁବ୍ ପ୍ରଭାବଶାଳୀ ଭୂମିକା ନିର୍ବାହ କରିଆସୁଛି । ପ୍ରତ୍ୟେକ ଓଡ଼ିଆ ପକ୍ଷରେ ପିଠା କେବଳ ଏକ ଖାଦ୍ୟ ନୁହଁ । ଏହା ଆମର ମହାନ ପରମ୍ପରା, ଭାବପ୍ରବଣତା ଓ ପରିଚିତିର ଏକ ଜୀବନ୍ତ ଓ ଜାଜ୍ଜ୍ୱଲ୍ୟମାନ ଉଦାହରଣ । ପିଠା ପ୍ରତ୍ୟେକ ଓଡ଼ିଆକୁ ଏହାର



ବାଲ୍ୟକାଳ , ଜେଜେବାପା, ଜେଜେମାଙ୍କର ରୋଷେଇଶାଳା, ଗାଁର ଘର, ରଜ ପର୍ବ, ମାଣବସା ଗୁରୁବାର, ପ୍ରଥମାଷ୍ଟମୀ ଓ ଅନ୍ୟାନ୍ୟ ପାରିବାରିକ ମହୋତ୍ସବ ସମ୍ପର୍କରେ ଚେତାଇ ଦେଇଥାଏ । ଓଡ଼ିଶାଠାରୁ ସହସ୍ର ମାଇଲ ଦୂରରେ ଆମେରିକାରେ ରହିଲେ ମଧ ପିଠା, ଓଡ଼ିଆ ସମ୍ପ୍ରଦାୟକୁ ଏହାର ଭିଟାମାଟି ସହିତ ସଂଯୋଗ କରିଥାଏ । ଏଥରର ପିଠା ପ୍ରତିଯୋଗିତାକୁ ପ୍ରାୟୋଜନ କରି ଏସସିଏମଏଫଓସି ଓଡ଼ିଶାର ଏହି ଅନନ୍ୟ ବ୍ୟଞ୍ଜନ ପରମ୍ପରାକୁ ଆନ୍ତର୍ଜାତିକ ସ୍ତରରେ ସ୍ଥାପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଏସସିଏମଏଫଓସି ତରଫରୁ ଏକ ବିଜ୍ଞପ୍ତିରେ ସମସ୍ତ ପ୍ରତିଯୋଗୀ ମାନଙ୍କୁ ଧନ୍ୟବାଦ ଦିଆଯିବା ସହିତ ଅଂଶଗ୍ରହଣକାରୀ, ସ୍ୱେଚ୍ଛାସେବୀ, ବିଚାରପତି, ପ୍ରାୟୋଜକ ଏବଂ ଶୁଭେଚ୍ଛୁମାନଙ୍କୁ ସେମାନଙ୍କର ଯୋଗଦାନ ପାଇଁ କୃତଜ୍ଞତା ଅର୍ପଣ କରାଯାଇଛି । ବିଶେଷ କରି କାର୍ଯ୍ୟକ୍ରମର ଅଭୂତପୂର୍ବ ସଫଳତା ପାଇଁ ଫାଉଣ୍ଡେସନ, ମିନେସୋଟାର ସୁଦକ୍ଷ ଓଡ଼ିଆ ସଙ୍ଗଠକ ଚିନ୍ମୟୀ ପଣ୍ଡା, ଗୀତାଞ୍ଜଳି ଦାସ, ପୂର୍ଣ୍ଣିମା ଚୌଧୁରୀ ଏବଂ ମାନସ ଚୌଧୁରୀଙ୍କୁ ସ୍ୱତନ୍ତ୍ର ଭାବେ ଧନ୍ୟବାଦ ଅର୍ପଣ କରିଛି । ଆମେ ଯେତେବେଳେ ପିଠାର ପରମ୍ପରାକୁ ସୁରକ୍ଷିତ ଏବଂ ସଂରକ୍ଷିତ କରିବା ପାଇଁ ଉଦ୍ୟମ କରୁଛୁ, ତା' ଫଳରେ ଓଡ଼ିଶାର ଗପ, ପର୍ବପର୍ବାଣୀ, ପାରିବାରିକ ପରମ୍ପରା ଏବଂ ଆମର ନିଜସ୍ୱ ବିଶେଷତାର ମହନୀୟତାକୁ ମଧ ପରୋକ୍ଷରେ ପ୍ରତିପାଦିତ କରୁଛୁ । ପ୍ରତ୍ୟେକ ପିଠା ଓଡ଼ିଶାର ପ୍ରକୃତ ଓ ନିଆରା ସ୍ୱାଦର ସ୍ୱାକ୍ଷର ବହନ କରୁଥାଏ । ଏଣୁ ଆମର ଭବିଷ୍ୟତ ପୀଢ଼ି ଏହି ପରମ୍ପରାକୁ ବଜାୟ ରଖିବା ଓ ଏହାର ବର୍ଦ୍ଧନ କରିବା ନିହାତି ଜରୁରୀ । ଫାଉଣ୍ଡେସନ ଏହି କାଳଜୟୀ ପାରମ୍ପରିକ ବ୍ୟଞ୍ଜନ ପରମ୍ପରା ଓ ଐତିହ୍ୟକୁ ଭବିଷ୍ୟତ ପୀଢ଼ିକୁ ହସ୍ତାନ୍ତର କରିବା ନେଇ ଏହାର ପ୍ରତିବଦ୍ଧତାରେ ଦୃଢ଼ ପରିକର ଥିବା କୁହାଯାଇଛି । ଏସଏମଏଫଓସି ତରଫରୁ ଓସା ସମ୍ମିଳନୀକୁ ସମ୍ବୋଧନ କରି କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଅନ୍ନପୂର୍ଣ୍ଣା ପାଣ୍ଡେ, ଓଡ଼ିଆ ସଂସ୍କୃତିକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିବା ପାଇଁ ଫାଉଣ୍ଡେସନ ପ୍ରତିଜ୍ଞାବଦ୍ଧ ବୋଲି କହିଥିଲେ । ସାରା ବିଶ୍ୱର ଓଡ଼ିଆ ଯୁବ ସମ୍ପ୍ରଦାୟକୁ ନିଜର ମୂଳଭିତି ସହିତ ଯୋଡ଼ି ରହିବାକୁ ନିବେଦନ କରି ଡକ୍ଟର ପାଣ୍ଡେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ଇତିହାସ, ଐତିହ୍ୟ, ଭାଷା, ସାହିତ୍ୟ ଏବଂ ଗୁଣବତାକୁ ସୁରକ୍ଷିତ ରଖାଯିବା ଦିଗରେ ଜୋର ଦେଇଥିଲେ । ପିଠା ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ କେବଳ ଏକ ଖାଦ୍ୟ ପ୍ରତିଯୋଗିତା ହୋଇନପାରେ । ଏହା ପ୍ରକୃତ ପକ୍ଷେ ସାରା ବିଶ୍ୱରେ ବସବାସ କରୁଥିବା ଓଡ଼ିଆମାନଙ୍କ ମଧ୍ୟରେ ଏକ ସଂଯୋଗ ସ୍ଥାପନ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଦର୍ଶାଇ ଡକ୍ଟର ପାଣ୍ଡେ ଏହାଦ୍ୱାରା ଓଡ଼ିଶାର ଅନନ୍ୟ ଐତିହ୍ୟ ପୃଥିବୀର ବିଭିନ୍ନ ମହାଦେଶରେ ପହଂଚିବା ସହ ପୀଢ଼ି ପରେ ପୀଢ଼ି ଆମ ଓଡ଼ିଆମାନଙ୍କୁ ଉଦ୍‌ବୁଦ୍ଧ କରିବାରେ ସହାୟକ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

## ବାଲ୍‌ଡିହା ଡ୍ୟାମ୍‌ରେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ସେଡ୍, ପାନୀୟ ଜଳ ଓ ଶୌଚାଳୟ ନିର୍ମାଣ ପାଇଁ ଦାବି

ବାରିପଦା(ନିପ୍ର): ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ବାଲ୍‌ଡିହା ଡ୍ୟାମ୍‌ରେ ପର୍ଯ୍ୟଟକଙ୍କ ପାଇଁ ମୌଳିକ ସୁବିଧା ଯୋଗାଇ ଦେବାକୁ ଦାବି ଜୋର ଧରିଛି । ଏହି ପରିପ୍ରେକ୍ଷୀରେ ବୁଧବାର ଯୁବନେତା ତଥା ବାରିପଦା ପୌରପରିଷଦର କାଉନ୍‌ସିଲର ରାଜ୍ ଗୁପ୍ତା ମୟୂରଭଞ୍ଜ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ପରମେଶ୍ୱ ପାତ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ଏହି ଦାବି ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବାଲଡିହା ଡ୍ୟାମ୍ ପ୍ରକୃତିର ମନୋରମ ପରିବେଶ ପାଇଁ ବେଶ୍ ପରିଚିତ । ପ୍ରତିଦିନ ସ୍ଥାନୀୟ ଲୋକଙ୍କ ସହ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ, ପ୍ରକୃତିପ୍ରେମୀ ଏବଂ ପିକନିକ୍ କରିବା ପାଇଁ ଏଠାକୁ ଆସିଥାନ୍ତି । ବିଶେଷ କରି ଶନିବାର, ରବିବାର ଏବଂ ସରକାରୀ ଛୁଟିଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ବହୁଗୁଣିତ ହୋଇଥାଏ । ମାତ୍ର ସେଠାରେ ବିଶ୍ରାମ ସେଡ୍, ନିରାପଦ ପାନୀୟ ଜଳ ଏବଂ ସ୍ୱଚ୍ଛ ସାର୍ବଜନୀନ ଶୌଚାଳୟ ଭଳି ଅତ୍ୟାବଶ୍ୟକ ସୁବିଧା ନଥିବାରୁ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ବାଲ୍‌ଡିହା ଡ୍ୟାମ୍‌ରେ ଏକ ସ୍ଥାୟୀ ବିଶ୍ରାମ ସେଡ୍, ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ୱାଟର କିଓସ୍କ ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ ସହିତ ସାର୍ବଜନୀନ ଶୌଚାଳୟ ନିର୍ମାଣ କରିବାକୁ ଆବେଦନରେ ଅନୁରୋଧ କରାଯାଇଛି । ଏହି ସମସ୍ତ ସୁବିଧା ଉପଲବ୍ଧ ହେଲେ ପର୍ଯ୍ୟଟକଙ୍କ ଆରାମ, ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସୁରକ୍ଷା ବୃଦ୍ଧି ପାଇବା ସହ ବାଲ୍‌ଡିହା ଡ୍ୟାମ୍‌ର ପର୍ଯ୍ୟଟନ ବିକାଶକୁ ମଧ ବେଶ୍ ସହାୟକ ହେବ ବୋଲି ଶ୍ରୀ ଗୁପ୍ତା ଅଧିକ୍ଷଣ ଯନ୍ତ୍ରୀଙ୍କ ଠାରେ ଦାବି ରଖିଛନ୍ତି ।

## ମହାପାତ୍ର ହେଲଥ କେୟାର ନର୍ସିଂହୋମକୁ ସିଲ୍ କଲା ଜିଲ୍ଲା ପ୍ରଶାସନ

ସୋର(ନିପ୍ର): ସୋରରେ ଥିବା ମହାପାତ୍ର ହେଲ୍‌ଥ କେୟାର ଓ ନର୍ସିଂ ହୋମ ଉପରେ ଜିଲା ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ସିଲ୍ କରାଯିବା ସହିତ ନର୍ସିଂ ହୋମର ମାଲିକ ଓ ଜଣେ ସହଯୋଗୀକୁ ସୋର ପୋଲିସ ଅଟକ ରଖିଥିବା ଜଣାପଡିଛି । ଦୀର୍ଘଦିନ ଧରି ଏହି ନର୍ସିଂହୋମରେ ଭୃଣହତ୍ୟା ଓ ଲିଙ୍ଗନିରୂପଣ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗ ମୂଳେ ବାଲେଶ୍ୱର ଜିଲାପାଳ ସୁର୍ଯ୍ୟବଂଶୀ ମୟୁର ବିକାଶ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ସୋର ତହସିଲଦାର କୃଷ୍ଣ ମୋହନ ସିଂହ, ବାହାନଗା ତହସିଲଦାର ଓ ସୋର ପୁଲିସ ମିଳିତ ଭାବେ ଚଢ଼ାଉ କରିଥିଲେ । ଏହି ସମୟରେ ବିଭିନ୍ନ ଆପତିଜନକ ସାମଗ୍ରୀ ଜବତ ହେବା ସହିତ, କାଗଜପତ୍ର ଓ କର୍ମଚାରମାନଙ୍କ ଶିକ୍ଷାଗତ ଯୋଗ୍ୟତା ବାବଦରେ ଯାଂଚ କରାଯାଇଥିଲା । ପରେ ବିଭିନ୍ନ ମେସିନ ସମେତ ମହାପାତ୍ର ହେଲଥକେୟାର ଓ ମହାପାତ୍ର ନର୍ସିଂ ହୋମକୁ ସିଲ୍ କରାଯାଇଥିବା ଜଣାପଡିଛି । ସୂଚନାଯୋଗ୍ୟ ସୋରରେ ଏହି ଭଳି ଅନେକ ବେଆଇନ ନର୍ସିଂହୋମ ଖୋଲାଯାଇ ଗ୍ରାମାଂଚଳରୁ ଆସୁଥିବା ନୀରିହ, ଗରିବ ଲୋକଙ୍କୁ ଲୁଟୁଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।

## ବର୍ଷା ଦେଇଛି ରାସ୍ତା ଯନ୍ତ୍ରଣା

ନୂଆପଡ଼ା(ନିପ୍ର): ସହର ଭିତରେ କାଦୁଅ ରାସ୍ତା, ନୂଆପଡା ଜିଲ୍ଲା ଖଡ଼ିଆଳ ସହର ପୁଟୁପଡ଼ା ରାସ୍ତା ଯନ୍ତ୍ରଣା । ଆଣ୍ଠୁଏ କାଦୁଅ ସହ ବଡ଼ ବଡ଼ ବଡ଼ ଖାଲ ଦେଇ ହେଉଛି ଯାତାୟାତ । ଏହି ରାସ୍ତା ଦେଇ ମଡେଲ ଡିଗ୍ରୀ କଲେଜ, ସ୍କୁଲ ଅଙ୍ଗନୱାଡି କେନ୍ଦ୍ର, ଏଫ୍ ସି ଆଇ ଗୋଦାମ ସହ ଖଡ଼ିଆଳ ସହରକୁ ଯାତାୟାତ ହେଉଛି । ବର୍ଷାରେ ରାସ୍ତା ଆଣ୍ଠୁଏ କାଦୁଅ ରାସ୍ତା ରେ ଭରିଛି ଅବସ୍ଥା ବେହାଲ ହେଉଥିବାରୁ ପୁଟୁପଡା ବାସୀଙ୍କ ଯାତାୟାତ ସମସ୍ୟା ଦୁଇଗୁଣା ବଢ଼ିଯାଇଛି । ଏହି ରାସ୍ତା ଖଡ଼ିଆଳ ସିନାପାଲି ମୁଖ୍ୟ ରାସ୍ତାକୁ ଯୋଗାଯୋଗ କରୁଛି ଏହି ରାସ୍ତା ଖଡ଼ିଆଳ ଏନଏସି ଭିତରେ ଅନ୍ତର୍ଭୁକ୍ତ ଏଣୁ ଏଥି ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବୀ କରୁଛନ୍ତି ।

# ଏନଏସି ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲା ସଦର ମହକୁମା ସ୍ଥିତ ଏନଏସି ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ଖଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଲୁମିନି କମିଟି ସଭାପତି ଲକ୍ଷ୍ମୀଧର ମହାପାତ୍ର ଅତିଥି ଭାବେ ଯୋଗଦାନ କରି ବୃକ୍ଷ ରୋପଣ କରିବା ଦ୍ୱାରା ପ୍ରକୃତିର ଭାରସାମ୍ୟ ବଜାୟ ରହିବା ସହିତ ଆମେ ବିଶୁଦ୍ଧ ଅମ୍ଳଜାନ ପାଇ ପରିବା ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟ ପକ୍ଷରେ



ସମସ୍ତ ଛାତ୍ରଛାତ୍ରୀ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ସାମିଲ ହୋଇ ଗଛ ଲଗାଇବା ସହିତ ଏହାର ଯତ୍ନ ନେବା ଆବଶ୍ୟକ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ବୁଝା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ରଥ, ଭବାନୀ କୁମାରୀ ଆଚାର୍ଯ୍ୟ, ରୋଜାଲିନ ମିଶ୍ର, ନବଜ୍ୟୋତି ମହାପାତ୍ର, ସୁନିତା ନାୟକ, ସ୍ୱାଗତିକା ଦଳେଇ, ଇଲାଚା ମାଝୀ, ଉମାକାନ୍ତ ମିଶ୍ର, ଲକ୍ଷ୍ମୀଧର ସାହୁ, କାଦମ୍ବିନୀ କରଣ, ଉଷାରାଣୀ ପ୍ରଧାନ, ମାନସ ସାହୁ, ମଞ୍ଜିତ ଜେନା, ଚିତରଞ୍ଜନ ବେହେରା ପ୍ରମୁଖ ସହଯୋଗରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା । ଏଥିରେ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ଥିଲେ ।


## ଖଡ଼ଗପୁର ଡିଭିଜନରେ ଜଳ ବିକ୍ରୟ ମେସିନ୍ ଏବଂ ଏମ୍‌ପିଏସ୍ ଚୁକ୍ତିନାମା ପାଇଁ ଇ-ନିଲାମ ନୋଟିସ

ଇ-ନିଲାମ ନୋଟିସ ନମ୍ବର: କେଜିପି/ଏମ୍‌ପିଏସ୍ ଓ ଡବ୍ଲୁଭିଏମ୍/୨୦୨୬ ତା:୨୧.୦୫.୨୦୨୬

ଭାରତୀୟ ସଂଘର ସଭାପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ଡିଭିଜନର ବରିଷ୍ଠ ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର, ଖଡ଼ଗପୁର (୩), ବାଲେଶ୍ୱର (୨), ସାନ୍ତରାଗାଛି (୧), ମିଦନାପୁର (୧), ଘାଟଶିଳା (୧), ଝାରଗ୍ରାମ (୧), ଜଳେଶ୍ୱର (୧) ଏବଂ ହିଜଲି (୧) ଷ୍ଟେସନରେ ଜଳ ବିକ୍ରୟ ଯନ୍ତ୍ରର ସ୍ଥାପନ, ରକ୍ଷଣାବେକ୍ଷଣ ଏବଂ ପରିଚାଳନା ପାଇଁ ୦୫ (ପାଂଚ) ବର୍ଷ ପାଇଁ ଇ-ନିଲାମ କ୍ୟାଟାଲଗ୍ ପ୍ରକାଶ କରିଛନ୍ତି । କ୍ୟାଟାଲଗ୍ ନମ୍ବର: କେଜିପି-ଏମ୍‌ପିଏସ୍-୨୬-୦୩, ନିଲାମ ତାରିଖ: ୦୩.୦୬.୨୦୨୬, ନିଲାମ ଆରମ୍ଭ/ବନ୍ଦ ସମୟ: ୧୧:୦୦ ଏବଂ ୧୩:୧୦ ଘଂଟା । ଖଡ଼ଗପୁର (୧ନଂ.), ବାଲେଶ୍ୱର(୨ନଂ.), ସାନ୍ତରାଗାଛି(୧ନଂ.), ମିଦନାପୁର(୧ନଂ.), ଘାଟଶିଳା(୧ନଂ.), ଝାରଗ୍ରାମ(୧ନଂ.), ଜଳେଶ୍ୱର(୧ନଂ.), ହିଞ୍ଜିଳି(୧ନଂ.) ୦୩.୦୬.୨୦୨୬, ନିଲାମ ଆରମ୍ଭ / ବନ୍ଦ ସମୟ: ଯଥାକ୍ରମେ ୧୧:୦୦ ଏବଂ ୧୬:୫୦ ଘଂଟା, ଯାହାକୁ ସୂଚିତ କରାଯାଇଛି । https://www.ireps.gov.in/website. ଏଜେନ୍ସି/କେଟରିଂ ଠିକାଦାର ଏହାକୁ ଧାନ ଦିଅନ୍ତୁ ଏବଂ ଇ-ନିଲାମ ନୋଟିସ ବିଷୟରେ ବିବରଣୀ ଏବଂ ସମ୍ପର୍କିତ ସୂଚନା ପାଇଁ ଉପରେ ଉଲ୍ଲେଖିତ ୱେବସାଇଟ୍ ଦେଖନ୍ତୁ । ଯଦି କୌଣସି ପ୍ରଶ୍ନ/ସ୍ପଷ୍ଟୀକରଣ ଥାଏ, ଦୟାକରି ନିମ୍ନସ୍ୱାକ୍ଷରିତଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

(PR-451) ସିନିୟର ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର/କେଜିପି

ଦକ୍ଷିଣପୂର୍ବ ରେଳପଥ
ସହର୍ଷେ ସମସ୍ତଙ୍କ ସେବାରେ



## AFFIDAVIT

By virtue of an affidavit sworn before Executive Magistrate, Khaira dated 02.07.2026, I, Smt. Pramila Parida@Sasmita Mallik, aged about 44 years, W/o- Shashikanta Mallik, D/o- Bairagi Parida of Village- Chandratikara, Po- Rairamachandrapur, Ps- Oupada, Dist- Balasore declare that before marriage my name was Pramila Parida which has mentioned in my Matric Board Certificate accordingly I had opened Postal Life Insurance vide No. R.O.R-BN-EA-42016, but after marriage my nick name Sasmita Mallik mentioned in my Aadhar Card where my husband name and title mentioned instead of my correct name. Smt. Pramila Parida@Sasmita Mallick, W/o Sasikanta Mallik of Village- Chandratikara, Po- Rairamachandrapur, Ps- Oupada, Dist- Balasore is one and same person. Hence, this affidavit is swornd before Postal Authority for withdraw of my PLI maturity money.

Sd/-
Sasmita Mallik


# ନଦିଗାଁ ପଂଚାୟତରେ ପ୍ରସ୍ତାବିତ ମଦ ଦୋକାନକୁ ଜୋରଦାର ବିରୋଧ

ଧାମନଗର(ନିପ୍ର): ଧାମନଗର ବ୍ଲକ ଅଧୀନସ୍ଥ ନଦିଗାଁ ପଂଚାୟତରେ ପ୍ରସ୍ତାବିତ ସରକାରୀ ମଦ ଦୋକାନକୁ ବିରୋଧ କରି ଆନ୍ଦୋଳନ ଏବେ ଜନ ଆନ୍ଦୋଳନର ରୂପ ନେଇଛି । ଗୁରୁବାର ଦିନ ଶତାଧିକ ମହିଳା ଓ ପୁରୁଷ ଭଦ୍ରକ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଂଚି ଜିଲ୍ଲା ପ୍ରଶାସନଙ୍କ ଉଦ୍ଦେଶ୍ୟରେ ଏଡିଏମ୍ ରବିନାରାୟଣ ସାହୁ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହାପରେ ସେମାନେ ପଦଯାତ୍ରା ରେ ବାହାରି ଭଦ୍ରକ ଏସ୍‌ପି ମନୋଜ ରାଉତ ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲି କରି ସେଠାରେ ମଧ



ଦାବିପତ୍ର ଦେଇଥିଲେ । ପରେ ଜିଲ୍ଲା ଅବକାରୀ କାର୍ଯ୍ୟାଳୟରେ ପହଂଚି ଅବକାରୀ ବିଭାଗର ଅଧିକାରୀଙ୍କୁ ମଧ ସ୍ମାରକପତ୍ର ପ୍ରଦାନ କରିଥିଲେ । ଆନ୍ଦୋଳନକାରୀଙ୍କ ଗୋଟିଏ ସ୍ୱର 'ଆମ ପଂଚାୟତରେ କୌଣସି ପରିସ୍ଥିତିରେ ମଦ ଦୋକାନ ଖୋଲିବାକୁ ଦିଆଯିବ ନାହିଁ ।' ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଯେଉଁ ସ୍ଥାନରେ ମଦ ଦୋକାନ ଖୋଲିବା ପାଇଁ ପ୍ରସ୍ତାବ ରହିଛି, ସେହି ସ୍ଥାନର ୨୦୦ ମିଟର ମଧ୍ୟରେ ଏକ ଶିଶୁମନ୍ଦିର, ପଂଚାୟତ କାର୍ଯ୍ୟାଳୟ ଓ ଆରଆଇ କାର୍ଯ୍ୟାଳୟ ଅବସ୍ଥିତ । ଏହା ଗ୍ରାମର ମଧ୍ୟଭାଗ ହୋଇଥିବାରୁ ପ୍ରତିଦିନ ମହିଳା, ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ଯାତାୟାତ ଲାଗି ରହିଥାଏ । ଏପରି ସମ୍ବେଦନଶୀଳ ସ୍ଥାନରେ ମଦ ଦୋକାନ ଖୋଲିଲେ ସାମାଜିକ ପରିବେଶ ବ୍ୟାହତ ହେବା ସହ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଉପରେ ପ୍ରଭାବ ପଡ଼ିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଆନ୍ଦୋଳନରେ ସାମିଲ ମହିଳାମାନେ କହିଥିଲେ, 'ଗାଁର ମଝିରେ ମଦ ଦୋକାନ ଖୋଲିବା ମାନେ ଆମ ହାଣ୍ଡିଶାଳରେ ମଦ ଦୋକାନ ଖୋଲିବା ସହ ସମାନ । ଏହାକୁ ଆମେ କେବେ ବି ସହ୍ୟ କରିବୁ ନାହିଁ । 'ପ୍ରଶାସନ ଯଦି ଏହି ପ୍ରସ୍ତାବିତ ମଦ ଦୋକାନକୁ ବାତିଲ୍ ନକରନ୍ତି, ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଏହି ଜନ ଆନ୍ଦୋଳନ ମଧ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଉଡ଼ନ୍ତା ରେଳ ଓଭରବ୍ରିଜ ତଳୁ ଜବର ଦଖଲ ହଟାଇବାକୁ ଚେତାବନୀ

ସୋର(ନିପ୍ର): ସୋର ତହସିଲଦାରଙ୍କ ତରଫରୁ ଉଡ଼ନ୍ତା ରେଳ ଓଭରବ୍ରିଜ୍ ତଳେ ଜବର ଦଖଲ କରି ଦୋକାନ କରିଥିବା ବ୍ୟକ୍ତିମାନଙ୍କୁ ଦୁଇଦିନ ଭିତରେ ହଟିଯିବାକୁ ନୋଟିସ୍ ଜାରି କରାଯାଇଛି । ଏଥି ସହିତ ବ୍ରିଜ ତଳେ ବେଆଇନ ଭାବେ ପାର୍କିଂ କରୁଥିବା ଗାଡ଼ିଗୁଡ଼ିକ ହଟାଇବା ପାଇଁ ଆରଟିଓଙ୍କୁ ଅବଗତ କରାଯାଇଛି । ଗତ କିଛିଦିନ ହେଲା କେତେକ ଉଠା ଦୋକାନୀ ସେମାନଙ୍କ ପସରା ମେଲାଇ ରାସ୍ତା ଅବରୋଧ କରୁଥିବା ଫଳରେ ଅଧିକାଂଶ ସମୟରେ ଟ୍ରଫିକ ଜାମ୍ ହେଉଥିବା କାରଣରୁ ଜନଶୁଣାଣି ବେଳେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ପ୍ରକାଶ ଥାଉକି ଗତବର୍ଷ ଏହି ବ୍ରିଜ୍ ତଳେ ସମସ୍ତ ବ୍ୟବସାୟୀଙ୍କୁ ହଟାଇ ଦିଆଯାଇଥିଲେ ବି ପୁନଶ୍ଚ ଏହି ବ୍ୟବସାୟୀମାନେ ଅବରୋଧ କରିବାରେ ଲାଗିଛନ୍ତି । ଏଥି ସହିତ ବ୍ରିଜ୍‌ର ପୂର୍ବ ତରଫ ଗୋଶାଳା ପାଖରେ ବସୁଥିବା ପରିବା ବ୍ୟବସାୟୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉ ନଥିବାରୁ ଷ୍ଟେସନକୁ ଲାଗିଥିବା ଏହି ରାସ୍ତା ସବୁ ସମୟରେ ଜାମ୍ ରହି ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, BALASORE

No. 25001/645/2627

**e-procurement Notice**

Bid Identyfication No e-Procurement No. 4/SERW/BLS-II/2026-27

Estimated Cost :- As specified in column 3 of Annexure
Cost of Tender Paper through online :- As specified in column 6 of Annexure
Class of Contrator :- As specified in column 7 of Annexure
Time of Completion :- As specified in column 8 of Annexure
Other Details:- :- As per DTCN

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening the Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Balasore | ETCN-4/SERW BLS-II /2026-27 | 13.07.2026 at 5.00 PM | 27.07.2026 at 5.00 PM | 26.07.2026 Upto 5.00 PM | 28.07.2026 at 11.00 AM |

Further details can be seen from the web site www.tendersorissa.gov.in

OIPR. 25001/25052/1/26-27/0004

Sd/-
Superintending Engineer
R.W. Division-II, Balasore



## AFFIDAVIT

By virtue of an affidavit sworn before Executive Magistrate, Balasore dated 16.06.2026 I, Priyanka Mahalik, aged 26 years, D/o- Manaranjan Mahalik, residing At- Udaynagar, Po- Angargadia, Ps- Industrial, Dist- Balasore declare that I have changed my name from Manisha Mahalik to Priyanka Mahalik. Henceforth, I shall be known as Priyanka Mahalik for all purposes.

Sd/-
Priyanka Mahalik





ବିଶ୍ୱର ସବୁଠୁ ପୁରୁଣା ଯନ୍ତ୍ରର ନାମ ହେଉଛି ଷଡଯନ୍ତ୍ର । ଯୁଗଯୁଗ ଧରି ଏହା ଚାଲୁଛି । ମରାମତି ଆଦୌ ଖୋଜୁନି । (ସନ୍ଥ ତୁକାରାମ)

# ଆଜିକାଲି



*ତସ୍ୟ ସଂଜନୟନ୍ ହର୍ଷଂ କୁରୁବୃଦ୍ଧଃ ପିତାମହଃ ।
ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍*
*(ଶ୍ରୀମଦ୍ ଭଗବଦ୍ ଗୀତା)*

ଭାବାର୍ଥ : ଦ୍ରୋଣାଚାର୍ଯ୍ୟଙ୍କୁ ରାଜା ଦୁର୍ଯ୍ୟୋଧନ ଏହିପରି କହିବା ପରେ କୌରବକୁଳର ବୃଦ୍ଧ ମହାପ୍ରତାପୀ ପିତାମହ ଭୀଷ୍ମ ଦୁର୍ଯ୍ୟୋଧନଙ୍କର ହୃଦୟରେ ହର୍ଷ ଉତ୍ପନ୍ନ କରାଇ ଉଚ୍ଚସ୍ୱରରେ ସିଂହନାଦ ପରି ଗର୍ଜନ କରି ଶଙ୍ଖ ବଜାଇଲେ ।

## ସୀମା ଟପୁଛି ଅପରାଧ

ଓଡିଶାର ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ଏବଂ ନୂଆ ନୂଆ ଅପରାଧିକ ଆହ୍ୱାନ ଯଥା ସାଇବର ଅପରାଧ ଓ ଆନ୍ତଃରାଜ୍ୟ ମାଫିଆଙ୍କ ପ୍ରାଦୁର୍ଭାବ ବଢୁଥିବା ସମୟରେ, ପୋଲିସ ବାହିନୀରେ ୩୦,୦୦୦ ପଦବୀ ଖାଲି ରହିବ । କେବଳ ଦୁର୍ଭାଗ୍ୟଜନକ ନୁହେଁ, ବରଂ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥା ସହ ଏକ ବଡ ଖେଳାଖେଳି ବୋଲି କୁହାଯାଇପାରେ । ରାଜ୍ୟର ପ୍ରତିଟି ଥାନାରେ ଆବଶ୍ୟକ ସଂଖ୍ୟକ କନ୍‌ଷ୍ଟେବଳ, ସବ୍- ଇନ୍ସପେକ୍ଟର ଏବଂ ସହାୟକ ଅଧିକାରୀ ନାହାନ୍ତି, ଯାହାଫଳରେ ଗୋଟିଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ ମାସ ମାସ ଧରି ଅଟକି ରହୁଛି ଏବଂ ଅପରାଧୀମାନେ ଖୋଲାଖୋଲି ଭାବେ ବୁଲିବାକୁ ସାହସ ପାଉଛନ୍ତି । ପୋଲିସର ଉପସ୍ଥିତି ନଗଣ୍ୟ ଥିବା ଯୋଗୁଁ ଅସାମାଜିକ ତତ୍ୱମାନେ ବିନା କୌଣସି ଭୟରେ ସାଧାରଣ ଲୋକଙ୍କୁ ହଇରାଣ କରୁଛନ୍ତି, ଏବଂ ବିଶେଷ କରି ଗ୍ରାମାଂଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଜଣେ ପୋଲିସ କର୍ମଚାରୀଙ୍କୁ ନିଜର ନିର୍ଦ୍ଧାରିତ ସମୟଠାରୁ ଦୁଇଗୁଣା ଅଧିକ ସମୟ କାମ କରିବାକୁ ପଡୁଛି, ଯାହାଫଳରେ ସେମାନଙ୍କ କାର୍ଯ୍ୟଦକ୍ଷତା ଉପରେ ଏହାର ସିଧାଳସଳଖ ପ୍ରଭାବ ପଡୁଛି ଏବଂ ଜନସାଧାରଣଙ୍କ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ଭବ ହେଉନାହିଁ । ଡିଜିପିଙ୍କ ବୟାନରୁ ସ୍ପଷ୍ଟ ଯେ ବର୍ତ୍ତମାନର ସରକାର ଏହି ସମସ୍ୟାର ଗମ୍ଭୀରତାକୁ ବୁଝିଥିବା, କିନ୍ତୁ କେବଳ 'ଖୁବଶୀଘ୍ର ପୂରଣ ହେବ' ବୋଲି କହି ପ୍ରଶାସନ ନିଜ ଦାୟିତ୍ୱରୁ ମୁକ୍ତ ହୋଇପାରିବ ନାହିଁ ବରଂ ଏଥିପାଇଁ ଏକ ଜରୁରୀକାଳୀନ ଏବଂ ସମୟବଦ୍ଧ ଯୋଜନା ପ୍ରସ୍ତୁତ କରି ଯୁଦ୍ଧକାଳୀନ ଭିତିରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ଆବଶ୍ୟକ । ରାଜ୍ୟର ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ଦୁଦୂର ମାଲକାନଗିରି ପର୍ଯ୍ୟନ୍ତ ସବୁଠି ଗୋଟିଏ ଚିତ୍ର ଦେଖିବାକୁ ମିଳୁଛି । ଯେଉଁଠି ଥାନାଗୁଡିକରେ କର୍ମଚାରୀଙ୍କ ଅଭାବ ଯୋଗୁଁ ସାଧାରଣ ଲାକେ ନ୍ୟାୟା ପାଇଁ ଦ୍ୱାର ବୁଲି ନିରାଶ ହେଉଛନ୍ତି । ଏଭଳି ପରିସ୍ଥିତିରେ ଯଦି ତୁରନ୍ତ ପଦକ୍ଷେପ ନିଆନଯାଏ, ତେବେ ଓଡିଶାରେ ଆଇନର ଶାସନ ସମ୍ପୂର୍ଣ୍ଣ ଭୁଷୁଡି ପଡିବ ଏବଂ ଜନସାଧାରଣଙ୍କ ମଧ୍ୟରେ ପୋଲିସ ପ୍ରତି ଥିବା ବିଶ୍ୱାସ ତୁଟିଯିବ । ପୋଲିସ ଫୋର୍ସର ବଳ ବୃଦ୍ଧି ନକରି ଅପରାଧମୁକ୍ତ ଓଡିଶା ଗଠନ କରିବାର ସ୍ୱପ୍ନ କେବଳ ଏକ ପ୍ରହସନ ମାତ୍ର, ତେଣୁ ସରକାର କୌଣସି ଆଳ ନଦେଖାଇ ତୁରନ୍ତ ଏହି ୩୦,୦୦୦ରୁ ଅଧିକ ଖାଲି ପଦବୀରେ ଯୋଗ୍ୟ ଯୁବକଯୁବତୀଙ୍କୁ ନିଯୁକ୍ତି ଦେଇ ରାଜ୍ୟର ସୁରକ୍ଷା ବଳୟକୁ ସୁଦୃଢ କରନ୍ତୁ, ଯାହାଦ୍ୱାରା ବଢୁଥିବା ଅପରାଧ ଏବଂ ଅପ୍ରୀତିକର ପରିସ୍ଥିତିକୁ କଠୋର ହସ୍ତରେ ଦମନ କରାଯାଇପାରିବ ଏବଂ ଓଡିଶାବାସୀ ଶାନ୍ତିରେ ନିଶ୍ୱାସ ମାରିପାରିବେ । ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା କରିବା ସରକାରଙ୍କ ସର୍ବପ୍ରଥମ ଓ ସର୍ବୋଚ୍ଚ କର୍ତ୍ତବ୍ୟ ହେବା ଉଚିତ, ଏବଂ ଏଥିରେ କୌଣସି ପ୍ରକାରର ଅବହେଳା କ୍ଷମାଯୋଗ୍ୟ ନୁହେଁ । ବିଗତ କିଛି ବର୍ଷ ମଧ୍ୟରେ ରାଜ୍ୟରେ ଯେଉଁଭଳି ଭାବରେ ସାଇବର ଠକେଇ, ନିଶା କାରବାର ଏବଂ ସଂଗଠିତ ଅପରାଧ ବୃଦ୍ଧି ପାଇଛି, ତାହାକୁ ରୋକିବା ପାଇଁ ପୋଲିସର ବୈଷୟିକ ଏବଂ ମାନବ ସମ୍ବଳର ବିକାଶ ନିହାତି ଜରୁରୀ । କିନ୍ତୁ ଯେଉଁଠି ମୌଳିକ ସ୍ତରରେ ହିଁ କର୍ମଚାରୀଙ୍କର ଏତେ ବଡ ଅଭାବ ରହିଛି, ସେଠାରେ ଆଧୁନିକୀକରଣ କେବଳ କାଗଜପତ୍ରରେ ସୀମିତ ରହିଯିବା ସ୍ୱାଭାବିକ । ପ୍ରତି ବର୍ଷ ହଜାର ହଜାର ପୋଲିସ କର୍ମଚାରୀ ଅବସର ଗ୍ରହଣ କରୁଥିଲେ ମଧ୍ୟ ସେହି ଅନୁପାତରେ ନୂତନ ନିଯୁକ୍ତି ନହେବା ପ୍ରଶାସନିକ ସ୍ଥାଣୁତାର ଚରମ ନିଦର୍ଶନ । ଏହି ଚାପ ଜନିତ କାରଣରୁ ଅନେକ ସମୟରେ ପୋଲିସ କର୍ମଚାରୀମାନେ ନିଜର ଧୈର୍ଯ୍ୟ ହରାଉଛନ୍ତି ଏବଂ ସାଧାରଣ ଜନତାଙ୍କ ସହ ସେମାନଙ୍କର ବ୍ୟବହାର ମଧ୍ୟ ରୁକ୍ଷ ହେଉଛି, ଯାହା ପୋଲିସର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରୁଛି । ଯଦି ଜଣେ କର୍ମଚାରୀଙ୍କୁ ବିନା ବିଶ୍ରାମରେ କ୍ରମାଗତ ଭାବରେ କାର୍ଯ୍ୟ କରିବାକୁ ପଡିବ, ତେବେ ତାଙ୍କ ଠାରୁ ସଠିକ୍ ଓ ନିରପେକ୍ଷ ତଦନ୍ତ ଆଶା କରିବା ବୃଥା । ଗୋଟିଏ ପଟେ ରାଜ୍ୟରେ ବେକାରୀ ସମସ୍ୟା ବଢୁଥିବା ବେଳେ ଅନ୍ୟପଟେ ପୋଲିସ ବିଭାଗରେ ଏତେ ସଂଖ୍ୟାକ ପଦବୀ ଖାଲି ପଡିବା ସରକାରଙ୍କ ନୀତି ଓ ନିୟତ ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଅପରାଧମୁକ୍ତ ଏବଂ ଭୟମୁକ୍ତ ସମାଜ ଗଠନ ପାଇଁ ପୋଲିସ ବାହିନୀକୁ ସର୍ବଦା ଶକ୍ତିଶାଳୀ ଏବଂ ସଜାଗ ରଖିବାକୁ ହେବ । ପୋଲିସ ମହାନିର୍ଦ୍ଦେଶକ ଏହି ଘୋଷଣା କେବଳ ଏକ ଆଶ୍ୱାସନା ହୋଇ ରହିନଯାଉ ବରଂ ଏହାକୁ ବାସ୍ତବତାରେ ରୂପାନ୍ତରିତ କରିବା ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ ପାଇବା ସହ ସ୍ୱଚ୍ଛ ଓ ଦ୍ରୁତ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବା ଆବଶ୍ୟକ ।

# ବିଶ୍ୱ ବଜାରରେ ବ୍ରହ୍ମୋସ୍ : ପ୍ରତିରକ୍ଷା ରପ୍ତାନୀ କ୍ଷେତ୍ରରେ ଭାରତର ଉଦୟ



◆ଡ.ସମନ୍ୱୟ ନନ୍ଦ

ଏକ ସମୟ ଥିଲା, ଯେତେବେଳେ ଭାରତକୁ ବିଶ୍ୱର ସର୍ବବୃହତ୍ ପ୍ରତିରକ୍ଷା ସାମଗ୍ରୀ ଆମଦାନୀକାରୀ ଦେଶମାନଙ୍କ ମଧ୍ୟରେ ଗଣନା କରାଯାଉଥିଲା । ଆଧୁନିକ ଅସ୍ତ୍ରଶସ୍ତ୍ର, କ୍ଷେପଣାସ୍ତ୍ର, ଯୁଦ୍ଧ ବିମାନ ଏବଂ ପ୍ରତିରକ୍ଷା ପ୍ରଣାଳୀ ପାଇଁ ଭାରତ ମୁଖ୍ୟ ଭାବେ ଆମେରିକା, ରୁଷ, ଫ୍ରାନ୍ସ ଓ ଇସ୍ରାଏଲ ଭଳି ଦେଶମାନଙ୍କ ଉପରେ ନିର୍ଭରଶୀଳ ଥିଲା । କିନ୍ତୁ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପର ଠାରୁ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଛି । ଗତ ଏକ ଦଶନ୍ଧି ମଧ୍ୟରେ ଏହି ପରିସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଦେଖିବାକୁ ମିଳିଛି । 'ମେକ୍ ଇନ୍ ଇଣ୍ଡିଆ', 'ଆତ୍ମନିର୍ଭର ଭାରତ' ଅଭିଯାନ ଏବଂ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ବେସରକାରୀ କ୍ଷେତ୍ରର ଭୂମିକା ମଧ୍ୟ ବଢିଛି । ଏହି ସବୁ କାରଣ ଯୋଗୁ ଭାରତ ଆମଦାନୀକାରୀରୁ ରପ୍ତାନିକାରୀ ଦେଶରେ ପରିଣତ କରିବା ଦିଗରେ ଅଗ୍ରସର ହେଉଛି । ନିକଟ ଅତୀତରେ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ବିଶ୍ୱବ୍ୟାପୀ ଚାହିଦା ବୃଦ୍ଧି, ଦକ୍ଷିଣ-ପୂର୍ବ ଏସିଆରୁ ଆରମ୍ଭ କରି ଉପସାଗରୀୟ ଦେଶଗୁଡ଼ିକ ପର୍ଯ୍ୟନ୍ତ ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ପ୍ରତି ବଢୁଥିବା ଆଗ୍ରହ ଏବଂ ପ୍ରତିରକ୍ଷା ରପ୍ତାନିରେ ବହୁଗୁଣ ବୃଦ୍ଧି ଏହି ପରିବର୍ତ୍ତନର ସ୍ପଷ୍ଟ ପ୍ରମାଣ ଅଟେ । ଯଦି ଆମେ ବିଶ୍ଳେଷଣ କରିବା ତେବେ ଜାଣି ପାରିବା ଯେ, ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଭାରତର ପ୍ରତିରକ୍ଷା ରପ୍ତାନିର ସବୁଠାରୁ ବଡ଼ ସଫଳତା ଭାବେ ଉଭା ହୋଇଛି । ଫିଲିପାଇନ୍ସକୁ ଏହାର ସଫଳ ଯୋଗାଣ ପରେ ବର୍ତ୍ତମାନ ଭିଏତନାମ ସହ ଏହାର ରପ୍ତାନି ଚୁକ୍ତି ସମ୍ପନ୍ନ ହୋଇଥିବାବେଳେ ଇଣ୍ଡୋନେସିଆ ସହ ମଧ୍ୟ ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ଥିବା ସୂଚନା ମିଳୁଛି । ଏହା ବ୍ୟତୀତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସହ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଏବଂ 'ଆକାଶତୀର' ବାୟୁ ପ୍ରତିରକ୍ଷା ପ୍ରଣାଳୀର ରପ୍ତାନିକୁ ନେଇ ମଧ୍ୟ ଆଲୋଚନା ଜାରି ରହିଛି । ଏହା ସ୍ପଷ୍ଟ କରୁଛି ଯେ, ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ଆଉ କେବଳ ଦେଶୀୟ ଆବଶ୍ୟକତା ପୂରଣରେ ସୀମିତ ନୁହେଁ; ବରଂ ବିଶ୍ୱ ପ୍ରତିରକ୍ଷା ବଜାରରେ ମଧ୍ୟ ସେଗୁଡ଼ିକ ନିଜର ବିଶ୍ୱସନୀୟତା ଓ ସାମର୍ଥ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି । ଭାରତର ପ୍ରତିରକ୍ଷା ରପ୍ତାନିରେ ଦ୍ରୁତ ଅଭିବୃଦ୍ଧିର ସବୁଠାରୁ ମୁଖ୍ୟ କାରଣ ହେଉଛି ଏହାର ସ୍ୱଦେଶୀ ଉତ୍ପାଦନ କ୍ଷମତା । ଗତ କିଛି ବର୍ଷ ମଧ୍ୟରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ), ସରକାରୀ କ୍ଷେତ୍ରର ଉଦ୍ୟୋଗ ଏବଂ ବେସରକାରି କମ୍ପାନିମାନେ ଆଧୁନିକ ଅସ୍ତ୍ରଶସ୍ତ୍ର, ରାଡାର, କ୍ଷେପଣାସ୍ତ୍ର, ଡ୍ରୋନ୍, ତୋପ, ଗୋଳାବାରୁଦ ଏବଂ ଇଲେକ୍ଟ୍ରୋନିକ୍ ଯୁଦ୍ଧ ପ୍ରଣାଳୀର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସରକାର ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ବେସରକାରି ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା ସହ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ସମ୍ବନ୍ଧୀୟ ନିୟମକୁ ସରଳ କରିଛନ୍ତି ଏବଂ ସ୍ୱଦେଶୀ ଶିଳ୍ପକୁ ଅଗ୍ରାଧିକାର ଦେଉଥିବା ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିଛନ୍ତି । ଏହାର ପରିଣାମସ୍ୱରୂପ, ଦେଶରେ ପ୍ରତିରକ୍ଷା ଉତ୍ପାଦନ ପାଇଁ ଏକ ସୁଦୃଢ଼ ଏବଂ ବ୍ୟାପକ ଔଦ୍ୟୋଗିକ ଭିତିଭୂମି ଗଢ଼ିଉଠିଛି । ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ସଫଳତା କେବଳ ଏକ ପ୍ରଯୁକ୍ତିଗତ ଉପଲବ୍ଧିରେ ସୀମିତ ନୁହେଁ; ବରଂ ଏହା ଭାରତର ରଣନୈତିକ ବିଶ୍ୱସନୀୟତାର ମଧ୍ୟ ଏକ ପ୍ରତୀକରେ ପରିଣତ ହୋଇଛି । ଧ୍ୱନିର ବେଗଠାରୁ ପ୍ରାୟ ତିନିଗୁଣ ଅଧିକ ଗତି, ଉଚ୍ଚ ଲକ୍ଷ୍ୟଭେଦୀ କ୍ଷମତା ଏବଂ ସ୍ଥଳ, ସମୁଦ୍ର ଓ ଆକାଶ—ଏହି ତିନୋଟି ପ୍ଲାଟଫର୍ମରୁ ପ୍ରକ୍ଷେପଣ କରିବାର କ୍ଷମତା ବ୍ରହ୍ମୋସ୍‌କୁ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରମାନଙ୍କ ମଧ୍ୟରେ ସ୍ଥାନ ଦେଇଛି । ଭାରତୀୟ ସଶସ୍ତ୍ର ବାହିନୀରେ ଏହାର ସଫଳ ବ୍ୟବହାର ଏବଂ ବାସ୍ତବ ପରିସ୍ଥିତିରେ ଏହାର ପ୍ରମାଣିତ କାର୍ଯ୍ୟକ୍ଷମତା ବିଦେଶୀ ଦେଶମାନଙ୍କର ଆସ୍ଥାକୁ ଆହୁରି ସୁଦୃଢ଼ କରିଛି । ଏହି କାରଣରୁ ବର୍ତ୍ତମାନ ବିଶ୍ୱର ଅନେକ ଦେଶ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର କ୍ରୟ କରିବା ପ୍ରତି ଗଭୀର ଆଗ୍ରହ ପ୍ରକାଶ କରୁଛନ୍ତି । ପ୍ରତିରକ୍ଷା ସାମଗ୍ରୀର ରପ୍ତାନି କେବଳ ଏକ ଆର୍ଥିକ କାର୍ଯ୍ୟକଳାପରେ ସୀମିତ ନୁହେଁ; ବରଂ ଏହା ଧୀରେ ଧୀରେ ଭାରତର କୂଟନୀତିର ଏକ ପ୍ରଭାବଶାଳୀ ମାଧ୍ୟମରେ ପରିଣତ ହେଉଛି । ଫିଲିପାଇନ୍ସ, ଭିଏତନାମ ଏବଂ ଇଣ୍ଡୋନେସିଆ ଭଳି ଦେଶଗୁଡ଼ିକୁ ପ୍ରତିରକ୍ଷା ସାମଗ୍ରୀ ଯୋଗାଇ ଭାରତ ଇଣ୍ଡୋ-ପାସିଫିକ୍ ଅଂଚଳରେ ନିଜର ରଣନୈତିକ ଭାଗୀଦାରିକୁ ଆହୁରି ସୁଦୃଢ଼ କରୁଛି । ସେହିପରି, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭଳି ଉପସାଗରୀୟ ଦେଶମାନଙ୍କ ସହ ସମ୍ଭାବ୍ୟ ପ୍ରତିରକ୍ଷା ସହଯୋଗ ଭାରତର ପଶ୍ଚିମ ଏସିଆ ନୀତିକୁ ନୂତନ ଶକ୍ତି ପ୍ରଦାନ କରୁଛି । ଏହାର ପରିଣାମସ୍ୱରୂପ, ଭାରତର ବିଦେଶ ନୀତିରେ ପ୍ରତିରକ୍ଷା ସହଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଉଭା ହେଉଛି । ଭାରତର ପ୍ରତିରକ୍ଷା ରପ୍ତାନିରେ ବୃଦ୍ଧିର ଏକ ପ୍ରମୁଖ କାରଣ ହେଉଛି ଭାରତୀୟ ପ୍ରତିରକ୍ଷା ସାମଗ୍ରୀର ବ୍ୟୟ-ପ୍ରଭାବଶାଳୀତା (କଷ୍ଟ ଏଫେକ୍ଟିଭନେସ) । ପଶ୍ଚିମ ଦେଶଗୁଡ଼ିକର ପ୍ରତିରକ୍ଷା ପ୍ରଣାଳୀ ତୁଳନାରେ ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ଅପେକ୍ଷାକୃତ କମ୍ ମୂଲ୍ୟରେ ଉପଲବ୍ଧ ହେଉଥିବାବେଳେ, ସେଗୁଡ଼ିକର ଗୁଣବତା, କାର୍ଯ୍ୟକ୍ଷମତା ଏବଂ ପ୍ରଯୁକ୍ତିଗତ ମାନ ଆନ୍ତର୍ଜାତିକ ସ୍ତରରେ ପ୍ରତିଯୋଗିତାମୂଳକ ରହିଛି । ବିଶେଷକରି ବିକାଶଶୀଳ ଦେଶମାନଙ୍କ ପାଇଁ ଏହା ଏକ ଆକର୍ଷଣୀୟ ଓ ବ୍ୟବହାରିକ ବିକଳ୍ପ ଭାବେ ଉଭା ହୋଇଛି । ଏହି କାରଣରୁ ଏସିଆ, ଆଫ୍ରିକା ଏବଂ ପଶ୍ଚିମ ଏସିଆର ଅନେକ ଦେଶ ଭାରତକୁ ଏକ ବିଶ୍ୱସନୀୟ ପ୍ରତିରକ୍ଷା ସହଭାଗୀ ଭାବେ ଦେଖୁଛନ୍ତି । ଭାରତରେ ବ୍ରହ୍ମୋସ୍ ଭଳି ପ୍ରଣାଳୀଗୁଡ଼ିକର ଅଧିକ ମାତ୍ରାରେ ଉତ୍ପାଦନ ଆରମ୍ଭ ହେବା ମଧ୍ୟ ରପ୍ତାନିକୁ ବଢାଇବା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମ ଦେଶର ସେନା ଆବଶ୍ୟକତା ସହିତ ସହ, ବିଦେଶୀ ଅର୍ଡରଗୁଡ଼ିକୁ ପୂରଣ କରିବା ପାଇଁ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରାଯାଉଛି । ଏହା ଫଳରେ କେବଳ ଯେ ସମୟୋଚିତ ଯୋଗାଣ ସମ୍ଭବ ହେବ ତା ନୁହେଁ, ବରଂ ବିଶ୍ୱ ବଜାରରେ ଭାରତର ବିଶ୍ୱସନୀୟତା ମଧ୍ୟ ଆହୁରି ସୁଦୃଢ଼ ହେବ । ବଢୁଥିବା ଉତ୍ପାଦନ କ୍ଷମତା ଭବିଷ୍ୟତରେ ବଡ଼ ରପ୍ତାନି ଚୁକ୍ତି ହାସଲ କରିବାରେ ସହାୟକ ହେବ । ପ୍ରତିରକ୍ଷା ରପ୍ତାନିରେ ଆର୍ଥିକ ଲାଭ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଦେଶରେ ଉଚ୍ଚ ପ୍ରଯୁକ୍ତି ଆଧାରିତ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଥାଏ, ହଜାର ହଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଚାକିରି ସୃଷ୍ଟି କରେ, ଗବେଷଣା ଓ ବିକାଶରେ ନିବେଶ ବୃଦ୍ଧି କରେ ଏବଂ ବିଦେଶୀ ମୁଦ୍ରା ଅର୍ଜନ କରିବାରେ ସହାୟକ ହୁଏ । ପ୍ରତିରକ୍ଷା ଶିଳ୍ପର ବିସ୍ତାର ଫଳରେ ଏମଏସଏମଇ, ଷ୍ଟାର୍ଟଅପ୍ ଏବଂ ବେସରକାରି କମ୍ପାନୀମାନଙ୍କ ପାଇଁ ମଧ୍ୟ ନୂତନ ସୁଯୋଗ ସୃଷ୍ଟି ହେଉଛି । ଏହା ଫଳରେ ସମଗ୍ର ପ୍ରତିରକ୍ଷା ଯୋଗାଣ ଶୃଙ୍ଖଳ ସୁଦୃଢ଼ ହେଉଛି ଏବଂ ଭାରତର ଔଦ୍ୟୋଗିକ ଭିତିଭୂମି ଆହୁରି ବ୍ୟାପକ ହେଉଛି । ତେବେ ଏହାକୁ ନେଇ ଭାରତ ସମ୍ମୁଖରେ ଅନେକ ଚ୍ୟାଲେଞ୍ଜ ମଧ୍ୟ ରହିଛି । ବିଶ୍ୱ ପ୍ରତିରକ୍ଷା ବଜାରରେ ଆମେରିକା, ରୁଷ, ଫ୍ରାନ୍ସ, ଚୀନ ଏବଂ ଇସ୍ରାଏଲ ଭଳି ଦେଶମାନଙ୍କର ଶକ୍ତିଶାଳୀ ଉପସ୍ଥିତି ରହିଛି । ଏହି ପରିସ୍ଥିତିରେ ଭାରତ ପାଇଁ କେବଳ ଆଧୁନିକ ଅସ୍ତ୍ରଶସ୍ତ୍ର ବିକାଶ କରିବା ପର୍ଯ୍ୟାପ୍ତ ନୁହେଁ; ବରଂ ବିକ୍ରୟ ପରବର୍ତ୍ତୀ ସେବା, ସ୍ପେୟାର ପାର୍ଟ୍ସର ଉପଲବ୍ଧତା, ପ୍ରଶିକ୍ଷଣ, ପ୍ରଯୁକ୍ତିଗତ ସହାୟତା ଏବଂ ସମୟୋଚିତ ଯୋଗାଣ ଭଳି ସେବାଗୁଡ଼ିକୁ ମଧ୍ୟ ସୁଦୃଢ଼ କରିବା ଆବଶ୍ୟକ । ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ଯଦି ଭାରତ ଏହି କ୍ଷେତ୍ରଗୁଡ଼ିକରେ ମଧ୍ୟ ବିଶ୍ୱସନୀୟତା ହାସଲ କରିବାରେ ସଫଳ ହେବ , ତେବେ ଏହା ବିଶ୍ୱ ପ୍ରତିରକ୍ଷା ରପ୍ତାନି ବଜାରରେ ଅଧିକ ସୁଦୃଢ଼ ସ୍ଥିତି ହାସଲ କରିପାରିବ । ଭବିଷ୍ୟତ ଦୃଷ୍ଟିକୋଣରୁ ଭାରତର ସମ୍ଭାବନା ଅତ୍ୟନ୍ତ ଉଜ୍ଜ୍ୱଳ ଦେଖାଯାଉଛି । ବ୍ରହ୍ମୋସ୍ ବ୍ୟତୀତ ଆକାଶ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ପିନାକା ରକେଟ୍ ପ୍ରଣାଳୀ, ସ୍ୱଦେଶୀ ରାଡାର, ହେଲିକପ୍ଟର, ଡ୍ରୋନ୍ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ପ୍ଲାଟଫର୍ମମାନେ ମଧ୍ୟ ବିଶ୍ୱ ବଜାରରେ ନିଜ ସ୍ଥାନ ଗଢ଼ିପାରିବେ । ଯଦି ସରକାର, ପ୍ରତିରକ୍ଷା ଶିଳ୍ପ ଏବଂ ଗବେଷଣା ସଂସ୍ଥାଗୁଡ଼ିକ ଏହି ଗତିରେ କାର୍ଯ୍ୟ କରି ଚାଲନ୍ତି, ତେବେ ଆଗାମୀ ବର୍ଷଗୁଡ଼ିକରେ ଭାରତ ବିଶ୍ୱର ପ୍ରମୁଖ ପ୍ରତିରକ୍ଷା ରପ୍ତାନିକାରୀ ଦେଶମାନଙ୍କ ଶ୍ରେଣୀରେ ସାମିଲ ହୋଇପାରିବ । ତେଣୁ ଆମେ କହି ପାରିବା ଯେ. ଭାରତର ପ୍ରତିରକ୍ଷା ରପ୍ତାନି କେବଳ ଅସ୍ତ୍ରଶସ୍ତ୍ର ବିକ୍ରୟରେ ସୀମିତ ନୁହେଁ । ଏହା ଦେଶର ପ୍ରଯୁକ୍ତିଗତ ଦକ୍ଷତା, ଔଦ୍ୟୋଗିକ ଆତ୍ମନିର୍ଭରତା, ଆର୍ଥିକ ସାମର୍ଥ୍ୟ ଏବଂ ରଣନୈତିକ କୂଟନୀତିର ଏକ ସମନ୍ୱିତ ପ୍ରତିଫଳନ । ବ୍ରହ୍ମୋସ୍ ଭଳି ସ୍ୱଦେଶୀ ପ୍ରତିରକ୍ଷା ପ୍ରଣାଳୀର ବିଶ୍ୱସ୍ତରୀୟ ସ୍ୱୀକୃତି, ବିଭିନ୍ନ ଦେଶ ସହ ବୃଦ୍ଧି ପାଉଥିବା ପ୍ରତିରକ୍ଷା ସହଯୋଗ ଚୁକ୍ତି ଏବଂ ରପ୍ତାନିରେ କ୍ରମାଗତ ଅଭିବୃଦ୍ଧି ଏହା ସ୍ପଷ୍ଟ କରୁଛି ଯେ, ଭାରତ ବର୍ତ୍ତମାନ ବିଶ୍ୱ ପ୍ରତିରକ୍ଷା ଶିଳ୍ପରେ ଏକ ଉଦୀୟମାନ ଶକ୍ତି ଭାବେ ନିଜର ସ୍ଥାନ ସୁଦୃଢ଼ କରିବାରେ ଲାଗିଛି । ଯଦି ଉତ୍ପାଦନ କ୍ଷମତାର ବିସ୍ତାର, ନବସୃଜନ ଏବଂ ଦୀର୍ଘମିଆଦୀ ପ୍ରତିରକ୍ଷା ସହଯୋଗକୁ ସମାନ ଗୁରୁତ୍ୱ ସହ ଆଗକୁ ବଢ଼ାଯାଏ, ତେବେ ଆଗାମୀ ବର୍ଷଗୁଡ଼ିକରେ ଭାରତ କେବଳ ନିଜର ପ୍ରତିରକ୍ଷା ଆବଶ୍ୟକତାକୁ ସ୍ୱଦେଶୀ ଭାବେ ପୂରଣ କରିବ ନୁହେଁ, ବରଂ ବିଶ୍ୱର ଅନେକ ଦେଶ ପାଇଁ ଏକ ବିଶ୍ୱସନୀୟ ପ୍ରତିରକ୍ଷା ସାମଗ୍ରୀ ଯୋଗାଣକାରୀ ଭାବେ ମଧ୍ୟ ପ୍ରତିଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଧୀରେ ଧୀରେ ଭାରତ ଏହି ଦିଗରେ ଅଗ୍ରସର ହେବାରେ ଲାଗିଛି ।




## ଗୁରୁ ଗଙ୍ଗାଧର ପ୍ରଧାନ



ଗୋଟିପୁଅ ନାଚରୁ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ନୃତ୍ୟ ଜୀବନ ଆରମ୍ଭ ହୋଇଥିଲା । ଗୁରୁ ବୀରବର ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରୁଥିଲେ । ନୃତ୍ୟ ପ୍ରତି ରୁଚି ବଢ଼ିବାରୁ ଆସିଥିଲେ ସଂଗୀତ ମହାବିଦ୍ୟାଳୟ । ଛାତ୍ର ଜୀବନର ଗୁରୁ ଥିଲେ ପଙ୍କଜ ଚରଣ ଦାସ, ଦେବ ପ୍ରସାଦ ଦାସ, ସିଂହାରୀ ଶ୍ୟାମସୁନ୍ଦର କର, ବନମାଳୀ ମହାରଣା, ଡ.ମିନତି ମିଶ୍ର ପ୍ରମୁଖ । ଉଭୟ ନୃତ୍ୟ ଓ ପୋଖଳ ବାବଦରେ ପଟୁତା ହାସଲ କରିଥିଲେ । ନୃତ୍ୟ ପ୍ରଦର୍ଶନ ସହ ବିଦେଶରେ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର କରାଇଥିଲେ । ଗୁରୁ ଗଙ୍ଗାଧର ଥିଲେ ଓଡ଼ିଶୀ ନୃତ୍ୟର ଅନ୍ୟତମ ଅଗ୍ରଦୂତ ଓ ମାର୍ଗଦର୍ଶକ । ନୂତନ ଶୈଳୀର ନୃତ୍ୟ ସଂଯୋଜନା ଏବଂ ଛନ୍ଦ ମୁଦ୍ରାର ସ୍ୱତନ୍ତ୍ରତା ପାଇଁ ତାଙ୍କର ପ୍ରସିଦ୍ଧି ଥିଲା । ଭୁବନେଶ୍ୱରସ୍ଥିତ ଓଡ଼ିଶା ନୃତ୍ୟ ଏକାଡ଼େମୀର ସେ ପ୍ରତିଷ୍ଠା କରିଥିଲେ କୋଣାର୍କ ନାଟ୍ୟ ମଣ୍ଡପ । ତାଙ୍କ ଉଦ୍ୟମରେ କୋଣାର୍କ ନାଟ୍ୟ ଉତ୍ସବକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିଥିଲା । ଘର ବାହୁଡ଼ା, ଗପ ହେଲେ ବି ସତ, ଶ୍ରୀକୃଷ୍ଣ ରାସଲୀଳା ଆଦି ଚଳଚ୍ଚିତ୍ରର ନୃତ୍ୟ ସଂଯୋଜନା କରିଥିଲେ । ଉଭୟ ରାଜ୍ୟ ଓ କେନ୍ଦ୍ର ସଂଗୀତ ନାଟକ ଏକାଡ଼େମି ଦ୍ୱାରା ସେ ସମ୍ମାନିତ । ୨୦୦୫ ରେ ତାଙ୍କୁ ପଦ୍ମଶ୍ରୀ ଉପାଧି ମିଳିଥିଲା । ୧୯୪୮ ଜୁଲାଇ ଆଜିର ଦିନରେ ବ୍ରହ୍ମଗିରି ଅନ୍ତର୍ଗତ ପାରିକୁଳ ଗାଁରେ ସେ ଜନ୍ମ ହୋଇଥିଲେ ।

## ଗୋମାତା ପାଇଁ ଦିନଟିଏ

◆ ଡାକ୍ତର ଦିଲ୍ଲୀପ କୁମାର ମହାରଣା



ଆମ ଦୈନନ୍ଦିନ ଜୀବନରେ ଗୋମାତା ହେଉଛନ୍ତି ଅନ୍ୟତମ ଶ୍ରେଷ୍ଠ ମାତା । ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସରେ ସେମାନଙ୍କ ଅବଦାନ ଆମ ପାଇଁ ପ୍ରାତଃ ସ୍ମରଣୀୟ । ସାଧାରଣରେ ବି ଦେଖନ୍ତୁ ଗାଈଟିଏ ଗୋଟିଏ ଗରିବ ଲୋକର ପୋଷଣହାରୀ ପୁଅ କହିଲେ ଅତ୍ୟୁକ୍ତି ହେବନାହିଁ । ହଳେ ବଳଦ ଏକ ଚାଷବାସ କରୁଥିବା ଏକ ପରିବାର ପାଇଁ ଗୁଜୁରାଣର ମୁଖ୍ୟ ଅବଲମ୍ବନ କହିଲେ ଅତ୍ୟୁକ୍ତି ହେବନାହିଁ । ହେଲେ ଆଜିର ସ୍ୱାର୍ଥ ସର୍ବସ୍ୱ ଦୁନିଆକୁ ଦେଖନ୍ତୁ ଆମେ ପ୍ରାୟତଃ ଗୋମାତାଙ୍କୁ ଅବହେଳା କରିଥାଉ । ପରିଣତ ବୟସରେ ସେମାନଙ୍କୁ କଂସେଇ ହାତରେ ବିକ୍ରି କରିଦେଉ କିମ୍ବା ସେମାନଙ୍କର ଆଦର ଯତ୍ନ ନେଇନଥାଉ । ୧୯୯୫ରୁ ପ୍ରତିବର୍ଷ ଜୁଲାଇ ୧୦ରେ ପାଳିତ ହେଉଛି ଗୋମାତା ଦିବସ । ଆମେରିକାରୁ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା । ଗୋ-ମାଂସ ନଖାଇବା ପାଇଁ ସଚେତନତା ସୃଷ୍ଟି କରିବା, ଏହି ଦିବସ ପାଳନର ଲକ୍ଷ୍ୟ । ଏହି ଅବସରରେ ଗାଈ ବାବଦରେ କିଛି ତଥ୍ୟ । ଆଜକୁ ପ୍ରାୟ ୧୦୫୦୦ ବର୍ଷ ତଳେ ଟର୍କିରେ ପ୍ରଥମ ଥର ପାଇଁ ଗାଈକୁ ଗୃହପାଳିତ କରାଯାଇଥିଲା । ଗାଈ ଦିନରେ ଦଶରୁ ବାର ଘଂଟା ବସିରହେ । ଏହା ଛିଡ଼ା ହୋଇଥିବା ଅବସ୍ଥାରେ ଶୋଇପାରେନାହିଁ । ଏପରିକି ସାଧାରଣ ଗାଈଟିଏ ମଧ୍ୟ ଦିନରେ ପଚାଶ କିଲୋଗ୍ରାମ ଖାଦ୍ୟ ଖାଇ ହଜମ କରିପାରେ । ଏକ ଅଧ୍ୟୟନରୁ ପ୍ରକାଶ ଯେ, ଗାଈର ଯେତିକି ଅଧିକ ଯତ୍ନ ନେବ, ସେତେ ଅଧିକ ଖିର ପାଇବ । ଏହି ପ୍ରାଣୀ ଲାଲ ରଙ୍ଗ ବାରିପାରେ ନାହିଁ । ଏହାର ଘ୍ରାଣ ଶକ୍ତି ବେଶ ଅଧିକ । ଛଅ ମାଇଲ ଦୂରରୁ ବାସନା ବାରିପାରେ । ୨୦୦୯ରେ ରୟାଲ ଏଗ୍ରିକଲଚରାଲ ୱିନଟର ଫେଆରରେ ମିସି ନାମା ଗାଈଟିଏ ବାର ଲକ୍ଷ ଡଲାରରେ ବିକ୍ରି ହୋଇଥିଲା । ଏହି କୀର୍ତିମାନ ଏପର୍ଯ୍ୟନ୍ତ ଅତୁଟ ରହିଛି । ସାରା ବିଶ୍ୱରେ ଆଠଶହ ପ୍ରଜାତିର ଗାଈ ଦେଖିବାକୁ ମିଳନ୍ତି । ସଂପ୍ରତି ବିଶ୍ୱରେ ଗାଈ ସଂଖ୍ୟା ପ୍ରାୟ ଶହେ ଚାଳିଶ କୋଟି । ଆସନ୍ତୁ ଗୋମାତା ଦିବସ ଅବସରରେ ଆମ୍ଭମାନଙ୍କ ଜୀବନ ଓ ଆମ୍ଭ ପରିବାରର ଜୀବନକୁ ଗୁରୁତ୍ୱପୂର୍ଣ୍ଣ ସ୍ମରଣୀୟ ଅବଦାନ ଓ ଉତ୍ସର୍ଗୀକୃତ ସେବା ଯୋଗାଉଥିବା ଗୋମାତା ପାଇଁ ନିଜର ଦାୟିତ୍ୱ ନିର୍ବହ କରିବା ସେମାନଙ୍କୁ ଭଲପାଇବା ଆଉ ସେମାନଙ୍କ ସେବାକରି ନିଜର କିଛି ପାପରୁ ମୁକ୍ତି ପାଇବା ପାଇଁ ଆଧ୍ୟାତ୍ମିକ ରାସ୍ତା ନିମିତ ଭଗବାନଙ୍କୁ ପ୍ରାର୍ଥନା କରିବା ।



*ଶିଖରପୁର ଉପରସାହି, କଟକ : ୮୨୮୦୯୬୩୨୮୩*

## ଗୋଦାନ

◆ ଦେବଦତ ବିଶ୍ୱାଳ



ଗୋଦାନକୁ ଆମ ହିନ୍ଦୁ ଧର୍ମରେ ଏକ ପରମ୍ପରାର ମାନ୍ୟତା ଦିଆଯାଇଛି । ବିଶ୍ୱାସ କରାଯାଏ ଗାଈ ହେଉଛି ପୃଥିବୀର ସ୍ୱରୂପ । ପୃଥିବୀ ଯେପରି ଆମକୁ ଖାଦ୍ୟ ପ୍ରଦାନ କରିଥାଏ, ଗାଈ ସେହିପରି ଆମକୁ ଅମୃତତୁଲ୍ୟ କ୍ଷୀର ପ୍ରଦାନ କରିଥାଏ । ଗାଈକୁ ସବୁ ଦେବାଦେବୀଙ୍କ ପ୍ରତିନିଧି ଭାବେ ମଧ୍ୟ ବିବେଚନା କରାଯାଏ । ଗାଈର ଅଙ୍ଗପ୍ରତ୍ୟଙ୍ଗରେ ସବୁ ଦେବୀ ଦେବତାଙ୍କ ବାସ ରହିଛି ବୋଲି ବିଶ୍ୱାସ କରାଯାଏ । ଗାଈ ରହୁଥିବା ସ୍ଥାନକୁ ମଧ୍ୟ ତୀର୍ଥସ୍ଥାନର ମାନ୍ୟତା ଦିଆଯାଇଛି । କେବଳ ସେତିକି ନୁହେଁ ଆମ ପରମ୍ପରାରେ ଗୋଦାନକୁ ମହତ୍‌ଦାନର ମାନ୍ୟତା କରୁଥିବା ବ୍ୟକ୍ତି ବହୁ ପୁଣ୍ୟର ଅଧିକାରୀ ହୋଇଥାଏ । ଗୋଦାନ କରୁଥିବା ବ୍ୟକ୍ତି ସବୁ ପ୍ରକାର ସଙ୍କଟରୁ ମୁକ୍ତ ହୋଇଥାଏ । କେବଳ ସେତିକି ନୁହେଁ ଏହା ସହ ତାଙ୍କ ଜୀବନ ସୁଖସମୃଦ୍ଧିରେ ଭରିଯାଏ । ଗୋଦାନ କରିବା ଦ୍ୱାରା ବ୍ୟକ୍ତି କେବେବି ଅଭାବର ସମ୍ମୁଖୀନ ହୁଏ ନାହିଁ । ତେଣୁ ଗୋଦାନକୁ ଆମ ହିନ୍ଦୁ ଧର୍ମରେ ଏକ ପରମ୍ପରାର ମାନ୍ୟତା ମିଳିଛି । ସେହିପରି ହିନ୍ଦୁ ଧର୍ମରେ ବୃଷଭକୁ ମଧ୍ୟ ପୂଜା କରାଯାଏ । ବୃଷଭଙ୍କୁ ଭଗବାନ ଶିବଙ୍କ ଅବତାର ଭାବେ ପୂଜା କରାଯାଏ । ତେଣୁ ଗାଈ ଓ ବୃଷଭଙ୍କ ପାଦଧୂଳି ମଥାରେ ଲଗାଇବାକୁ ତୀର୍ଥସ୍ଥଳରେ ସ୍ନାନ କରିବା ସହ ତୁଳନା କରାଯାଇଛି ।

*ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ : ୯୮୬୧୯୪୪୫୯୪*





# ଆଦିବାସୀ ଗ୍ରାମରେ ଆଓମା ଗୁରୁକୁଳର ନୂତନ ପ୍ରଶିକ୍ଷଣ କେନ୍ଦ୍ର ଓ କର୍ମେସ ସ୍ମୃତି ଭବନ ଲୋକାର୍ପିତ

ମାଲକାନଗିରି : (ହି.ସ.) – ମାଲକାନଗିରି ଜିଲ୍ଲାରେ ଥିବା ଅଲଓଡ଼ିଶା ମାର୍ଶାଲ ଆର୍ଟ ଏକାଡେମୀ(ଆଓମା ଗୁରୁକୁଳ) ପ୍ରଶିକ୍ଷଣ କେନ୍ଦ୍ର ନୂତନ ଶାଖା ଓ କର୍ମେସ ସ୍ମୃତି ଭବନ ମାଥିଲି ବ୍ଲକ କୁଟୁନି ପାଲ୍ଲୀ ପଂଚାୟତ ଦୁର୍ଗମ କଟିଆଗୁଡ଼ା ଗ୍ରାମରେ ଲୋକାର୍ପିତ ହେବା ସହିତ ବିଭିନ୍ନ ପ୍ରକାର ଔଷଧୀୟ ଚାରାରୋପଣ କରାଯାଇଛି । ଆଓମା ଗୁରୁକୁଳ ସଭାପତି ରତ୍ନାକର ଦାଶଙ୍କ ଅଧ୍ୟକ୍ଷତାରେ କଟିଆଗୁଡ଼ା ଗ୍ରାମରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମାଥିଲି ବ୍ଲକ ଭାଇସ ଚେୟାରମେନ ଶ୍ରୀମତୀ ଦେବକୀ ଦଳେଇ, ମୁଖ୍ୟବକ୍ତା ଭାବେ କୁଟୁନିପାଲ୍ଲୀ ପଂଚାୟତ ସରପଂଚ ଶ୍ରୀମତୀ କମଳୀ ନାୟକ, ସମ୍ମାନୀତ ଅତିଥିଭାବେ ପଂଚାୟତ ନିର୍ବାହୀ ଅଧିକାରୀ ଇତିଶ୍ରୀ ଜେନା, ୱାର୍ଡ଼ ମେମ୍ବର ନୀଳାବତୀ ନାୟକ, ଗ୍ରାମ ମୁଖିଆ କୃତିବାସ ନାୟକ, ଘେନା ନାୟକ ପ୍ରମୁଖ ଯୋଗଦେଇ ଆଓମା ଗୁରୁକୁଳ ପ୍ରଶିକ୍ଷଣ କେନ୍ଦ୍ର ଓ କର୍ମେସ ଭବନ ଉଦ୍‌ଘାଟନ କରିଥିଲେ । ଆଓମା ଗୁରୁକୁଳ ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବିନାଶ ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଗ୍ରାମ ନାୟକ ଗୋପୀ ନାୟକ, ଚୈତନ୍ୟ ଚାଲାଣ, କୁମୁଟି ବାରିକ, ହାତୀ ପୂଜାରୀ, ରଘୁନାଥ ଫଟକା, ବାସୁଦେବ କୋପେ, ମନ ପୂଜାରୀ, ନରସିଂହ ବାଗମିୟା, ଗୁରୁନାଥ ବାରିକ, ଗୁରୁ ମାଝୀ, ରାଜୁଗୁଡ଼ିଆ, ସୋମନାଥ ଚାଲାଣ, ଅଭିବାରିକ, ହରି ବଦୁମ, ବନମାଳୀ ସଗରିଆ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଆଓମା ଗୁରୁକୁଳର ରାମ ମାଡ଼କାମି, ଲକ୍ଷ୍ମୀ ସୋଡି, ନକୁଳ କ୍ରିସାନୀ, ସରିତା ହରିଜନ, ରଶ୍ମି ମାଡ଼କାମି, ସସ୍ମିତା କବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଓ ଆଖପାଖ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ, ଦୁର୍ଗମ କଟିଆଗୁଡ଼ା ଗ୍ରାମରେ ପ୍ରଥମ କରି ଆଓମା ଗୁରୁକୁଳର ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହୋଇଥିବାରୁ କୁଟୁନି ପାଲ୍ଲୀ ପଂଚାୟତବାସୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି ! ପଣ୍ଡିତ ପିଂଟୁ ମିଶ୍ର ଘର ପ୍ରତିଷ୍ଠା ପୂଜା ପାଠ ହୋମ ଯଜ୍ଞ କରିଥିବାବେଳେ ସଂସ୍ଥାର ସଭାପତି ଶ୍ରୀ ଦାଶ ଓ ପ୍ରତିଷ୍ଠାତା ଶ୍ରୀ ମିଶ୍ର ପୂଜାରେ ସଙ୍କଳ୍ପ କରିଥିଲେ ।

# ମୟୂରଭଞ୍ଜରେ ଜନଗଣନା-୨୦୨୭ ପାଇଁ ଚାର୍ଜ ଜନଗଣନା ଅଧିକାରୀମାନଙ୍କର ହସ୍ତପୁସ୍ତିକା ପ୍ରସ୍ତୁତି ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଅନୁଷ୍ଠିତ



ବାରିପଦା : ଜନଗଣନା-୨୦୨୭ର ସଫଳ ଓ ସୁଚାରୁ ରୂପାୟନ ନିମନ୍ତେ ମୟୂରଭଞ୍ଜ ଜିଲ୍ଲାରେ ଜନଗଣନା ହସ୍ତପୁସ୍ତିକା ପ୍ରସ୍ତୁତି ପାଇଁ ଚାର୍ଜ ଜନଗଣନା ଅଧିକାରୀ, ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ ଏବଂ ବୈଷୟିକ ସହାୟକମାନଙ୍କ ପାଇଁ ପ୍ରଥମ ଦିବସର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ବାରିପଦାସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଜନଗଣନା ପ୍ରକ୍ରିୟାକୁ ସଠିକ୍, ନିର୍ଭୁଲ ଏବଂ ସମୟବଦ୍ଧ ଭାବେ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଏହି ପ୍ରଶିକ୍ଷଣ ଆୟୋଜନ କରାଯାଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ଅଧିକାରୀ ଶ୍ରୀ ତନ୍ମୟ ଗୁପ୍ତା ଏବଂ ଶ୍ରୀ ସୁଧାଂଶୁ ପାଠକ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଜନଗଣନା ହସ୍ତପୁସ୍ତିକା ପ୍ରସ୍ତୁତିର ବିଭିନ୍ନ ତଥ୍ୟ ସଂଗ୍ରହ କରିବା ପାଇଁ ପୂର୍ବ ପ୍ରସ୍ତୁତି, ନିର୍ଦ୍ଦିଷ୍ଟ ପତ୍ର ପୂରଣ ପ୍ରକ୍ରିୟା, ଅନଲାଇନ୍ ତଥ୍ୟ ପରିଚାଳନା ଓ ଜନଗଣନା ସମ୍ବନ୍ଧୀୟ ବୈଷୟିକ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ପ୍ରଶିକ୍ଷଣ ସମୟରେ ବିଭିନ୍ନ ବ୍ୟବହାରିକ ଉଦାହରଣ ମାଧ୍ୟମରେ ପ୍ରଶିକ୍ଷାର୍ଥୀମାନଙ୍କର ସନ୍ଦେହ ଦୂର କରାଯାଇଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ-ତଥା-ଜିଲ୍ଲା ଜନଗଣନା ଅଧିକାରୀ ଶ୍ରୀ ଦୁଃଖବନ୍ଧୁ ନାୟକ ଉପସ୍ଥିତ ରହି ଜନଗଣନା ଦେଶର ଯୋଜନା ପ୍ରସ୍ତୁତି, ପ୍ରଶାସନିକ ନିଷ୍ପତ୍ତି ଏବଂ ସାମାଜିକ-ଆର୍ଥିକ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ବୋଲି ଉଲ୍ଲେଖ କରିଥିଲେ । ସେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ନିର୍ଦ୍ଦେଶାବଳୀକୁ ଯଥାର୍ଥ ଭାବେ ଅନୁସରଣ କରି ସଠିକ୍ ତଥ୍ୟ ସଂଗ୍ରହ ଓ ହସ୍ତପୁସ୍ତିକା ପ୍ରସ୍ତୁତି କାର୍ଯ୍ୟକୁ ଗୁରୁତ୍ୱର ସହ ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିଲେ । ଉପ-ଜିଲ୍ଲା ଜନଗଣନା ଅଧିକାରୀ ଶ୍ରୀମତୀ ମାନସୀ ତରେଇ ମଧ୍ୟ ଉପସ୍ଥିତ ରହି ପ୍ରଶିକ୍ଷଣର ବିଭିନ୍ନ ବ୍ୟବସ୍ଥାର ତଦାରଖ କରିବା ସହିତ ଜନଗଣନା କାର୍ଯ୍ୟକ୍ରମର ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

## କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିକାଶ ଯୋଜନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଭଦ୍ରକ : ଜିଲ୍ଲା ଚାନ୍ଦବାଲି ବ୍ଲକ ର ସୁନ୍ଦରପୁର ପଂଚାୟତ କାର୍ଯ୍ୟାଳୟ ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶ ଏବଂ ଜନ କଲ୍ୟାଣ ଯୋଜନା କିପରି ପଂଚାୟତରେ ପହଂଚି ପାରିବ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭାଗୀୟ ଅଧିକାରୀ ଯୋଗ ଦେଇ ଗ୍ରାମ ବିକାଶ କାର୍ଯ୍ୟ , ସ୍ୱଚ୍ଛତା , ମହିଳା ଶିଶୁ କଲ୍ୟାଣ , ସରକାରଙ୍କ ଜନ କଲ୍ୟାଣ ଯୋଜନା ଉପରେ ପ୍ରଶିକ୍ଷଣ ଦେଇ ଥିଲେ । ଆରଡ଼ି , ସୁନ୍ଦରପୁର , ଓଳଗ, ନାନ୍ଦ ପୁର , ପଂଚାୟତର ସରପଂଚ ଅଙ୍ଗନ ବାଡ଼ି କର୍ମୀ , ପି ଇ ଓ, ୱାର୍ଡ ମେମ୍ବର , ପ୍ରମୁଖ ତାଲିମ୍ ଗ୍ରହଣ କରିଥିଲେ ।

# ଓ ୟୁ ଜେ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଲଙ୍ଗଳେଶ୍ୱର : (ନିପ୍ର ) ଦେଶ ବିଦେଶର ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପରିବେଶ ସୁରକ୍ଷା ପାଇଁ ବେଳାଭୂମି ଗୁଡ଼ିକର ସ୍ୱଚ୍ଛତା ରକ୍ଷା ନିହାତି ଜରୁରୀ ଅଟେ । ବୁଧବାର ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ବାଲିଆପାଳ ବ୍ଲକରେ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯମୁନାଶୂଳ ବେଳାଭୂମିରେ ସ୍ୱଚ୍ଛତା ଅଭିଯାନରେ ସମୂହ ସଫେଇ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବେଳାଭୂମିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ବିଶେଷ କରି ସ୍ଥାନୀୟ ଲୋକମାନଙ୍କର ଗୁରୁଦାୟିତ୍ୱ ରହିଛି । ପରିବେଶ ସ୍ୱଚ୍ଛ ରହିଲେ



ବେଳାଭୂମିକୁ ବୁଲିବାକୁ ଆସୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ବକ୍ତା ମାନେ ମତ ବ୍ୟକ୍ତ କରିଥିଲେ । ବାଲେଶ୍ୱର ଜିଲ୍ଲାର ତାଳସାରି, ଉଦୟପୁର, ଡଗରା, ଯମୁନା ଶୂଳ, ବଳରାମଗଡି, ଇଂଚୁଡ଼ି, ଚାନ୍ଦିପୁର, ଦୁବଲା ଗଡି ଆଦି ସ୍ଥାନକୁ ଗୁରୁତ୍ୱ ଦେଇ ପର୍ଯ୍ୟଟକ ମାନେ ଆସୁଥିବାରୁ ଏହି ସ୍ଥାନ ଗୁଡ଼ିକର ପରିବେଶ ଠିକ୍ ରହିବା ଆବଶ୍ୟକ ବୋଲି ବରିଷ୍ଠ ସାମ୍ବାଦିକ ମାନେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଦାସ, ସମିତି ସଦସ୍ୟ ଶାନ୍ତନୁ କୁମାର ମହାପାତ୍ର, ସମାଜସେବୀ ମନ୍ମଥ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ଥିଲେ । ଏହି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଉତ୍କଳ ବନ୍ଧୁ ପଣ୍ଡା, ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ , ତପୋଧନ ବାରିକ, ସଞ୍ଜୟ ବେହେରା, ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀ ସଞ୍ଜୟ କୁମାର ଗିରି, ପ୍ରତିମା ଜେନା, କହ୍ନେଇ ଚରଣ ପ୍ରଧାନ , ଶମ୍ଭୁନାଥ ନାୟକ, କୈଳାସ ଚନ୍ଦ୍ର ଦାସ, ସତ୍ୟ ରଞ୍ଜନ ସାହୁଙ୍କ ସମେତ ବହୁ ସ୍ଥାନୀୟ ଲୋକେ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । କାର୍ଯ୍ୟକ୍ରମ ସବିତା ବେହେରା, ଗଣେଶ ପାତ୍ର, ମଞ୍ଜୁଲତା ବାରିକ, ଦିଲ୍ଲୀପ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ସିନ୍ଧୁକେଶ୍ୱର ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ

ଭଦ୍ରକ : ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ରହଣିଆ ସ୍ଥିତ ପି ଏମ୍ ଶ୍ରୀ ହାଇସ୍କୁଲ ଏବଂ ବଅନ୍ତ ବ୍ଲକ ଅଣିଜୋ ଗ୍ରାମର ସିନ୍ଧୁକେଶ୍ୱର ଉଚ୍ଚ ବିଦ୍ୟାଳୟ ରେ ବନ ମୋହ ଉତ୍ସବ ପାଳିତ ହୋଇଯାଇଛି । ସରପଂଚ ପ୍ରଧାନଶିକ୍ଷକ ବିଶିଷ୍ଟ ବ୍ୟକ୍ତି ଛାତ୍ର ଛାତ୍ରୀ ଯୋଗ ଦେଇ ବିଭିନ୍ନ ପ୍ରକାର ଗଛ ଲଗାଇବା ସହ ପରିବେଶ ବଂଚିଲେ ଜୀବନ ଧାରଣାରେ ସନ୍ତୁଳିତ ରହିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ପଦ ଯାତ୍ରା ରେ ବିଭିନ୍ନ ସାହି ଗ୍ରାମ କୁ ଯାଇ ସମସ୍ତେ ଗଛ ଲଗାଇବା ପାଇଁ ଲୋକଙ୍କୁ ଅବଗତ କରିଥିଲେ ।

# ତହସିଲ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ସୋର :(ସପ୍ର)ସୋର ତହସିଲ ତରଫରୁ କାର୍ଯ୍ୟାଳୟ ପରିସରରେ ବୃକ୍ଷ ଭାରତ ଓ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସୋର ଭାରପ୍ରାପ୍ତ ତହସିଲଦାର କୃଷ୍ଣମୋହନ ସିଂହଙ୍କ ନେତୃତ୍ୱରେ କର୍ମଚାରୀମାନେ ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରାଯିବା ସହିତ ବୃକ୍ଷ ହିଁ ଜୀବନ ସଂପର୍କରେ ସଚେତନ କରାଯାଇଥିଲା । ପରିବେଶର ସୁରକ୍ଷା, ସବୁଜିମା ବୃଦ୍ଧି ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବୃକ୍ଷରୋପଣ ଅଭିଯାନରେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖା ଗଛ ଲଗାଇବା ପାଇଁ ସମସ୍ତଙ୍କୁ ତହସିଲଦାର ଶ୍ରୀ ସିଂହ ପରାମର୍ଶ ଦେଇଥିଲେ । ଏହି ଅବସରରେ ସେକ୍ସନ ଅଫିସର ହିମାଂଶୁ ପଣ୍ଡା, ବରିଷ୍ଠ ରାଜସ୍ୱ ସହାୟକ ଭରତ ମଲ୍ଲିକ, କନିଷ୍ଠ ରାଜସ୍ୱ ସହାୟକ ପ୍ରଶାନ୍ତ କୁମାର ପରିଡ଼ା, ରଞ୍ଜନ ମହାନ୍ତି, ଶ୍ରୀ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ଓ ଜୈନବ ସୁଲତାନା, ସହକାରୀ ରାଜସ୍ୱ ନିରୀକ୍ଷକ ଅଲିଶା ପଣ୍ଡା, ଅମିନ ଶ୍ରୀ ହେମନ୍ତ କୁମାର ଦାସ ଓ ହରପ୍ରିୟା ପଣ୍ଡା, ଡାଟା ଏଂଟ୍ରି ଅପରେଟର ପ୍ରଦୀପ ରଞ୍ଜନ ଦାସ, କବିତା ଦାସ ଏବଂ କାମିନୀ ମିଶ୍ର ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନରେ କାର୍ଯ୍ୟାଳୟର କର୍ମଚାରୀ ମନୋଜ ବେହେରା ଓ ଚିତରଞ୍ଜନ ସାହୁ ସକ୍ରିୟ ସହଯୋଗ କରିଥିଲେ । ଚାରାଗୁଡ଼ିକର ନିୟମିତ ଯତ୍ନ ଓ ସୁରକ୍ଷା ପ୍ରତି ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ସଂକଳ୍ପବଦ୍ଧ ହୋଇ ଥିଲେ । ଏପରି ପରିବେଶ ସଚେତନତାମୂଳକ କାର୍ଯ୍ୟକ୍ରମ ସମାଜରେ ସବୁଜ ବିପ୍ଳବ ସୃଷ୍ଟି କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା ।

# ସ୍ୱାଭିମାନ ଅଂଚଳରେ ବେଆଇନ ଗଞ୍ଜେଇ ଚାଷ ରୋକିବା ଓ ସ୍ଥାୟୀ ଜୀବିକା ପାଇଁ ଆଇଟିଡିଏ ପକ୍ଷରୁ ବୃହତ ଜାଫ୍ରା ଚାଷର ଶୁଭାରମ୍ଭ

ମାଲକାନଗିରି : (ହି.ସ.)- ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କ ପଦକ୍ଷେପ କ୍ରମେ ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଂଚଳରେ ସେତୁ ଯୋଜନା ଅଧୀନରେ ଏକ ବୃହତ ଜାଫ୍ରା ଚାରା ରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଆରମ୍ଭ ହୋଇଯାଇଛି । ଗୁଣ୍ଡାୱାଡା ପଂଚାୟତର ଘାଟୁକୋଣ୍ଡା, ପପୁଲୁର ପଂଚାୟତର ସାଦେରି ଏବଂ କୁରମାନୁର ପଂଚାୟତର ଆଲୁରକୋଟା ଗ୍ରାମରେ ଏହି କାର୍ଯ୍ୟକ୍ରମ ଏକ ସମୟରେ ଆରମ୍ଭ କରାଯାଇଛି । ଏହି ଅଭିଯାନ ମାଧ୍ୟମରେ ପ୍ରାୟ ୧,୦୦୦ ହେକ୍ଟର ଜମିରେ ୮ ଲକ୍ଷ ଜାଫ୍ରା ଚାରା ରୋପଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି, ଯାହାଦ୍ୱାରା ଅଂଚଳର ପ୍ରାୟ ୧,୫୦୦ ଅନୁସୂଚିତ ଜନଜାତି ପରିବାର ଉପକୃତ ହେବେ । ବିଶେଷ କରି କୋଣ୍ଡା ରେଡ୍ଡୀ, ପରଜା, କନ୍ଧ, ଗଦବା, କୋଟିଆ ଓ ଦିଦାୟୀ ଭଳି ଆଦିବାସୀ ସମ୍ପ୍ରଦାୟଙ୍କୁ ଏହା ଆଗାମୀ ଦିନରେ ଏକ ସ୍ଥାୟୀ ଜୀବିକାର ସୁଯୋଗ ଯୋଗାଇ ଦେବ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜାଫ୍ରା ମଞ୍ଜି ସଂଗ୍ରହ ଓ ବଜାରରେ ଏହାର ବିକ୍ରି ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ଆର୍ଥିକ ସ୍ଥିତି ସୁଧାରିବା ସହ ପରିବେଶର ସନ୍ତୁଳନ ରକ୍ଷା କରିବା ଏବଂ ସବୁଜିମା ବୃଦ୍ଧି କରିବା । ଏହା ସହିତ ଏହି ଜାଫ୍ରା ଚାଷ ଅଂଚଳରେ ଚାଲିଥିବା ବେଆଇନ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ରୂପେ ନିପାତ କରିବାରେ ଜିଲ୍ଲା ପ୍ରଶାସନକୁ ବଡ଼ ସହାୟତା କରିବ । ଜିଲ୍ଲାପାଳଙ୍କ ସହ ଆଲୋଚନା ସମୟରେ ଆଦିବାସୀ ସମ୍ପ୍ରଦାୟ ବେଆଇନ ଗଞ୍ଜେଇ ଚାଷ ଛାଡି ଏହି ସ୍ଥାୟୀ ଚାଷକୁ ଆପଣେଇବା ପାଇଁ ସ୍ୱେଚ୍ଛାକୃତ ଭାବେ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅଭିଯାନକୁ ସଫଳ କରି ସ୍ୱାଭିମାନ ଅଂଚଳର ବିକାଶ ଧାରାକୁ ଆଗକୁ ବଢ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ଆଇଟିଡିଏ ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ଅପିଲ କରାଯାଇଛି ।

## ଥାନାରୁ ଅଭିଯୁକ୍ତ ଚମ୍ପଟ : ପରେ ଧରାପଡ଼ିଲା

ସୋର : (ସପ୍ର)- ଅସାଦାଚରଣ ଅଭିଯୋଗରେ ଅଟକ ଥିବା ଜଣେ ଅଭିଯୁକ୍ତ ଥାନାରୁ ଚମ୍ପଟ ମାରିଥିବା ଜଣାପଡିଛି । ଉପରଆଡ଼ିଆ ଅଂଚଳର ଗଣେଶ ମୁଣ୍ଡା (୨୬) ନାମକ ଜଣେ ଯୁବକ ଘର ନିକଟରେ ଜଣେ ନାବାଳିକାଙ୍କୁ ଅସାଦାଚରଣ କରୁଥିବା ବେଳେ ସ୍ଥାନୀୟ ଲୋକେ ତାକୁ କାବୁ କରି ଅନନ୍ତପୁର ଥାନାରେ ଜିମା ଦେଇଥିଲେ । ପରେ ପୁଲିସ ଉକ୍ତ ଯୁବକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ମାତ୍ର ପୋଲିସ ଅବହେଳାରୁ ଅପରାହ୍ନରେ କୌଶଳ ବଶତଃ ଗଣେଶ ଥାନାରୁ ଚମ୍ପଟ ମାରିଥିଲା । ପୁଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଶେଷରେ ଗଣେଶକୁ ଧରିବାରେ ସକ୍ଷମ ହୋଇଥିଲା । ପୋଲିସ ୧୭୧/୨୬ମୂଳେ କେସ ରୁଜୁ କରି ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

# ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି : (ହି.ସ.) ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ସ୍ଥିତ ଡାରୱିନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ଶକ୍ତି ଶ୍ରୀ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ସଭାପତିତ୍ୱ କରି, ଛାତ୍ରୀମାନଙ୍କୁ ସମାଜରେ ସଚେତନତା ବୃଦ୍ଧି ଓ ଯୁବ ସମାଜର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଶକ୍ତି ଶ୍ରୀ ସଂଯୋଜିକା ଭାବେ ସଞ୍ଜିତା ଖୋସଲା ଛାତ୍ରୀ ମାନଙ୍କୁ ଶକ୍ତି ଶ୍ରୀ କାର୍ଯ୍ୟକ୍ରମର ଉଦେଶ୍ୟ ଓ ଲକ୍ଷ ସମ୍ପର୍କରେ ଅବଗତ କରିବା ସହିତ ନାରୀର ସୁରକ୍ଷା ଓ ସାବଧାନତା ବିଷୟରେ ଆଲୋଚନା କରିଥିଲେ । ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଅଧିକାରିଣୀ ଶ୍ରୀଦେବୀ ପରିଡ଼ା ଆଜିର ସମାଜରେ ନାରୀ କିଭଳି ନିଜକୁ ସୁରକ୍ଷିତ କରିପାରିବ, ସେ ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କର୍ମକର୍ତ୍ତା ମଧୁସ୍ମିତା ବିଶ୍ୱାଳ, ଜହନ କୋରା, ତୃପ୍ତିମୟୀ ଜେନା, ବିଶ୍ୱଜିତ ମହାନ୍ତି, କାହ୍ନୁ ସାମଲ ଉପସ୍ଥିତ ରହିଥିଲେ । ଶେଷରେ ପୁନମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ପଶ୍ଚିମବଙ୍ଗର ବାରୁଇପୁରରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ପୋଲିସ ଏନକାଉଂଟରରେ ନିହତ

କୋଲକାତା, ୮ ଜୁଲାଇ (ହି.ସ.)-ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପରଗନାର ବାରୁଇପୁରରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ଅଭିଯୋଗରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ପ୍ରଭାସ ମଣ୍ଡଳ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ କାର୍ଯ୍ୟାନୁଷ୍ଠାନରେ ମୃତ୍ୟୁବରଣ କରିଛନ୍ତି ।ପୋଲିସ ଦାବି କରୁଛି ଯେ ଅପରାଧ ଦୃଶ୍ୟ ପୁନଃନିର୍ମାଣ ସମୟରେ, ଅଭିଯୁକ୍ତ ଜଣକ ଜଣେ ପୋଲିସ କର୍ମଚାରୀଙ୍କ ଅସ୍ତ୍ର ଛଡ଼ାଇ ନେଇ ଖସିଯିବାକୁ ଚେଷ୍ଟା କରିଥିଲେ ଏବଂ ପୋଲିସ ଉପରେ ଗୁଳି ଚଳାଇଥିଲେ, କିନ୍ତୁ ପୋଲିସ ଆତ୍ମରକ୍ଷା ପାଇଁ ପାଲଟା ଗୁଳି ଚଳାଇ ତାଙ୍କୁ ଗୁରୁତର ଆହତ କରିଥିଲେ । ତାଙ୍କୁ ତୁରନ୍ତ ବାରୁଇପୁର ଡାକ୍ତରଖାନାକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ପୋଲିସର ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୧୨:୪୫ ସମୟରେ ତଦନ୍ତକାରୀ ଅଧିକାରୀମାନେ ପ୍ରଭାସ ମଣ୍ଡଳଙ୍କୁ ସୁରଜପୁର ଘଟଣାସ୍ଥଳକୁ ନେଇଯାଇଥିଲେ । ଏହି ସମୟରେ ସେ ଜଣେ ପୋଲିସ କର୍ମଚାରୀଙ୍କ ବନ୍ଧୁକ ଛଡ଼ାଇ ନେଇ ଖସିଯିବାକୁ ଚେଷ୍ଟା କରିଥିଲେ । ପୋଲିସ କହିଛି ଯେ ଅଭିଯୁକ୍ତ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲା, ଯାହା ଫଳରେ ପୋଲିସ ପାଲଟା ଗୁଳି ଚଳାଇଥିଲା । ଗୁଳିରେ ଆହତ ପ୍ରଭାସଙ୍କୁ ଡାକ୍ତରଖାନା ନିଆଯାଇଥିଲା କିନ୍ତୁ ତାଙ୍କୁ ବଂଚାଯାଇପାରିଲା ନାହିଁ ।ଏହି ମାମଲା ରବିବାର ସାମ୍ନାକୁ ଆସିଥିଲା ।ସୂରଜପୁର ଅଂଚଳର ଏକ ପୋଖରୀରୁ ଜଣେ କିଶୋରୀ ଝିଅର ମୃତଦେହ ଉଦ୍ଧାର ହୋଇଥିଲା ।ଅଭିଯୋଗ ହୋଇଛି ଯେ ଝିଅଟିଙ୍କୁ ଦୁଷ୍କର୍ମ ଏବଂ ପରେ ହତ୍ୟା କରାଯାଇଥିଲା । ଏହି ଘଟଣା ଅଂଚଳରେ ବ୍ୟାପକ ଉତେଜନା ସୃଷ୍ଟି କରିଥିଲା, ସ୍ଥାନୀୟ ଲୋକମାନେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଏବଂ କଠୋର ଦଣ୍ଡ ଦାବି କରିଥିଲେ । ଏହି ମାମଲାରେ ପ୍ରଭାସ ମଣ୍ଡଳ ପ୍ରଥମ ଅଭିଯୁକ୍ତ ଥିଲେ ଯାହାକୁ ଗିରଫ କରାଯାଇଥିଲା ।

# ପରିବେଶ ସୁରକ୍ଷାର ଶପଥ ସହ ବନ ମହୋତ୍ସବ ପାଳିଲା ପିଏମ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ

ବଲାଙ୍ଗିର : (ହି.ସ.)ସ୍ଥାନୀୟ ଗାନ୍ଧୀନଗର ପଡ଼ା ସ୍ଥିତ ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ମିନି ଷ୍ଟାଡିୟମ ଠାରେ ୭୭ତମ ବନ ମହୋତ୍ସବ ପାଳିତ ହୋଇ ଯାଇଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସ୍ୱୋଶ୍ରୀ ଭୋଇ ଙ୍କ ସଭାପତିତ୍ୱ ରେ ଆୟୋଜିତ ଉଦ୍ଘାଟନୀ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ ବୃକ୍ଷ ହିଁ ଜୀବନ ର ଆଧାର ବୋଲି କହିବା ସହ ବୃକ୍ଷ କେବଳ ପରିବେଶ ର ସନ୍ତୁଳନ ରକ୍ଷା କରେ ନାହିଁ,ବରଂ ମାନବ ଜୀବନର ଅସ୍ତିତ୍ୱ ପାଇଁ ଅମୂଲ୍ୟ ସମ୍ପଦ ।ପ୍ରତ୍ୟେକ ଛାତ୍ରୀ ଅନ୍ତତଃ ଗୋଟିଏ ବୃକ୍ଷ ରୋପଣ କରି ତାହାର ଯତ୍ନ ନେବାକୁ ସେ ଆହ୍ୱାନ ଦେଇଥିଲେ ।ନିମନ୍ତ୍ରୀତ ଅତିଥି ଭାବେ ଟିଟିଲାଗଡ଼ ଡିଏଭି କଲେଜ ର ପୂର୍ବତନ ଅଧ୍ୟକ୍ଷ ଶିବ ବେହେରା ନିଜ ବକ୍ତବ୍ୟରେ ପ୍ରକୃତି ଓ ମାନବ ପରସ୍ପର ପରିପୂରକ ବୋଲି କହି ସହ ବନ ସମ୍ପଦର ସୁରକ୍ଷା ଏବଂ ଅଧିକରୁ ଅଧିକ ବୃକ୍ଷରୋପଣ ହିଁ ଜଳବାୟୁ ପରିବର୍ତ୍ତନ,ପ୍ରଦୂଷଣ ଓ ବୈଶ୍ୱିକ ଉତାପ ଭଳି ସମସ୍ୟା ର ଦୀର୍ଘସ୍ଥାୟୀ ସମାଧାନ ବୋଲି କହିଥିଲେ ।ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ନିଜ ବକ୍ତବ୍ୟରେ ଆଜି ରୋପଣ କରାଯାଉଥିବା ପ୍ରତ୍ୟେକ ଚାରା ଆଗାମୀ ପିଢ଼ି ପାଇଁ ଏକ ଅମୂଲ୍ୟ ଉପହାର ବୋଲି କହିଥିବା ବେଳେ ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ସବୁଜ ପରିବେଶ ହିଁ ସୁସ୍ଥ ସମାଜ ଓ ସମୃଦ୍ଧ ଭବିଷ୍ୟତ ର ଆଧାର ବୋଲି କହିଥିଲେ ।ଏହି ଅବସରରେ ବିଦ୍ୟାଳୟ ର ଶିକ୍ଷୟତ୍ରୀ ନୂତନ ନାୟକ, ସବିତା ମିଶ୍ର, ରଶ୍ମିତା ଦାଶ,ଯାଜ୍ଞସିନୀ ମହାପାତ୍ର, ପ୍ରିୟମ୍ବଦା ଦେବ, ସୋମନାଞ୍ଜଳି ସାହୁ,ଶିକ୍ଷକ ସୁରେଶ ବାରିକ, ରଞ୍ଜିତ ମିଶ୍ର ଓ ହରି ଖେତୀଙ୍କ ନେତୃତ୍ୱରେ ଛାତ୍ରୀ ମାନେ ଏକ ସଚେତନତା ରାଲି ରେ 'ଗଛ ଲଗାଅ,ଜୀବନ ବଂଚାଅ', 'ଆଜିର ଗଛ,ଆସନ୍ତା କାଲିର ଭବିଷ୍ୟତ', 'ପ୍ରତ୍ୟେକ ଲଗାଇବା ଗୋଟିଏ ଗଛ,ସବୁଜ ହେବ ଆମ ପରିବେଶ','ବୃକ୍ଷ ଆମର ବନ୍ଧୁ,ସୁରକ୍ଷା କରିବା ସିନ୍ଧୁ' ପରି ବିଭିନ୍ନ ପରିବେଶ ସଚେତନତାମୂଳକ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ ।ଏହି ରାଲି ମାଧ୍ୟମରେ ବୃକ୍ଷ ରୋପଣ, ପରିବେଶ ସୁରକ୍ଷା ଏବଂ ସବୁଜ ପରିବେଶ ଗଠନ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ର ବାର୍ତ୍ତା ପହଂଚା ଯାଇଥିଲା ।ବିଦ୍ୟାଳୟ ର ବରିଷ୍ଠ ଶିକ୍ଷୟତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରାଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଏନସିସି ର ଦ୍ୱିତୀୟ କମାଣ୍ଡିଙ୍ଗ ଅଫିସର ସୌମ୍ୟାଶ୍ରୀ ସାହୁ,ଭାରତ ସ୍କାଉଟ ଗାଇଡ଼ ର ଗାଇଡ଼ ଶିକ୍ଷୟତ୍ରୀ ଲିଜା ସାହୁ, ଜୁନିଅର ରେଡ଼କ୍ରସ କାଉନସେଲର ଦୀପ୍ତି ବେହେରା, ଇକୋ କ୍ଲବ ଇନଚାର୍ଜ ପ୍ରଜ୍ଞା ପରମିତା ବଘାର, ସ୍ୱରଞ୍ଜିକା ରାଉତ, ରଶ୍ମିରେଖା ବାଗ ଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ର ଛାତ୍ରୀ ମାନଙ୍କ ଦ୍ୱାରା ମିନି ଷ୍ଟାଡିଅମ ର ଚତୁଃପାର୍ଶ୍ୱରେ ଆମ୍ବ, ଜାମୁ, ନିମ୍ବ, ଆତ , କରଞ୍ଜ, ବର, ପିପ୍ପଳ, ଅଁଳା, ଅମୃତ ଭଣ୍ଡା, କାଜୁ ସମେତ ବିଭିନ୍ନ କିସମର ଫଳ,ଔଷଧୀୟ ଓ ଛାୟାପ୍ରଦ ବୃକ୍ଷର ଚାରା ରୋପଣ କରାଯାଇଥିଲା । ରୋପଣ କରାଯାଇଥିବା ପ୍ରତ୍ୟେକ ଚାରା ର ସୁରକ୍ଷା ଓ ନିୟମିତ ଯତ୍ନ ନେବା ପାଇଁ ଛାତ୍ରୀ ମାନେ ସଂକଳ୍ପ ନେଇଥିଲେ ।

# କନ୍ଧମାଳ ଜିଲ୍ଲା ବ୍ୟାଡମିଂଟନ୍ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ଓ ସାଧାରଣ ପରିଷଦ ବୈଠକ

କନ୍ଧମାଳ : (ହି.ସ.) – କନ୍ଧମାଳ ଜିଲ୍ଲା ବ୍ୟାଡମିଂଟନ୍ ଆସୋସିଏସନର ନୂତନ କର୍ମକର୍ତ୍ତା ନିର୍ବାଚନ ଓ ଏକ ସାଧାରଣ ପରିଷଦ ବୈଠକ, ଆଜି ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପ୍ରଥମେ ପୂର୍ବରୁ ଗଣତାନ୍ତ୍ରିକ ପଦ୍ଧତିରେ ଶେଷ କରିଥିବା ନିର୍ବାଚନ ଅଧିକାରୀ ଭାବରେ ଦାୟିତ୍ୱ ସମ୍ପାଦନ କରିଥିବା, ଆସୋସିଏସନ୍‌ର ସଦସ୍ୟ ତଥା ଆଇନଜୀବି ଶ୍ରୀ ଧିରେନ୍ଦ୍ର ନାଥ ପାତ୍ର ସମସ୍ତ ନୂତନ କର୍ମକର୍ତ୍ତା ମାନଙ୍କ ନାମ ଘୋଷଣା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କନ୍ଧମାଳ ଜିଲ୍ଲା ପରିଷଦ, ଶ୍ରୀ ଶମ୍ଭୁନାଥ ନନ୍ଦୀ ଯୋଗ ଦେଇଥିଲେ ଏବଂ ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ସମୀର କୁମାର ନାୟକ ଯୋଗ ଦେଇଥିଲେ । ଏଥିସହିତ ଓଡିଶା ରାଜ୍ୟ ବ୍ୟାଡମିଂଟନ୍ ଆସୋସିଏସନର ପର୍ଯ୍ୟବେକ୍ଷକ ଭାବେ ଶ୍ରୀ ଶୈଳେନ୍ଦ୍ର ଚୌଧୁରୀ ଯୋଗ ଦେଇ ଥିଲେ । ଆସନ୍ତା ଦୁଇ ବର୍ଷ ପାଇଁ ଆସୋସିଏସନ ର ନୂତନ ସଭାପତି ଭାବେ ଶ୍ରୀ ଅଶୋକ କୁମାର ପଟ୍ଟନାୟକ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀ ଦେବେନ୍ଦ୍ର ନାଥ ପାତ୍ର, ଉପ ସଭାପତି ଭାବେ ଶ୍ରୀ ପ୍ରଶାନ୍ତ କୁମାର ବେହେରା, ସାଧାରଣ ସମ୍ପାଦକ ଭାବେ ଶ୍ରୀ ଦୀପକ ରଞ୍ଜନ ମହାନ୍ତି, ସହ ସମ୍ପାଦକ ଭାବେ ଶ୍ରୀ ସବ୍ୟସାଚୀ ଦଲାଲ ଓ ଶ୍ରୀ ସୁବ୍ରତ କୁମାର ପାଣିଗ୍ରାହୀ ଏବଂ କୋଷାଧ୍ୟକ୍ଷ ଭାବେ ଶ୍ରୀ ପ୍ରମୋଦ କୁମାର ସାହୁ ନିର୍ବାଚିତ ହୋଇଥିବା ନେଇ ଘୋଷଣା କରିଥିଲେ । ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ, ଶ୍ରୀ ମାନସ କୁମାର ପାତ୍ର, ଶ୍ରୀ ଦୁର୍ଯ୍ୟୋଧନ ନାୟକ, ଶ୍ରୀ ରାଜେଶ କୁମାର ପାତ୍ର, ଗଙ୍ଗାଧର ପଣ୍ଡା,କେ. ମହେଶ କୁମାର ସୁବୁଦ୍ଧି ଏବଂ ଶ୍ରୀ କିରଣ କୁମାର ଦାସ ନିର୍ବାଚିତ ହୋଇଛନ୍ତି । ଘୋଷଣା ପରେ ସମସ୍ତ ନୂତନ ସଭାପତି, ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ମାନଙ୍କୁ ସ୍ମୃତି ଫଳକ ଓ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ମୁଖ୍ୟ ଅତିଥି ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରି, ନିଜ ବକ୍ତବ୍ୟରେ, ବ୍ୟାଡମିଂଟନ ଖେଳ ଏପରି ଏକ ଖେଳ ଯାହାସବୁ ବୟସର ଲୋକେ ଖେଳି ପାରିବେ ତେଣୁ ଏହାର ପ୍ରସାର ଦିଗରେ ପ୍ରଚେଷ୍ଟା ଆବଶ୍ୟକ । ଆସୋସିଏସନ୍‌ର ଉନ୍ନତି ପାଇଁ ତଥା ବ୍ୟାଡମି[ନ୍ ଖେଳ ଓ ଖେଳପ୍ରେମୀ ମାନଙ୍କ ଆଗ୍ରହ ନିମନ୍ତେ ଆସୋସିଏସନ ପକ୍ଷରୁ ପ୍ରଚେଷ୍ଟା ଜାରି ରଖିବା ଆବଶ୍ୟକ । ଆସୋସିଏସନ୍‌ର ପାଣ୍ଠି, ଏହାର ନିଜସ୍ୱ କାର୍ଯ୍ୟାଳୟ କରିବା ଦିଗରେ ମଧ୍ୟ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି କହିଥିଲେ । ପର୍ଯ୍ୟବେକ୍ଷକ ଶ୍ରୀ ଚୌଧୁରୀ କନ୍ଧମାଳ ଜିଲ୍ଲା ବ୍ୟାଡମିଂଟନ ଆସୋସିଏସନର କର୍ମକର୍ତ୍ତା ମାନଙ୍କ ଖେଳ ପ୍ରତି ରହିଥିବା ଆଗ୍ରହ ତଥା ସଂଗଠନର କାର୍ଯ୍ୟ ଶୈଳୀକୁ ପ୍ରସଂଶା କରିଥିଲେ । କାର୍ଯ୍ୟକ୍ରମକୁ ଉପସଭାପତି ଶ୍ରୀ ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲଭ୍ ୟୁ ଓଡ଼ିଶା ପିଜନସ୍ ଆସୋସିଏସନ୍ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ

କଟକ(ନିପ୍ର): ଟାଉନ୍ ହଲ୍ ଠାରେ ଲଭ୍ ୟୁ ପିଜନସ୍ ଆସୋସିଏସନ୍ ଆନୁକୂଲ୍ୟରେ ପାରାଉଡ଼ା ପ୍ରତିଯୋଗିତାରେ ବିଜୟୀ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କାହ୍ନୁଚରଣ ବେହେରା, ସମ୍ମାନିତ ଅତିଥି ଭାବରେ ବିମଳ ସାହୁ ଓ ଚିତରଞ୍ଜନ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ପାରାଉଡା ପ୍ରତିଯୋଗିତାରେ ଅନେକ ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ ରିତନ ନାୟକ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ଜୟନ୍ତ ମୂଳିଆ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ କେଦାର ସାହୁ । ଏହି ସଫଳ ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥିମାନେ କର କମଳରେ ପୁରସ୍କାର ପ୍ରଦାନ କରିଥିଲେ । ପାରାକୁ ପ୍ରେମର ପ୍ରତୀକ ଭାବରେ ବିବେଚନା କରାଯାଏ । ସାହି ସାହି ମଧ୍ୟରେ ପ୍ରେମ, ଭାଇଚାରା ଓ ଶାନ୍ତିର ଅକ୍ଷୁର୍ଣ୍ଣ ରଖିବା ପାଇଁ ଲଭ୍ ୟୁ ଆସୋସିଏସନ୍ ର ଏକ ପ୍ରୟାସ । ଏହି କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ତଥା ସମସ୍ତ କାର୍ଯ୍ୟକୁ ନେତୃତ୍ୱ ନେଇ ସଫଳ କରିଥିବା ବ୍ୟକ୍ତି ଜଣକ ହେଲେ ଲଗ୍ନଜିତ୍ ନାୟକ ଏବଂ ତାଙ୍କୁ ସହଯୋଗ କରିଥିବା ସହଯୋଗୀମାନେ ହେଲେ ରାକେଶ ପଟ୍ଟନାୟକ, ଶକ୍ତି ପ୍ରସାଦ ମହାନ୍ତି (ମହାନ୍ତି ବ୍ରଦର), ଜିତୁନା, ଦୁର୍ଗା, ଟୁନା ଓ ଅନ୍ୟମାନେ । ଭାଇଚାରା ଓ ଭଲପାଇବାକୁ ବାନ୍ଧି ରଖିବା ପାଇଁ ପ୍ରକୃତରେ ଏହା ଏକ ମାଧ୍ୟମ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

# ମୁନିଶିରୋମଣି ଯୋଗାଚାର୍ଯ୍ୟ ସୁବାସ ମୁନିଙ୍କ ୯୧ତମ ଜୟନ୍ତୀ ପାଳିତ

ବୈଶିଙ୍ଗା(ନିପ୍ର): ଓଡ଼ିଶା ମୁନି ସମାଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ଜ୍ଞାନ ଦୀପ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ମୁନିଶିରୋମଣି ଯୋଗାଚାର୍ଯ୍ୟ ସୁବାସ ମୁନିଙ୍କ ୯୧ତମ ଜୟନ୍ତୀ ଆଜି ସ୍ଥାନୀୟ ପଣ୍ଡୁଗଡ଼ିଆ ଶିବମୁନି ଯୋଗାଶ୍ରମରେ ମହାସମାରୋହରେ ପାଳିତ ହୋଇଯାଇଛି । ଯୋଗୀ ସୁବାସ ମୁନି ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ଯୋଗାଚାର୍ଯ୍ୟ ଭାଗବତ ମୁନି ସତ୍ୟ ପତାକା ଉତୋଳନ କରିଥିଲେ । ପତାକା ସଙ୍ଗୀତ ଗାନ କରିଥିଲେ ମୁନିମତୀ କଳ୍ପନା କୁମାରୀ ସାହୁ । ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ସ୍ମୃତି କମିଟିର ସଭାପତି ମୁନିମତୀ ଚୂଳାମଣି ଭୂୟାଁ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ପ୍ରାନ୍ତ ମୁନି ସମାଜର ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଦଶରଥ ମୁନି । ସେ ସୁବାସ ମୁନିଙ୍କ ବହୁମୁଖୀ ପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ ଦର୍ଶନ ବିଭାଗର ସେବାନିବୃତ୍ତ ପ୍ରାଧ୍ୟାପକ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନି ଯୋଗଦାନ କରି ସୁବାସ ମୁନିଙ୍କ ଅମର ଲେଖନୀ ଚିରଦିନ ପାଇଁ ଉଜ୍ଜୀବିତ ରହିବ ବୋଲି କହିଥିଲେ । ସମ୍ମାନିତ ବକ୍ତା ଭାବେ ଓଡ଼ିଶା ପ୍ରାନ୍ତ ମୁନିସମାଜର ସମ୍ପାଦକ ଯୋଗାଚାର୍ଯ୍ୟ ଧ୍ରୁବଚରଣ ମୁନି ସୁବାସ ମୁନି ଓଡ଼ିଶା ମୁନି ସମାଜର ପ୍ରାଣ ପ୍ରତିଷ୍ଠାତା ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାନ୍ତ ସହସମ୍ପାଦକ ଯୋଗୀ ଚିତ ମୁନି, ଯୋଗାଚାର୍ଯ୍ୟ ଦାମୋଦର ମୁନି, ଯୋଗାଚାର୍ଯ୍ୟ ଲକ୍ଷ୍ମୀଧର ମୁନି, ଯୋଗୀ ଗୌରାଙ୍ଗ ପଟ୍ଟନାୟକ, ଯୋଗୀ ଜଗବନ୍ଧୁ ଶତପଥୀ, ଯୋଗୀ ମହିମ ମୁନି ପ୍ରମୁଖ ସୁବାସ ମୁନିଙ୍କ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ । ଅନ୍ୟତମ ବକ୍ତା ଭାବେ ମୁନି ଦିଲ୍ଲୀପ କୁମାର ମଲ୍ଲିକ, ଗଦାଧର ମୁନି, କୃପାସିନ୍ଧୁ ମୁନି, ମୁନିମତୀ ସୁମତୀ,



ମୁନିମତୀ ସତ୍ୟଭାମା, ମୁନିରାଜ୍ଞୀ ନୟନା, ସଜନୀ ରାଉତ, ମୁନି ଜଳ ଧର ପାଢ଼ୀ, ଯୋଗୀ ମିହିର ମୁନି, ବୀରେନ୍ଦ୍ର ମୁନି, ମୁନିମତୀ କମଳା ନାୟକ, ଯୋଗୀ ଅଜିତ ମୁନି ପ୍ରମୁଖ କବିତା ଓ ଗଦ୍ୟ ମାଧ୍ୟମରେ ସୁବାସ ମୁନିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସ୍ମୃତି କମିଟିର ସମ୍ପାଦକ ତଥା ଜ୍ଞାନଦୀପ ପତ୍ରିକାର ସଂପାଦକ ଯୋଗୀ ସଞ୍ଜୟ ମୁନି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ସୁବାସ ମୁନିଙ୍କ ସୁପୁତ୍ରୀ ତଥା ଜିଲ୍ଲା ମୁନି ସମାଜର ସଂପାଦିକା ଡ଼ଃ ଅଳକା ମଞ୍ଜରୀ ଭୂୟାଁ ସୁବାସ ମୁନିଙ୍କ ଜୀବନୀ ଉପରେ କହିଥିଲେ । ମୟୂରଭଞ୍ଜ ଜିଲ୍ଲା ମୁନିସମାଜର ସଭାପତି ଯୋଗୀ ହରେକୃଷ୍ଣ ମୁନି ସ୍ଥାନୀୟ ଆଶ୍ରମ ସମ୍ପର୍କରେ ଭାଷଣ ଦେଇଥିଲେ । ଉତ୍ସବ ପ୍ରାରମ୍ଭରେ ପ୍ରାରମ୍ଭିକ ସଂଗୀତ ଗାନ ଉତ୍ସବରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସଫଳତା ଲାଭ କରିଥିବା ବେତନଟୀ ବ୍ଲକ ଟପ୍ପର ବାଳକା ଉଚ୍ଚ ବିଦ୍ୟାଳୟର କୁମାରୀ ଦିବ୍ୟ ପ୍ରଜ୍ଞା ନାଥ, ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର କୁମାରୀ ତପସ୍ୱିନୀ ମହାନ୍ତ, ଗୋପବନ୍ଧୁ ଶିକ୍ଷା ନିକେତନ, ମଛପଦାର କୁମାରୀ ଜୟସ୍ମିତା ପୃଷ୍ଟି ଓ ସଠିଲୋ ଉଚ୍ଚ ବିଦ୍ୟାଳୟର ବିଭୂତି ଭୂଷଣ ବେହେରାଙ୍କୁ ନଗଦ ରାଶି, ଟ୍ରଫି ସହ ମାନପତ୍ର ପ୍ରଦାନ ସହ ସୁବାସ ମୁନି ମେଧା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ ମୁନିମତୀ ଗୀତାଞ୍ଜଳି ଭୂୟାଁ । ଏଥିରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ସଚିଦାନନ୍ଦ ମହାନ୍ତି ଓ ବିଶିଷ୍ଟ କବି ବାସୁଦେବ ନାପିତ ମଂଚାସୀନ ଥିଲେ । କୁନି ୟୁଟ୍ୟୁବର ଶୁଭ ଶଙ୍କର ଜେନାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ମଂଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ମୁନି ସୈନିକ ଯୋଗୀ ନରୋତମ ମୁନି । ଉତ୍ସବରେ ସହଯୋଗ କରିଥିଲେ ଯୋଗୀ ସନ୍ତୋଷ ମୁନି, ଯୋଗୀ ସତୀଶ ମୁନି, ମୁନିମତୀ ନିହାରିକା, ସରୋଜ, ଭୁଟୁ, ସୁଇଟି, ପିଂଟୁ, ଚିଂଟୁ, ଆଶ୍ରମ ପରିଚାଳକ ରତିକାନ୍ତ ମୁନି, ମୁନିମତୀ ବିଜୁଳି ଓ ଆମ୍ଭେ - ୮୩ର ସଦସ୍ୟଗଣ ।

# ପିଆରଏମ ମେଡିକାଲ କଲେଜର ସମସ୍ୟା ନେଇ ସାମ୍ବାଦିକ ସମ୍ମିଳନୀ



ବାରିପଦା(ନିପ୍ର): ସ୍ଥାନୀୟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ହେଉଛି ସମଗ୍ର ମୟୂରଭଞ୍ଜ ଜିଲ୍ଲା ପାଇଁ ଏକମାତ୍ର ଜିଲ୍ଲା ସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ର. ଆଭ୍ୟନ୍ତରୀଣ ଅଂଚଳରୁ ହଜାର ହଜାର ଗରିବ ରୋଗୀ ପ୍ରତିଦିନ ଏଠାକୁ ଆସିଥାନ୍ତି. ବର୍ତ୍ତମାନ ରଙ୍ଗାମାଟିଆ ଠାରେ କାର୍ଯ୍ୟକାରୀ ହେଉଥିବା ମେଡିକାଲ କଲେଜରେ ରୋଗୀ ତଥା ସହଯୋଗୀ ମାନଙ୍କ ପାଇଁ ମୌଳିକ ସୁବିଧାର ଅଭାବ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି. ହସ୍ପିଟାଲର ବିଭିନ୍ନ ସମସ୍ୟାକୁ ନେଇ ଆଜି ଷ୍ଟାଡିଅମ କନଫରେନ୍ସ ହଲରେ ବାରିପଦା ସୋସିଆଲ ୱେଲଫର ଫୋରମର ମୁଖ୍ୟ ଶ୍ରୀ ବିଶ୍ୱଜିତ ନାୟକ ଏକ ସାମ୍ବାଦିକ ସମ୍ମିଳନୀ ସମ୍ମିଳନୀ କରି ସମସ୍ୟା ଗୁଡ଼ିକର ସମାଧାନ କରାଯିବାକୁ ସରକାରଙ୍କ ଠାରେ ଦାବୀ କରିଛନ୍ତି । ସମସ୍ୟା ଗୁଡିକ ମଧ୍ୟରେ ହସ୍ପିଟାଲଟି ବାରିପଦା ବସଷ୍ଟାଣ୍ଡରୁ ପ୍ରାୟ ୧୧ କି.ମି. ଦୂରରେ ଅବସ୍ଥିତ ଥିବାରୁ ଆଭ୍ୟନ୍ତରୀଣ ଅଂଚଳରୁ ଆସୁଥିବା ଲୋକଙ୍କ ପାଇଁ ବାରିପଦା ବସ ଷ୍ଟାଣ୍ଡରୁ ପିଆରଏମ ମେଡିକାଲ କଲେଜ ପର୍ଯ୍ୟନ୍ତ ନିୟମିତ ବ୍ୟବଧାନରେ ୨-୩ ଟି ଆମ ବସସେବା ବ୍ୟବସ୍ଥା କରାଯିବା, ହସ୍ପିଟାଲ ପରିସର ନିକଟରେ କୌଣସି ହୋଟେଲ ବା ରେଷ୍ଟୋରାଁ ନଥିବାରୁ ସହାୟକ ମାନେ ଖାଇବାକୁ ପାଉ ନାହାନ୍ତି. ଏଣୁ ହସ୍ପିଟାଲ ନିକଟରେ ଏକ ଆହାର କେନ୍ଦ୍ର ସ୍ଥାପନ କରାଯିବା, ପାଲବଣି ଠାରୁ ପିଆରଏମ ମେଡିକାଲ କଲେଜ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାଟି ପଂଚାୟତ ଅଂଚଳମଧ୍ୟରେ ପଡୁଥିବାରୁ ସେଠାରେ କୌଣସି ରାସ୍ତା ଆଲୋକ ନାହିଁ । ରାତିରେ ଯାତାୟତ ଅତ୍ୟନ୍ତ କଷ୍ଟଦାୟକ ହେଉଛି. ଏଣୁ ଏହି ରାସ୍ତାରେ ପର୍ଯ୍ୟାପ୍ତ ରାସ୍ତା ଆଲୋକ ବ୍ୟବସ୍ଥା କରାଯିବା, ରୋଗୀଙ୍କ ସହିତ ଦିନ ଦିନ ଧରି ରହୁଥିବା ସହାୟକ ମାନଙ୍କ ପାଇଁ ହସ୍ପିଟାଲ ପରିସରରେ ବା ନିକଟରେ କୌଣସି ସୁଲଭ ଶୌଚାଳୟ ସୁବିଧା ନାହିଁ, ଯାହା ସେମାନଙ୍କ ପାଇଁ ବହୁତ ଅସୁବିଧା ସୃଷ୍ଟି କରୁଛି. ତେଣୁ ହସ୍ପିଟାଲ ପରିସରରେ ସୁଲଭ ଶୌଚାଳୟ ନିର୍ମାଣ କରାଯିବା, ବର୍ତ୍ତମାନ ରୋଗୀଙ୍କ ସହିତ ଆସୁଥିବା ଦର୍ଶନାର୍ଥୀ ଓ ସହାୟକ ମାନଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ପାର୍କିଂ ସ୍ଥାନ ନଥିବାରୁ ଭିଡ଼ ଓ ଅସୁବିଧା ସୃଷ୍ଟି ହେଉଛି । ତେଣୁ ହସ୍ପିଟାଲ ନିକଟରେ ସହାୟକ ଓ ଦର୍ଶନାର୍ଥୀଙ୍କ ପାଇଁ ଉପଯୁକ୍ତ ପାର୍କିଂ ସ୍ଥାନ ଯୋଗାଇ ଦେବା ପ୍ରମୁଖ ଦାବୀ କରାଯାଇଛି ।

# ଜିଲ୍ଲାପାଳଙ୍କ ରାଇବଣିଆ ଗଡ଼ ଉନ୍ନୟନ କାର୍ଯ୍ୟର ସମୀକ୍ଷା



ଜଳେଶ୍ୱର(ନିପ୍ର): ଜିଲାପାଳ ସୂର୍ଯ୍ୟ ବଂଶୀ ମୟୁର ବିକାଶ ରାଇବଣିଆ ଗଡ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଛନ୍ତି । ୧୭ କୋଟି ଟଙ୍କା ବ୍ୟୟରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ମନ୍ଥର ଗତି ସଂପର୍କରେ ଆଲୋଚନା କରିବା ସହିତ ଶୀଘ୍ର ଶେଷ କରିବାକୁ ଟାର୍ଗିଦ୍ କରିଥିଲେ । ଟୁରିଜିମ୍ ଓ ସଂସ୍କୃତି ବିଭାଗ ପକ୍ଷରୁ ଦୁର୍ଗ ନିକଟ ରୁପାଦିଘୀ ପୋଖରୀ ଉନ୍ନତିକରଣ, କମ୍ୟୁନିଟି ସେଂଟର, ଗେଷ୍ଟ ହାଉସ, ପାଚେରୀ କାର୍ଯ୍ୟ ବୁଲି ଅସନ୍ତୋଷ ପ୍ରକାଶ କରିଥିଲେ । ତହସିଲଦାର ସତ୍ୟଜିତ ମହାନ୍ତି, ଏ ବିଡିଓ ସୁଧିର ସାହୁ ପ୍ରମୁଖ ଉପସ୍ଥିତ ରହି ସମିକ୍ଷା କରିଥିଲେ ।

# ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ଉଦ୍‌ଘାଟିତ

ଧାମନଗର(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଭଟସାହି ପଂଚାୟତର ଫଳପୁର ମହାପାତ୍ର ସାହି ଠାରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଗୃହକୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ଶୁଭ ଉଦ୍‌ଘାଟନ କରାଯାଇଛି । ଏହି ଅବସରରେ ସ୍ଥାନୀୟ ଅଂଚଳରେ ଉତ୍ସାହ ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦମୟନ୍ତୀ ଦେଇ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ସୁପରଭାଇଜର ମମତା ରାଉତ, ସରପଂଚ ସୀତାକାନ୍ତ ମିଶ୍ର, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର ଏବଂ ୱାର୍ଡ ସଭ୍ୟ ମାନସ ରଞ୍ଜନ ପାଢ଼ୀ ପ୍ରମୁଖ ଯୋଗଦେଇ ପୂଜାର୍ଚ୍ଚନା ଓ ବେଦପାଠ ପୂର୍ବକ ଗୃହ କୁ ଉଦଘାଟନ କରିଥିଲେ । ଅଙ୍ଗନବାଡ଼ି କର୍ମୀ ଜୟନ୍ତୀ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜ ସେବୀ ଦୀପ୍ତି ରଞ୍ଜନ ମହାପାତ୍ର, ସତ୍ୟ ରଞ୍ଜନ ମହାପାତ୍ର, ଶଶୀକାନ୍ତ ମହାପାତ୍ର, କାଙ୍ଗାଳୀ ସେଠୀ, ନୀଳମଣି ପତୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଉଦ୍‌ଘାଟନୀ ସଭାରେ ସିଡିପିଓ ଶ୍ରୀମତୀ ଦେଇ ଛୋଟ ପିଲାମାନଙ୍କର ପ୍ରାଥମିକ ଶିକ୍ଷା ଓ ସେମାନଙ୍କର ସଠିକ୍ ଯତ୍ନ ନେବା ଦିଗରେ ବିଭିନ୍ନ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଦୁଇଜଣ ଶିଶୁଙ୍କୁ ଅନ୍ନପ୍ରସନ କରାଯାଇଥିଲା । ଶେଷରେ ଅଙ୍ଗନବାଡ଼ି ସହାୟିକା ମିତା ସେଠୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାରସକ୍ଷେତ୍ର ରଥଯାତ୍ରା ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

ବାରିପଦା(ନିପ୍ର): ଉତର ଓଡ଼ିଶା ଉପାନ୍ତ ଅଂଚଳସ୍ଥିତ ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠ, ସାରସକଣା ଜିଲ୍ଲା: ମୟୂରଭଞ୍ଜରେ ଜୁଲାଇ ୧୬ ତାରିଖ ଠାରୁ ୨୪ ତାରିଖ ୨୬ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରାର ସଫଳ ଆୟୋଜନ ଲାଗି ମନ୍ଦିର ବେଢା ସ୍ଥିତ ଜଗନ୍ନାଥ ସଂସ୍କୃତି ସଭାଗୃହ ଠାରେ ତା.୮.୭.୨୬ ଅପରାହ୍ନ ମନ୍ଦିର ପରିଚାଳନା ଟ୍ରଷ୍ଟ୍ ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ହୋଇଯାଇଛି । ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରସକଣା ସୁମନ ରାଜା ମହାନ୍ତି ମୁଖ୍ୟ ଅତିଥି, ଅତିରିକ୍ତ ତହସିଲଦାର ସାରସକଣା ସୁଶ୍ରୀ ଲୋପାମୁଦ୍ରା ମହାନ୍ତି ମୁଖ୍ୟବକ୍ତା ଓ ସାରସକଣା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସେବାଧିକାରୀ ଡା. ମନୋଜ ମୁର୍ମୁ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳାର ସହ ରଥଯାତ୍ରାର ସଫଳ ଆୟୋଜନ ନିମନ୍ତେ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ । ଜନ ପ୍ରତିନିଧି ସରପଂଚ ପୋଖରିଆ ତାପସ କୁମାର ଦାସ, ସରପଂଚ ସାରସକଣା ଆଶାମଣି ଦାସ ଏବଂ ସରପଂଚ ବାଗବୁଡା ଚନ୍ଦ୍ରିକା ନାଏକ ମଧ୍ୟ ସମ୍ମାନିତ ଅତିଥି ରୂପେ ଯୋଗଦାନ ପୂର୍ବକ ଶୃଙ୍ଖଳିତ ଗୁଣ୍ଡିଚା ଯାତ୍ରାପାଇଁ ସେମାନଙ୍କ ପଂଚାୟତ ଆବଶ୍ୟକୀୟ ସହାୟତା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ । ବୈଠକରେ ଅଂଶଗ୍ରହଣକାରୀ ଶିକ୍ଷାୟୋତନ ପ୍ରତିନିଧି ଯଥା: ମା’ ସୁଭଦ୍ରା ବଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ଘୋଷ, ଶିକ୍ଷିକା ବନ୍ଦନା ମହାପାତ୍ର, ସାରସକଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ବେହେରା ମତ ରଖିଥିଲେ, ପ୍ରତ୍ୟେକ ବର୍ଷଭଳି ଏବର୍ଷ ବି ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଧ୍ୟାପକ/ ଅଧାପିକାଙ୍କ ତତ୍ୱାବଧାନରେ ଛାତ୍ରଛାତ୍ରୀ ରଥଭିଡର ଶୃଙ୍ଖଳା ରକ୍ଷାର ଦାୟିତ୍ୱ ନିର୍ବାହ କରିବେ । ଅଂଚଳର ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ସହାୟିକା ସନ୍ଧ୍ୟାରାଣୀ ନାଏକ, ପ୍ରତିଭା ସାହୁ, ଲିଲିମଣି ଖିଲାର, ଦିବାନୀ ନାଏକ, ପୁଷ୍ପଲତା ସାହୁ, ଦୀପାଳି ମହାନ୍ତ, ମନ୍ଦାକିନୀ ସାହୁ, ମାନସୀ ପାତ୍ର ଓ ସୁସ୍ମିତା ବେହେରା ପ୍ରମୁଖ ରଥଯାତ୍ରାରେ ସ୍ୱଚ୍ଛତା ରକ୍ଷା ଏବଂ ପାନୀୟ ଜଳ ଯୋଗାଣ ପାଇଁ କାର୍ଯ୍ୟ କରିବେ ବୋଲି ବୈଠକକୁ ଅବଗତ କରିଥିଲେ । ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ଓ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଏବଂ ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠର ପ୍ରମୁଖ ସକ୍ରିୟ ସେବକ/ ସେବିକା ସର୍ବଶ୍ରୀ ଭବାନୀ ଶଙ୍କର ନାଏକ, ଅସିତ କୁମାର ସାହୁ, ଦୁର୍ଗା ପ୍ରସାଦ ନନ୍ଦୀ, ମନୋଜ କୁମାର ସାହୁ, ପୁଲକ କୁମାର ସାହୁ, ପ୍ରଦୀପ କୁମାର ପାଲିତ, ସୁଧୀରଞ୍ଜନ ସାହୁ, ନବକିଶୋର ସେଠୀ ଓ ଅତୁଲ ଚନ୍ଦ୍ର ଦାସ ଆଦି ବୈଠକରେ ଅଂଶଗ୍ରହଣ କରି ନବଦିନ ଯାତ୍ରାର ଭବ୍ୟ ଓ ସଫଳ ଆୟୋଜନ ପାଇଁ ନିଜ ନିଜ ମତାମତ ଦେଇଥିଲେ । ମନ୍ଦିର ପରିଚାଳନା କମିଟି କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା ଜଣାଇ ବୈଠକ ସାଙ୍ଗ ହୋଇଥିଲା ।

# ଆଦିବାସୀ ଅଂଚଳରେ ଡାକ୍ତରଙ୍କ ଅକୁହା କାହାଣୀ

ନବରଙ୍ଗପୁର(ନିପ୍ର): ନବରଙ୍ଗପୁର କେବଳ ଓଡ଼ିଶାର ଏକ ଜିଲ୍ଲା ନୁହେଁ; ଏହା ହେଉଛି ଆମ ଆଦିମ ଅଧିବାସୀଙ୍କ ସଂସ୍କୃତି, ପରଂପରା, ପ୍ରକୃତି ଓ ସଂଘର୍ଷର ଏକ ଜୀବନ୍ତ ପରିଚୟ । ଜିଲ୍ଲାର ଅଧିକାଂଶ ଜନସଂଖ୍ୟା ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ସ୍ୱାସ୍ଥ୍ୟସେବାର ଚିତ୍ର ମଧ୍ୟ ଅନ୍ୟ ଜିଲ୍ଲାମାନଙ୍କ ଠାରୁ ଭିନ୍ନ । ଦାରିଦ୍ର୍ୟ, ଦୁର୍ଗମ ଅଂଚଳ, ଅଶିକ୍ଷା, କୁପୋଷଣ ଓ ସଚେତନତାର ଅଭାବ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ଜଟିଳ କରିଦେଇଛି । ଏହି ପରିସ୍ଥିତିରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରମାନେ କେବଳ ରୋଗୀଙ୍କ ଚିକିତ୍ସା କରୁନାହାନ୍ତି, ସେମାନେ ମାନବିକତା, ଧୈର୍ଯ୍ୟ ଓ ସମର୍ପଣର ଏକ ନିରବ ଅଧ୍ୟାୟ ଲେଖୁଛନ୍ତି । ନବରଙ୍ଗପୁର ଜିଲ୍ଲାରେ ମ୍ୟାଲେରିଆ, କ୍ଷୟରୋଗ, ରକ୍ତହୀନତା, ଡାଇରିଆ, ଶିଶୁ କୁପୋଷଣ ଏବଂ ମାତୃ ସ୍ୱାସ୍ଥ୍ୟ ସମସ୍ୟା ଏପର୍ଯ୍ୟନ୍ତ ଗୁରୁତର ଚ୍ୟାଲେଞ୍ଜ ହୋଇ ରହିଛି । ଦୁର୍ଗମ ଅଂଚଳରେ ସୁରକ୍ଷିତ ପାନୀୟ ଜଳ, ସ୍ୱଚ୍ଛତା ଓ ପ୍ରାଥମିକ ସ୍ୱାସ୍ଥ୍ୟ ସେବାର ଅଭାବ ଏହି ସମସ୍ୟାକୁ ଆହୁରି ବଢ଼ାଇଥାଏ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନବରଙ୍ଗପୁର ହେଉଛି ସମଗ୍ର ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ମେରୁଦଣ୍ଡ । ଦିନକୁ ଶହ ଶହ ରୋଗୀ ଦୂରଦୂରାନ୍ତର ଗାଁରୁ ଏଠାକୁ ଆସନ୍ତି । କେହି ସାପ କାମୁଡ଼ାରେ, କେହି ମ୍ୟାଲେରିଆରେ, କେହି ପ୍ରସବ ଜନିତ ସମସ୍ୟାରେ, ଆଉ କେହି ସଡ଼କ ଦୁର୍ଘଟଣାରେ ଆହତ ହୋଇ ଆସନ୍ତି । ସୀମିତ ସମ୍ବଳ ମଧ୍ୟରେ ଡାକ୍ତର, ନର୍ସ, ଲ୍ୟାବ୍ ଟେକ୍ନିସିଆନ୍ ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ଦିନରାତି ନିରନ୍ତର ସେବା ଦେଇ ଚାଲିଛନ୍ତି । ଜଣେ ସରକାରୀ ଡାକ୍ତରଙ୍କ ଜୀବନ ବାହାରୁ ଯେତେ ସହଜ ଲାଗେ, ବାସ୍ତବରେ ସେତେ ସହଜ ନୁହେଁ । ଅନେକ ସମୟରେ ଗୋଟିଏ ଦିନରେ ଶତାଧିକ ରୋଗୀ ଦେଖିବା, ଜରୁରୀକାଳୀନ ଡ୍ୟୁଟି, ରାତିରେ ପ୍ରସବ, ସଡ଼କ ଦୁର୍ଘଟଣା, ସାପ କାମୁଡ଼ା ଓ ଗୁରୁତର ରୋଗୀଙ୍କ ଚିକିତ୍ସା ଏସବୁ ତ ଡାକ୍ତର ମାନଙ୍କ ପାଇଁ ଦୈନନ୍ଦିନ ଜୀବନର ଏକ ଅଂଶ । ପରିବାର ପାଇଁ ସମୟ କମ୍ ମିଳେ, ମାନସିକ ଚାପ ବେଶି ରହେ, ତଥାପି ରୋଗୀଙ୍କ ହସ ହିଁ ସେମାନଙ୍କର ସବୁଠାରୁ ବଡ଼ ପ୍ରେରଣା । ଆଦିବାସୀ ସମାଜର ସ୍ୱାସ୍ଥ୍ୟ ସମସ୍ୟା କେବଳ ରୋଗରେ ସୀମିତ ନୁହେଁ । ଦାରିଦ୍ର୍ୟ, ପୋଷଣର ଅଭାବ, ଗର୍ଭବତୀ ମହିଳାଙ୍କ ନିୟମିତ ପରୀକ୍ଷାର ଅଭାବ, ଶିଶୁଙ୍କ ଟିକାକରଣରେ ବାଧା, ଅନ୍ଧବିଶ୍ୱାସ ଓ ଝଡ଼ାଫୁଙ୍କା ଏସବୁ ଉପରେ ନିର୍ଭରଶୀଳତା ଚିକିତ୍ସାକୁ ବିଳମ୍ବ କରିଥାଏ । ବହୁ ରୋଗୀ ହସ୍ପିଟାଲକୁ ଆସିବା ବେଳକୁ ରୋଗ ଗୁରୁତର ଅବସ୍ଥାରେ ପହଂଚିଯାଇଥାଏ । ଗବେଷଣାରେ ମଧ୍ୟ ନବରଙ୍ଗପୁରରେ ମାତୃ ଓ ଶିଶୁ କୁପୋଷଣ, ରକ୍ତହୀନତା ଓ ସଂକ୍ରାମକ ରୋଗର ଭାର ଉଲ୍ଲେଖ କରାଯାଇଛି । ଏହା ସହିତ ଆଉ ଏକ ବଡ଼ ସମସ୍ୟା ହେଉଛି ଅବୈଧ କିମ୍ବା ଅଯୋଗ୍ୟ ଚିକିତ୍ସକଙ୍କ ଉପରେ ନିର୍ଭରଶୀଳତା । ଅନେକ ଦୁର୍ଗମ ଗାଁରେ ଲୋକମାନେ ପ୍ରଥମେ ଗୁଣିଆ ବା ଦିଶାରୀ ପାଖକୁ ଯାଆନ୍ତି, ସେମାନଙ୍କୁ ଲାଗେ କି ଝଡ଼ାଫୁଙ୍କା କଲେ ରୋଗ ଠିକ୍ ହେଇଯିବ । ଯାହାର ପରିଣାମ ସ୍ୱରୂପ ରୋଗ ଆହୁରି ଜଟିଳ ହୋଇଯାଏ । ସରକାର ଏହି ପ୍ରକାର ଅବୈଧ ଚିକିତ୍ସା ବିରୋଧରେ କଠୋର ପଦକ୍ଷେପ ନେଉଛନ୍ତି, କିନ୍ତୁ ଜନସଚେତନତା ଅଭାବ ଏକ ବିକଟ ସମସ୍ୟା । ତଥାପି ଚିତ୍ର କେବଳ ନିରାଶାର ନୁହେଁ । ଆଶାକର୍ମୀ, ଏଏନଏମ୍, ଆଙ୍ଗନୱାଡ଼ି କର୍ମୀ, ମୋବାଇଲ ମେଡିକାଲ ୟୁନିଟ୍ ଓ ସରକାରୀ ସ୍ୱାସ୍ଥ୍ୟ ଯୋଜନା ମାଧ୍ୟମରେ ଦୁର୍ଗମ ଗ୍ରାମଗୁଡ଼ିକୁ ସ୍ୱାସ୍ଥ୍ୟସେବା ପହଂଚାଇବାର ଉଦ୍ୟମ ଚାଲିଛି । ଗର୍ଭବତୀ ମହିଳାଙ୍କ ନିୟମିତ ପରୀକ୍ଷା, ସଂସ୍ଥାଗତ ପ୍ରସବ, ଟିକାକରଣ ଓ ପୋଷଣ କାର୍ଯ୍ୟକ୍ରମ ଦ୍ୱାରା ଧୀରେ ଧୀରେ ସକାରାତ୍ମକ ପରିବର୍ତ୍ତନ ଆସୁଅଛି । ଜଣେ ଡାକ୍ତରଙ୍କ ପାଇଁ ନବରଙ୍ଗପୁର କେବଳ କାର୍ଯ୍ୟସ୍ଥଳ ନୁହେଁ, ଏହା ଏକ ଶିକ୍ଷା । ଚିକିତ୍ସା କେବଳ ଔଷଧ ଦେବା ନୁହେଁ; ଏହା ହେଉଛି ବିଶ୍ୱାସ ଜିତିବା, ଭାଷା ଓ ସଂସ୍କୃତିକୁ ବୁଝିବା ଏବଂ ମାନବିକତାକୁ ସବୁଠାରୁ ଉପରେ ରଖିବା । ଏହାର ପ୍ରକୃତ ଚିତ୍ର ଏହି ଦୁର୍ଗମ ଅଂଚଳରେ ସ୍ପଷ୍ଟ ଭାବରେ ଦେଖିବାକୁ ମିଳେ । ଅନେକ ଡାକ୍ତର ସ୍ଥାନୀୟ ଭାଷାର କିଛି ଶବ୍ଦ ଶିଖନ୍ତି, ଗାଁକୁ ଯାଇ ସଚେତନତା କାର୍ଯ୍ୟକ୍ରମ କରନ୍ତି ଓ ରୋଗୀଙ୍କ ସହ ବିଶ୍ୱାସର ସମ୍ପର୍କ ଗଢ଼ନ୍ତି । ଆଦିବାସୀମାନେ ଅତି ସରଳ ଏବଂ ନିଷ୍କପଟ । ଥରେ ଯଦି ଆପଣ ସେମାନଙ୍କର ବିଶ୍ୱାସ ଜିତିନେବେ, ତେବେ ସେମାନେ ଆପଣଙ୍କୁ ଭଗବାନଙ୍କ ଭଳି ମାନିବେ । ଆଦିବାସୀ ଅଂଚଳରେ ସେବା କରିବା କେବଳ ଏକ ଚାକିରି ନୁହେଁ, ଜଣେ ଡାକ୍ତର ଜୀବନର ଏକ ଅବିସ୍ମରଣୀୟ ଅଧ୍ୟାୟ । ସରକାରୀ ନୀତି ସହିତ ସମାଜର ଅଂଶଗ୍ରହଣ ମଧ୍ୟ ଅତ୍ୟନ୍ତ ଆବଶ୍ୟକ । ସୁରକ୍ଷିତ ପାନୀୟ ଜଳ, ସ୍ୱଚ୍ଛତା, ପୋଷଣ, ଶିକ୍ଷା ଓ ସଡ଼କ ଯୋଗାଯୋଗର ଉନ୍ନତି ବିନା ସ୍ୱାସ୍ଥ୍ୟରେ ସ୍ଥାୟୀ ପରିବର୍ତ୍ତନ ସମ୍ଭବ ନୁହେଁ । ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ଜ୍ଞାନକୁ ସମ୍ମାନ ଦେଇ ଆଧୁନିକ ଚିକିତ୍ସା ସହ ଯୋଡ଼ିବା ଦରକାର । ତେବେ ହିଁ ସ୍ୱାସ୍ଥ୍ୟସେବା ପ୍ରତି ଆସ୍ଥା ଆହୁରି ଦୃଢ଼ ହେବ । ନବରଙ୍ଗପୁରର ଡାକ୍ତରମାନଙ୍କ କାହାଣୀ କୌଣସି ପୁରସ୍କାର କିମ୍ବା ପ୍ରଚାରର କାହାଣୀ ନୁହେଁ । ଏହା ହେଉଛି ନିରବ ସେବା, କର୍ତ୍ତବ୍ୟବୋଧ ଓ ମାନବିକତାର କାହାଣୀ । ପ୍ରତ୍ୟେକ ସୁସ୍ଥ ଶିଶୁ, ପ୍ରତ୍ୟେକ ସୁରକ୍ଷିତ ପ୍ରସବ, ପ୍ରତ୍ୟେକ ବଂଚିଥିବା ଜୀବନ ଏହି ସଂଘର୍ଷର ସଫଳତାର ପ୍ରତୀକ । ଆବଶ୍ୟକତା ହେଉଛି କେବଳ ନବରଙ୍ଗପୁର ନୁହେଁ ଅବିଭକ୍ତ କୋରାପୁଟ ଜିଲ୍ଲା ପରି ଆଦିବାସୀ ଅଂଚଳର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବା, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଉନ୍ନତ ପରିବେଶ ଓ ପର୍ଯ୍ୟାପ୍ତ ସମ୍ବଳ ଯୋଗାଇବା ଏବଂ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତାକୁ ଆହୁରି ସୃଷ୍ଟି କରିବା । କାରଣ ଏକ ସୁସ୍ଥ ଆଦିବାସୀ ସମାଜ ହିଁ ଦୁର୍ଗମ ଅଂଚଳର ପ୍ରକୃତ ଉନ୍ନତିର ଭିତି । ଏହା ସମାଜ ପାଇଁ ଶେଷ ବାର୍ତ୍ତା ନୁହେଁ; ଏହା ଏକ ନୂତନ ଚିନ୍ତାଧାରାର ଆରମ୍ଭ । ଏହା କେବଳ ଜଣେ ଡାକ୍ତରଙ୍କ କାହାଣୀ ନୁହେଁ; ଏହା ମାନବିକତା, ସମର୍ପଣ ଓ ନିଷ୍ଠାର ଏକ ଅକୁହା କାହାଣୀ । ଦୁର୍ଗମ ଆଦିବାସୀ ଅଂଚଳର ପ୍ରତ୍ୟେକ ସୁସ୍ଥ ହସ ପଛରେ ଲୁଚି ରହିଛି ଏଭଳି ଅନେକ ନୀରବ ସଂଘର୍ଷ ।

# ଗୋଧି ଉଦ୍ଧାର, ଯୁବକ କୋର୍ଟ ଚାଲାଣ

ନୂଆପଡ଼ା(ନିପ୍ର): ବିରଳ ବନ୍ୟା ପ୍ରାଣୀ ଗୋଧି (ଗୁଏ) ଉଦ୍ଧାର, ଜଣେ କୋର୍ଟ ଚାଲାଣ । ନୂଆପଡା ଜିଲ୍ଲା ଖଡ଼ିଆଳ ରେଞ୍ଜ ଲତାବାଞ୍ଜି ନିକଟରେ ବନବିଭାଗ ର ଚଢ଼ାଉ । ସୁରକ୍ଷିତ ଭାବେ ବିରଳ ବନ୍ୟ ପ୍ରାଣୀ ଗୋଧି (ଗୁଏ) କୁ ଉଦ୍ଧାର କରିବା ସହ ଗୁଏ କୁ ହତ୍ୟା ଉଦ୍ୟମ କରୁଥିବା ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବନ ବିଭାଗ । ଅଭିଯୁକ୍ତ ଜଣଙ୍କ ପେଣ୍ଡରାବନ୍ଧ ଗାଁର ଅମୃତ ମାଝୀ ବୋଲି ଜଣା ପଡିଛି କ୍ଷ ମିଟର ଲିଜାଡ ବା ଗୋଧି (ଗୁଏ) ର ଓଜନ ୨ କେଜି ୪୦୦ ଗ୍ରାମ ଥିବା ବେଳେ ଲମ୍ବ ରହିଛି ୯୪ ସେଂଟି ମିଟର । ବନ୍ୟ ଜନ୍ତୁ ମାନଙ୍କୁ ସୁରକ୍ଷା ଦେବା ହେଉଛି ଆମ୍ଭ ମାନଙ୍କ କର୍ତବ୍ୟ ଗୋଧି ହେଉଛି ବିରଳ ପ୍ରଜାତିର ଡାଇନୋସର ଯୁଗର ପ୍ରାଣୀ ତାର ଚମଡାରେ ଖଞ୍ଜଣି, ଷଡ଼ଙ୍ଗୀ, ଘୁଡୁକା ଭଳି ଅନେକ ବାଦ୍ୟ ଯନ୍ତ୍ର ନିର୍ମାଣ କରି ଥାନ୍ତି କିନ୍ତୁ ବାଦ୍ୟ ଯନ୍ତ୍ର ପାଇ ଅନ୍ୟ କୌଣଷି ସାମଗ୍ରୀରେ ମଧ୍ୟ ହୋଇପାରିବ କିନ୍ତୁ ନିରୀହ ବିରଳ ପ୍ରଜାତିର ପ୍ରାଣୀ ମାନଙ୍କୁ କିଛି ଟଙ୍କା ଲୋଭରେ ବିକ୍ରି କରିବା ମାନବିକତା ରେ ପ୍ରଶ୍ନ ଉଠୁଛି ।



# ନିଶାଗ୍ରସ୍ତ ଯୁବକଙ୍କ ଉନ୍ମତ କାଣ୍ଡ



ଝାରସୁଗୁଡ଼ା(ନି.ପ୍ର.)- ସଦର ଥାନା ଅଧିନରେ ଥିବା ସମ୍ବଲପୁର ଝାରସୁଗୁଡ଼ା ବାଇପାସ ରାସ୍ତା ପାର୍ଶ୍ୱର୍ରେ ରହିଥିବା ଅର୍ଚାଡ଼ ଷ୍ଟାର ହୋଟଲରେ ତିନି ଜଣ ଯୁବକ ରାତି ୧୦ଟା ୧୫ ମିନିଟ ସମୟରେ ହୋଟଲର ବାରରେ ବସି ଅତ୍ୟଧିକ ମଦ ପିଇବାକୁ ଲାଗିଲେ ଓ ବାରରେ କାର୍ଯ୍ୟରତ ଥିବା ହୋଟଲ ବୟ ଅଧିକ ବିଦେଶୀ ମଦ ଦେବାକୁ ମନା କରିବାରୁ ଉତେଜିତ ହୋଇ ବୟକୁ ମାରଧର କରିବା ସହିତ ସାଉଣ୍ଡ ସିଷ୍ଟମ,ବୋତଲ,କାଚ ଭଙ୍ଗା ଭଙ୍ଗି କରିବାକୁ ଆରମ୍ଭ କଲେ ବୋତଲ ଭାଙ୍ଗି ସେଠାରେ କାର୍ଯ୍ୟରତ ଥିବା ଅନ୍ୟ ପରିଚାଳକଙ୍କୁ ମାଡ଼ ଦେବା ସହିତ ଜୀବନରୁ ମାରିଦେବା ପାଇଁ ବୋତଲ ଧରି ଦୌଡ଼ାଇଥିଲେ ଏବଂ ପାଟିତୁଣ୍ଡ କରିଥିଲେ । ସେମାନଙ୍କର ପାଟିତୁଣ୍ଡ ଓ ଦାଦଗିରି ଦେଖି ରେଷ୍ଟୁରା[କୁ ଆସିଥିବା ବିଦେଶୀ ଅତିଥି , ଅନ୍ୟ ପରିବାରର ମହିଳା ମାନେ ଭୟଭୀତ ହୋଇ କେତେକ ପଳାଇଯାଇଥିବା ବେଳେ ଅନ୍ୟମାନେ ଜୀବନ ଭୟରେ ଲୁଚି ଯାଇଥିଲେ । ସେଠାରେ ଥିବା ଅନ୍ୟ କର୍ମଚାରୀ ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ଶୁଭଙ୍କର ସେଠ୍ ?ଙ୍କୁ ଫୋନ କରିବାରୁ ତୁରନ୍ତ ପୋଲିସ ଗାଡ଼ି ପଠାଇ ଯୁବକ ମାନଙ୍କୁ କାବୁ କରିବାକୁ ଚେଷ୍ଟା କରିବାରୁ ତାଙ୍କ ସହିତ ମଧ ଝଗଡା କରିବା ସହିତ ଧକ୍କା ଦେବା ଆରମ୍ଭ କରିଥିଲେ । ଶେଷରେ ସେଠାରେ ଉପସ୍ଥିତ ଥିବା ଯୁବକଙ୍କ ସହଯୋଗରେ ୩ ଜଣଙ୍କୁ କାବୁ କରି ଥାନାକୁ ଆଣି ଥିଲେ । ଆଜି ସେମାନଙ୍କ ବିରୁଦ୍ଧରେ କେଶ ରୁଜୁ କରି କୋର୍ଟ ପଠା ଯାଇଛି । ଥାନା ଆଇ.ଆଇ.ସିଙ୍କ ଠାରୁ ମିଳି ଥିବା ଖବରରୁ ଜଣାଯାଏ ଯେ ଏହି ତିନି ଜଣ ଯୁବକ ସୌମ୍ୟରଞ୍ଜନ, ସୁଜିତ କୁମାର ସିଂ ଓ ଅନ୍ୟ ଜଣେ ଏକ ମୋଟର କଂପାନୀରେ କାର୍ଯ୍ୟକରନ୍ତି । ସେମାନଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ୨୦୨୩ ଅନୁଯାୟୀ ଧାରା୨୯୬, ୧୧୫ (୨),୧୧୮(୧),୩୨୪ (୪),୩୫୧(୨),୩(୫) ଲଗା ଯାଇଛି । ଝାରସୁଗୁଡ଼ା ଏସ୍ ?.ପି. ଗୁଣ୍ଡାଲା ରେଡ୍ଡୀ ରଘବେନ୍ଦ୍ର କହିଛନ୍ତି ଯେ ସମାଜ ବିରୋଧୀ ଯୁବକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବ୍ରହ୍ମପୁର ଗସ୍ତ ପରେ ରେଳ ବିଭାଗର ବ୍ରହ୍ମପୁର ଓ ଦକ୍ଷିଣ ଓଡ଼ିଶା ପ୍ରତି ରହିଥିବା ଐତିହାସିକ ଅବହେଳା ଏବଂ ବୈମାତୃକ ମନୋଭାବ ଦୂର ହେବ ତ !

ବ୍ରହ୍ମପୁର(ନି.ପ୍ର.) - ରେଳ ମନ୍ତ୍ରୀ ଆସିଲେ, ବୁଲିଲେ, ଦେଖିଲେ, ଭାଷଣ ମାରିଲେ ଏବଂ ସେହିଁ ଘଷା ପିଟା ପୁରୁଣା ପ୍ରତିଶ୍ରୁତି ଦୋହରାଇ ଗାମୁଛା ହଲେଇ ଚାଲିଗଲେ । ବହୁ ପ୍ରତୀକ୍ଷିତ ରେଳ ମନ୍ତ୍ରୀଙ୍କ ବ୍ରହ୍ମପୁର ଷ୍ଟେସନ ଗସ୍ତ ବହୁ ଆଡମ୍ବର ଲଘୁ କ୍ରିୟାରେ ପରିଣତ ହେଲା ଭଳି ମନେ ହେଉଛି କାରଣ ଗୋଟିଏ ସାପ୍ତାହିକ ଟ୍ରେନକୁ ଦୈନିକ ଚଳାଚଳର ଶୁଭାରମ୍ଭ ସଭାରେ ରେଳ ମନ୍ତ୍ରୀ ଓ ତାଙ୍କ ବିଭାଗର ବହୁ ବରିଷ୍ଠ ପଦାଧିକାରୀଙ୍କ ବ୍ୟତୀତ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରିମଣ୍ଡଳର ଅନେକ ମନ୍ତ୍ରୀ,ବିଧାୟକ, ସ୍ଥାନୀୟ ମନ୍ତ୍ରୀ,ସାଂସଦ ,ବିଧାୟକ ଓ ଶହ ଶହ କର୍ମୀ ଓ ଭାଜପା କାର୍ଯ୍ୟକର୍ତାଙ୍କୁ ନେଇ ଯେଉଁଭଳି ଢଙ୍ଗରେ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରାଗଲା ତାହାର ଆବଶ୍ୟକତା ଥିଲା କି ବୋଲି ବର୍ତମାନ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଚି । ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୀର୍ଘ ବର୍ଷ ଧରି ରେଳ ମନ୍ତ୍ରୀ ରୂପେ ଦାୟିତ୍ୱ ତୁଲାଇବା ସହ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅତି ନିକଟତମ ସହଯୋଗୀ ହୋଇଥିବାରୁ ତାଙ୍କର ପ୍ରଥମ ବିଦ୍ଧିବଦ୍ଧ ବ୍ରହ୍ମପୁର ଷ୍ଟେସନ ପରିଦର୍ଶନ କାର୍ଯ୍ୟକ୍ରମ ଏଠାକାର ଜନସାଧାରଣ ଓ ବିଭିନ୍ନ ସାମାଜିକ ସଂଗଠନ ମାନଙ୍କ ମଧ୍ୟରେ ଅହେତୁକ ଉତ୍କଣ୍ଠା ଓ ଆଗ୍ରହ ପ୍ରକାଶ ପାଇଥିଲା । ସମସ୍ତେ ଆଶା କରିଥିଲେ ଯେ ରେଳ ମନ୍ତ୍ରୀଙ୍କ ପ୍ରଥମ ବ୍ରହ୍ମପୁର ଗସ୍ତ ଅବସରରେ ସେ ବ୍ରହ୍ମପୁର ତଥା ଦକ୍ଷିଣ ଓଡ଼ିଶାର ରେଳ ଭିତିଭୂମିର ବିକାଶ, ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ନେଇ କିଛି ନୂତନ ଓ ବଡ ଯୋଜନା ଘୋଷଣା କରିବେ । କିନ୍ତୁ ଚିରାଚରିତ ଢ଼ଙ୍ଗରେ ସେ ଦାଦନ ଟ୍ରେନ ରୁପେ ପରିଚିତ ବ୍ରହ୍ମପୁର - ଉଧାନ୍ ଚାଳିତ ବନ୍ଦେ ଭାରତ ଟ୍ରେନର ଦୈନିକ ଯାତାୟତକୁ ସବୁଜ ପତାକା ଦେଖେଇ ଶୁଭାରମ୍ଭ କରିବା ବ୍ୟତୀତ ଆଉ ସେଭଳି ବିଶେଷ ଭାବରେ ପ୍ରଭାବିତ କଲାଭଳି ବ୍ରହ୍ମପୁର କିମ୍ବା ଦକ୍ଷିଣ ଓଡ଼ିଶା ନିମନ୍ତେ ରେଲୱେ ବିକାଶ ସମ୍ବନ୍ଧୀୟ କୌଣସି ପ୍ରସଙ୍ଗ ଉପରେ ଆଲୋଚନା କଲେ ନାହିଁ । ବ୍ରହ୍ମପୁର ରେଳ ଷ୍ଟେସନର ବିକାଶ ଓ ଆଧୁନିକୀକରଣ ନିମନ୍ତେ ଅମୃତ ଭାରତ ଯୋଜନାରେ ସେ ପୂର୍ବରୁ ଯେଉଁ ୩୦୦ କୋଟି ଟଙ୍କା ଘୋଷଣା କରିଥିଲେ ତାହାକୁ ଦୋହରାଇବା ବ୍ୟତିତ ଦୀର୍ଘ ଦିନରୁ ଦାବୀ ହୋଇ ଆସୁଥିବା ଆଉ କୌଣସି ପ୍ରକଳ୍ପ ସମ୍ବନ୍ଧରେ ପାଟି ଖୋଲି ନଥିଲେ । ବ୍ରହ୍ମପୁର ଷ୍ଟେସନର ଆଧୁନିକକରଣର ବିକାଶ ମୋଡେଲ ସୌଧ କିଭଳି ଓ କଣ ରହିବା ଦରକାର ଏବଂ ସ୍ଥାନୀୟ ଅଂଚଳବାସୀଙ୍କ ଏହା ଉପରେ ମତ ଓ ରାୟ କଣ ତାହାକୁ ଅଣଦେଖା କରି ସଭାରେ ଉପସ୍ଥିତ ଥିବା ମୁଖ୍ୟମନ୍ତ୍ରୀ ଯେଉଁ ମୋଡେଲ ପ୍ରଦର୍ଶନ କଲେ ତାହା ଅନେକଙ୍କ ମନରେ ଭୃକଂଚନ ସୃଷ୍ଟି କରିଛି । ମୋଟାମୋଟି ଭାବେ ଏ ନେଇ ମିଶ୍ରିତ ପ୍ରତକ୍ରୀୟା ପ୍ରକାଶ ପାଇଥିଲା ବେଳେ ଅନେକ ଏହାକୁ ନାପସନ୍ଦ କରିଥିବା ଦେଖାଯାଇଥିଲା । ସମସ୍ତଙ୍କ ମତାମତ ନେଇ ସ୍ଥାନୀୟ କଳା, ସଂସ୍କୃତି, ଭାସ୍କର୍ଯ୍ୟ, ଅତିହ୍ୟ, ଲୋକାଚାର ଓ ପର୍ଯ୍ୟଟନ ପରିବେଶ ଆଧାରିତ ଏବଂ ଭାବନା ପ୍ରିତିନିଧିତ୍ୱ ଏକ ମୋଡେଲ ଷ୍ଟେସନ୍ ନିର୍ମାଣ ହେଉ ବୋଲି ସମସ୍ତେ ଆଶା କରନ୍ତି । ସରକାର ଏହି ମୋଡେଲ ବାଦଲରେ ଏକ ସର୍ବ ଗ୍ରହଣୀୟ ସଂଶୋଧିତ ମୋଡେଲ ଆଣିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି । ଏହି ମୋଡେଲ ଷ୍ଟେସନର କାର୍ଯ୍ୟ କେବେ ଆରମ୍ଭ ହେବ ଓ କେବେ ଶେଷ ହେବ ତାହାର ମଧ ଏକ ନିର୍ଦ୍ଧିଷ୍ଟ ଅବଧି ରହିବା ଦରକାର । ସେହି ଅନୁଯାୟୀ ସରକାର ଓ ବିଭାଗ ତରଫରୁ ବଜେଟାରି ସପୋର୍ଟ ରହିଲେ ଯାଇ ଏହା ସମ୍ଭବ । ପଡ଼ୋଶୀ ଆନ୍ଧ୍ରର ରେଲୱେ ବିକାଶ କ୍ଷେତ୍ରରେ ଦାବୀକୁ ଯେଉଁଭଳି ଭାବରେ ପୂରଣ କରାଯାଉଛି ଓଡ଼ିଶା କ୍ଷେତ୍ରରେ ପକ୍ଷପାତିତା ବାରୀ ହେଇ ପଡୁଛି । ମନେ ହେଉଛି ଆନ୍ଧ୍ର ଲବି ଆଗରେ ଓଡ଼ିଶା ଲବି ଫିକା ଓ ଦୁର୍ବଳ ପ୍ରତିପାଦିତ ହେଇ ଯାଉଛି । ସ୍ପଷ୍ଟ ଭାବେ ନ କହିଲେ ମଧ ଏତିକି ବୁଝି ହେଉଛି ଆନ୍ଧ୍ରର ସ୍ୱାର୍ଥ ରକ୍ଷା ପାଇଁ ବ୍ରହ୍ମପୁର ଓ ଦକ୍ଷିଣ ଓଡ଼ିଶାର ରେଳ ବିକାଶ ଉପରେ ଯେପରି ଗୁରୁତ୍ୱ ଓ ପ୍ରଧାନ୍ୟ ରହିବା କଥା କିଛି ନିର୍ଦ୍ଧିଷ୍ଟ ପଦକ୍ଷେପ ଓ ଯୋଜନା ଗ୍ରହଣ କରି ତାହା ଭାଗର କାର୍ଯ୍ୟକଳାପ ଦ୍ୱାରା ପରିଦୃଶ୍ୟ ହେଉ ନାହିଁ । ବ୍ରହ୍ମପୁର ତଥା ଦକ୍ଷିଣ ଓଡ଼ିଶାର ରେଲୱେ କ୍ଷେତ୍ରରେ ବିକାଶ ସକାଶେ ଆବଶ୍ୟକତା ଅନୁଯାୟୀ ହେଉଥିବା ଦାବୀ ଗୁଡିକୁ ଜାଣିଶୁଣି ଅଣଦେଖା କରାଯାଉଛି । ବ୍ରହ୍ମପୁରରେ କୋଚିଂ ଡିପୋ, ଟର୍ମିନାଲ, ୱାସିଙ୍ଗ ବେଶିନ, ଶିତଳାପଲ୍ଲୀ ଠାରେ ବନ୍ଦେ ଭାରତ କୋଚ ଫ୍ୟାକ୍ଟ୍ରି, ବ୍ରହ୍ମପୁରରୁ ଦେଶର ପ୍ରମୁଖ ସହରକୁ ସିଧାସଳଖ ଯୋଗାଯୋଗ ସ୍ଥାପନ ନିମନ୍ତେ ଟ୍ରେନ ସୁିଧା ବିଶେଷ କରି ଦିଲ୍ଲୀ, ବାଙ୍ଗାଲୋର, ଅଯୋଧ୍ୟା, ପ୍ରୟାଗରାଜ, ପୁନେ, ବମ୍ବେ, ଅହମ୍ମଦାବାଦ,ସମ୍ବଲପୁର, ପୁରୀ ଇତ୍ୟାଦି ସହରକୁ ତଥା ପୁର୍ବରୁ ଚାଲୁଥିବା ସମସ୍ତ ନିୟମିତ ଟ୍ରେନର ପୁନଃ ଚାଲୁ ,ବ୍ରହ୍ମପୁରରେ ଡିଆରଏମ୍ କର୍ଯ୍ୟାଳୟ ଖୋଲିବା ଏବଂ ବ୍ରହ୍ମପୁରରେ ଗୋଟେ ରେଲୱେ ୟୁନିଭରସିଟି/ ଏନ୍ଆରଟିଆଇର ଶାଖା ପ୍ରତିଷ୍ଠା ଆଦି ଦାବୀ ଉପରେ ମନ୍ତ୍ରୀ ମହୋଦୟ ନୀରବ ରହିବା ଉପସ୍ଥିତି ସମସ୍ତଙ୍କୁ ନିରାଶ କରିଛି ।



ସେହିପରି ସ୍ୱାଧୀନତାର ୭୫ ବର୍ଷ ତଥା ଅମୃତ କାଳରେ ମଧ ଦକ୍ଷିଣାଂଚଳର ଅନେକ ଅଂଚଳକୁ ରେଳ ଲାଇନ ଟିଏ ଯାଇ ପାରିଲା ନାହିଁ । ଗୋପାଳପୁର ରେଢ଼ାଖୋଲ,ଗୋପାଳପୁର ସମ୍ବଲପୁର ଭାୟା ଫୁଲବାଣୀ,ଗୋପାଳପୁର ରାୟଗଡ଼ା, ବ୍ରହ୍ମପୁର ମାଲକାନାଗିରି ଆଦି ଜନଜାତି ବହୁଳ ଅଂଚଳକୁ ରେଳ ଲାଇନ ନିର୍ମାଣ ନେଇ ହୋଇ ଆସୁଥିବା ଦାବୀ ଓ ଜନସାଧାରଙ୍କ ସ୍ୱରକୁ ରେଳ ବିଭାଗ ଗୁରୁତ୍ୱର ସହ ବିଚାର ପରିଧି ମଧକୁ ନେଇ କାର୍ଯ୍ୟକାରୀ କରୁ ନାହିଁ । ରେଳ ଭିତିଭୂମିର ବିକାଶ ହେଲେ ଏଠାରେ ଶିଳ୍ପ ପ୍ରତିଷ୍ଠା, ନିର୍ମାଣ ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପରିବହନ,ପର୍ଯ୍ୟଟନ ଓ ଖଣିଜ ସମ୍ପଦର ସଦୁପୋଯଗ ହୋଇ ଏହି ଅଂଚଳର ଜନସାଧାରଙ୍କ ସାମାଜିକ,ସାଂସ୍କୃତିକ ଓ ଆର୍ଥିକ ବିକାଶ ଓ ଅଭିବୃଦ୍ଧି ଘଟି ଜୀବନ ଧାରଣ ମାନରେ ଉତ୍କୃଷ୍ଟତା ଆସି ପାରନ୍ତା । କିନ୍ତୁ ରେଳ ବିଭାଗର କାର୍ଯ୍ୟଖସଡ଼ାରେ ଏବଂ ମନ୍ତ୍ରୀଙ୍କ ଯୋଜନା ତାଲିକାରେ ଏହି ଅଂଚଳ ଆଗକୁ କେତେ ସ୍ଥାନ ପାଉଛି ତାହା ଦେଖିବାକୁ ବାକି ରହିଲା । ଏ ସମ୍ପର୍କରେ ମତ ରଖିବାକୁ ଯାଇ ସହର ତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି ଯେ ସମସ୍ତ ଅସଙ୍ଗତି ଓ ବିସଙ୍ଗତି ସ୍ୱତେ ଆମେ ଆଶା କରୁଛୁ ରେଳ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଷ୍ଟେସନ ଗ୍ରସ୍ତ ପରେ ବ୍ରହ୍ମପୁର ଓ ଦକ୍ଷିଣ ଓଡ଼ିଶାର ରେଲୱେ ଭିତିଭୂମି ବିକାଶ,ଅଭିବୃଦ୍ଧି ଓ ଉନ୍ନତି କ୍ଷେତ୍ରରେ ବିଭାଗ ଯେଉଁ ଐତିହାସିକ ଅବହେଳା, ଅଣଦେଖା ଓ ବୈମାତୃକ ମନୋଭାବ ପୋଷଣ କରିଆସୁଥିଲେ ତାହା ଦୂର ହେ୍ବ ଏବଂ ଡବଲ ଇଞ୍ଜିନ ସରକାର ଥିବାରୁ ଏହି ଅଂଚକ ରେଲୱ୍ୱା ବିକାଶରେ ଏକ ନୂତନ ଦିଶା ପାଇବ ଏବଂ ଏହାର ଭାଗ୍ୟ ପରିବର୍ତନରେ ସହାୟକ ହେବା ନେଇ ସମସ୍ତେ ଆଶାବାଦୀ ବୋଲି ସେ କହିଥିଲେ । କାରଣ ରାଜ୍ୟରେ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଗଠନ ଓ ସ୍ଥାପନରେ ଗଞ୍ଜାମ ଓ ଦକ୍ଷିଣ ଓଡ଼ିଶା ଯଥେଷ୍ଟ ସାହାଯ୍ୟ, ସହଯୋଗ ଓ ସମର୍ଥନ ଯୋଗେଇ ଦେଇଛି ବହୁ ସଂଖ୍ୟକ ବିଧାୟକ ଓ ସାଂସଦକୁ ବିଧାନସଭା ଓ ସଂସଦକୁ ଏଠାରୁ ପଠେଇ । ଏହି ଗୁରୁତ୍ୱପୂର୍ଣ ଉପଲବ୍ଧି ଓ ସଙ୍କେତକୁ ଯଦି ଦଳ ଓ ସରକାର ବୁଝିବାରେ ଅସମର୍ଥ ହୁଅନ୍ତି ଓ ଏହି ଅଂଚଳକୁ ଚିରାଚରିତ ଢଙ୍ଗରେ ଅଣଦେଖା କରନ୍ତି ତାହା ହେଲେ ଏଠାକାର ଜନସାଧାରଣ କ୍ଷମା ଦେବେ ନାହିଁ ଏଥିରେ କୌଣସି ଦିରୁକ୍ତି ନାହିଁ ।

# କଳାକାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ



ବ୍ରହ୍ମପୁର(ନି.ପ୍ର.) : ଆଜି ସନ୍ଧ୍ୟାରେ ବ୍ରହ୍ମପୁରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କଳା ଓ କଳାକାର ପ୍ରତିଷ୍ଠାନ ତରଫରୁ ସ୍ଥାନୀୟ ଉତ୍କଳ ଆଶ୍ରମର ସଭାଗୃହରେ ପ୍ରତିଷ୍ଠାନର ସଭାପତି ଇ ଅରୁଣ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ 'କଳାକାର ସମ୍ବର୍ଦ୍ଧନା ଉତ୍ସବ' ଆୟୋଜିତ ହୋଇସାରିଛି କ୍ଷ ଗତ ଜୁଲାଇ ୨ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଭଞ୍ଜକଳକ୍ଷ ମଣ୍ଡପରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସଂଗୀତ ନାଟକ ଏକାଡେମୀ ଏବଂ ଓଡିଶା ନାଟ୍ୟସଂଘ ମିଳିତ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟଧାରା ଉତ୍ସବରେ ନାଟ୍ୟକାର ଲିଙ୍ଗରାଜ ନାହାକଙ୍କ ରଚିତ ଏବଂ ନାଟ୍ୟପ୍ରଦୀପ ମଦନ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ 'ବାଘ' ମଂଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା କ୍ଷ ଏହି ନାଟକରେ ଅଭିନୟ କରିଥିବା କଳାକାର ମନୋଜ ଦଣ୍ଡପାଟ, ଡ ମିହିର ତ୍ରିପାଠୀ, ଭକ୍ତି ସୁଦନ ରଥ, ବଳରାମ ମାଳି, ମଧୁ ସୁଦନ ସାହୁ, ଗୋକୁଳ ପଣ୍ଡା ଏବଂ ପ୍ରିତୀମଞ୍ଜରୀ ପ୍ରତିନିଧିଙ୍କ ସମେତ ସଂଗୀତ ନିର୍ଦ୍ଦେଶକ ଚି[ ମହାପାତ୍ର, କଣ୍ଠଶିଳ୍ପୀ ସନ୍ତୋଷ ବେହେରା, ଚାଙ୍ଗୁ ବାଦ୍ୟକାର ସନ୍ତୋଷ ମାଝୀ, ମଂଚ ନିର୍ଦ୍ଦେଶକ ସତ୍ୟ ମହାରଣା, ନାଟ୍ୟକାର ଲିଙ୍ଗରାଜ ନାହାକ ଏବଂ ନିର୍ଦ୍ଦେଶକ ମଦନ ମିଶ୍ରଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଏଥି ସହ ବ୍ୟବସ୍ଥାପକ ରବୀନ୍ଦ୍ର କୁମାର ନାୟକ, ତ୍ରିପତି ନାୟକ, ସରୋଜ କୁମାର ବାରିକ, ସୁଶ୍ରୀ ଯୋଗେଶ୍ୱିନୀ ଗୌଡ଼ ପ୍ରମୁଖଙ୍କୁ ମଧ ସମ୍ମାନିତ କରାଯାଇଥିଲା କ୍ଷ ଏହି ଉତ୍ସବରେ ବ୍ରହ୍ମପୁର ସାମ୍ବାଦିକ ସଂଘର ସଭାପତି ଅଶୋକ ବ୍ରହ୍ମା, ଓଡିଶା ନାଟ୍ୟସଂଘର (ଦକ୍ଷିଣାଂଚଳ) ଉପସଭାପତି ଭବାନୀ ଶଙ୍କର ମିଶ୍ର, ବରିଷ୍ଠ ସାମ୍ବାଦିକ ସୁଦିପ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା କଳାକାର ସଂଘର ସଭାପତି ଶଙ୍କର୍ଷଣ ସାବତ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଏନ. ରାମବାବୁ, ସରୋଜ ପଣ୍ଡା, ସୁଜ୍ଞାନୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ବୋରିଗୁମ୍ମା(ନି.ପ୍ର) ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବି ସିଂପୁର ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସ୍ଥାନୀୟ କୋରାପୁଟ ସାଂସଦ ପ୍ରତିନିଧି ରାମଚନ୍ଦ୍ର ପାଢ଼ୀ, ବିଧାୟକ ପ୍ରତିନିଧି ଅଶୋକ କୁମାର ଗନ୍ତାୟତ, ବୋରିଗୁମ୍ମା ବ୍ଲକ ଅଧକ୍ଷା ଦୀପ୍ତିମୟୀ ନାୟକ,ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଳା ଘାସି,ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ମାଧୁରୀ ଆଚାରୀ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଅସ୍ଥିଶଲ୍ୟ ବିଭାଗ ୩୮ ଜଣ,ଚକ୍ଷୁ ବିଭାଗ ୨୨ ଜଣ,ବୌଦ୍ଧିକ ଅକ୍ଷମତା ବିଭାଗ ୮ ଜଣ,,ଶ୍ରବଣ ଶକ୍ତି ବାଧିତ ଓ ବକ ଶକ୍ତି ବଧିତ ବିଭାଗ ୨୪ ଜଣ,ଅନ୍ୟାନ୍ୟ ବିଭାଗ ମୋଟ ସମୁଦାୟ ୯୩ ଜଣ ଦିବ୍ୟାଙ୍ଗ ଭୀମଭୋଇ ଭିନ୍ନ କ୍ଷମ ସାମର୍ଥ୍ୟ ଶିବିରରେ ପୁଞ୍ଜିକରଣ କରିଥିଲେ ।ଏହି ଶିବିରରେ ଚକ୍ଷୁ ବିଶେଷଜ୍ଞ ଡକ୍ଟର ସାଦବ,ଶ୍ରବଣ ଶକ୍ତି ଓ ବକ ଶକ୍ତି ବିଶେଷଜ୍ଞ ଡ଼କ୍ଟର ସାଲାମ ଏନକେ,ଅସ୍ଥିସଲ୍ୟ ବିଶେଷଜ୍ଞ ଡ଼କ୍ଟର ଅଭିଷେକ ବେହେରା,ଦକ୍ଟର କିଷାନ ସାହୁ,ଶିଶୁ ବିଶେଷଜ୍ଞ ଡ଼କ୍ଟର ସୁଜିତ ସାହୁ,ମାନସିକ ରୋଗ ବିଶେଷଜ୍ଞ ଡ଼କ୍ଟର ଶବ୍ୟସଚି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଶିବିର ରେ ପୁଞ୍ଜିକରଣ ରେ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଏବଂ ବିଆରଟି ଜଗଦୀଶ ମେହେର ଓ ସହକାରୀ ବିଆରଟି ନନ୍ଦିନୀ ବଡ଼ଜେନା ପ୍ରମୁଖ ସହଯୋଗ କରିଥିଲେ । ସାମାଜିକ ସୁରକ୍ଷା ସହକାରୀ କାର୍ଯ୍ୟକ୍ଷମ ଅଧିକାରୀ ମୋନାଲିସା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ ବୋରିଗୁମ୍ମା ବ୍ଲକ ବହୁ ଦିବ୍ୟାଙ୍ଗ ହିତାଧିକାରୀ ମାନେ ଯୋଗ ଦେଇଥିଲେ ।



# ନାବାଳିକାଙ୍କୁ ଉଠାଇନେଇ ଧର୍ଷଣ ଅଭିଯୋଗରେ ଯୁବକ ଗିରଫ

ରାୟଗଡା (ନି.ପ୍ର) ରାୟଗଡ଼ା ଜିଲାରେ ଘଟିଛି ଏକ ଅଭାବନୀୟ ଘଟଣା । ଜଙ୍ଗଲକୁ ଛତୁ ତୋଳିବାକୁ ଯାଇଥିବା ସମୟରେ ନାବାଳିକାଙ୍କୁ ଜୋର ଜବରଦସ୍ତି ଉଠାଇ ନେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ ।ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଅନ୍ତର୍ଗତ ଭାଲୁମାସ୍କା ଅଂଚଳରେ । ନାବାଳିକାଙ୍କ ଅନିଛା ସତ୍ୱେ ବାରମ୍ବାର ଯୁବକ ତାଙ୍କୁ ଦୁଷ୍କର୍ମ କରିବାରୁ ଉଦ୍ୟମ କରିଥିଲେ । ନାବାଳିକା ଜଣଙ୍କ ବିଷ ପିଇ ଗୁରୁତ୍ୱର ହୋଇପଡିଛନ୍ତି ।ଗୁରୁତର ନାବାଳିକା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । ଉକ୍ତ ଯୁବକ ଜଣକ ସିରିପାଇ ପଂଚାୟତର କଇଁତଲା ଗ୍ରାମର ସିଙ୍ଗି ମାଝୀଙ୍କର ପୁଅ ଗୁରୁ ମାଝୀ ବୋଲି ଜଣାପଡ଼ିଛି । ପୀଡ଼ିତା ନାବାଳିକା ଙ୍କ ପରିବାର ପକ୍ଷରୁ କାଶୀପୁର ଥାନାରେ ଅଭିଯୋଗ ପରେ ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରିବା ସହିତ ପୋସ୍କୋ ଆକ୍ଟ ଅନୁସାରେ କୋର୍ଟ ଚାଲାଣ କରିଛି ।ସୂଚନା ମୁତାବକ ନାବାଳିକା ଜଣଙ୍କ ଛତୁ ତୋଳିବା ନିମନ୍ତେ ସାଙ୍ଗ ମାନଙ୍କ ସହିତ ମିଶି ଗାଁ ପାଖ ଜଙ୍ଗଲକୁ ଯାଇଥିଲେ, ଏହାର ସୁଯୋଗ ନେଇ ପାଖ ଗାଁର ଏକ ଯୁବକ ତାଙ୍କୁ ସେଠାରୁ ଉଠାଇ ନେଇଥିଲେ, ପରେ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ ଏବଂ ତାଙ୍କୁ ଜୋର କରି ମନ୍ଦିରରେ ବାହାହେବା ନିମନ୍ତେ ନେଇଥିଲେ ।ପରେ ନାବଳିକା ଏହାକୁ ବିରୋଧ କରି ଜଙ୍ଗଲୀ ବିଷଫଳ ଖାଇ ଗୁରୁତର ହୋଇଥିବା ପରିବାର ପକ୍ଷରୁ ଜଣାପଡ଼ିଛି ।

# ନାଗାବଳୀ ନଦୀଗର୍ଭରେ ବେଆଇନ ଆଡ଼ିବନ୍ଧ

## ଜେକେ ପେପର୍ ମିଲ ସ୍ୱାର୍ଥ ଯୋଗୁଁ ହନ୍ତସନ୍ତ ଉପକୂଳବର୍ତୀ ଗ୍ରାମବାସୀ

ରାୟଗଡା (ନି.ପ୍ର) ରାୟଗଡ଼ା ଜିଲ୍ଲାର ନାଗାବାଳି ନଦୀଗର୍ଭରେ ଜେକେ ପେପର୍ ମିଲ୍ ପକ୍ଷରୁ ବାଲିବସ୍ତା ପକାଇ ବେଆଇନ ଆଡିବନ୍ଧ ନିର୍ମାଣ କରାଯାଉଥିବା ଅଭିଯୋଗକୁ ନେଇ ବିବାଦ ଦେଖାଦେଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ, ଏହା ଫଳରେ ନଦୀର ସ୍ୱାଭାବିକ ଗତିପଥ ବଦଳୁଛି, ତଳମୁଣ୍ଡ ଅଂଚଳକୁ ପାଣି ପହଂଚୁନାହିଁ ଏବଂ ଚାଷଜମି କ୍ଷତିଗ୍ରସ୍ତ ହେଉଛି । ଏହାଦ୍ୱାରା ବିଭିନ୍ନ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି ଉପକୂଳବର୍ତୀ ଗ୍ରାମବାସୀ । ତେବେ ଏହି ଅଭିଯୋଗକୁ ଜେକେ ପେପର୍ ମିଲ୍ କର୍ତୃପକ୍ଷ ମିଛ କହି ଖଣ୍ଡନ କରିଛନ୍ତି । ନାଗାବାଳି ନଦୀଗର୍ଭରେ ବାଲିବସ୍ତା ପକାଇ ବ୍ୟାପକ ଭାବେ କାମ ଚାଲିଥିବା ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି । ଘଟଣାସ୍ଥଳରେ ଶତାଧିକ ଶ୍ରମିକ କାମ କରୁଥିବା ବେଳେ ପ୍ଲା[ର ଅଧିକାରୀ ଓ ପିଆରଓ ମଧ ଉପସ୍ଥିତ ଥିବା ଦେଖାଯାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି କାମ ଫଳରେ ନଦୀର ସ୍ୱାଭାବିକ ଜଳପ୍ରବାହ ବାଧାପ୍ରାପ୍ତ ହେଉଛି ଓ ତଳମୁଣ୍ଡ ଅଂଚଳକୁ ପାଣି ପହଂଚୁନାହିଁ । ଚାଷଜମି ଜଳ ଅଭାବରେ ପ୍ରଭାବିତ ହେଉଥିବା ସହ ଗାଈଗୋରୁଙ୍କ ପାଇଁ ପାଣି ସମସ୍ୟା ଦେଖାଦେଇଛି । ଏହାସହ ପ୍ଲା[ରୁ ବିଷାକ୍ତ ଜଳ ନଦୀକୁ ଛଡ଼ାଯାଉଥିବାରୁ ପଶୁ ମୃତ୍ୟୁ ଓ ଲୋକମାନେ ଚର୍ମରୋଗରେ ପୀଡ଼ିତ ହେଉଥିବା ଅଭିଯୋଗ ମଧ କରିଛନ୍ତି ସ୍ଥାନୀୟ ବାସିନ୍ଦା । ନଦୀଗର୍ଭରେ ଏଭଳି ବନ୍ଧ ନିର୍ମାଣ ବେଆଇନ ବୋଲି ସେମାନେ ଦାବି କରୁଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବନ୍ଧ ନିର୍ମାଣ ପରେ ନଦୀର ଉଭୟ ପାର୍ଶ୍ୱରେ କୂଳ ଖାଉଥିବାରୁ ଚାଷଜମି ନଦୀଗର୍ଭରେ ଲୀନ ହେଉଛି । ସବାନା ପେଦେଇ[ଙ୍କ ପ୍ରାୟ ୭ ଏକର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ସେ ଅଭିଯୋଗ କରିଛନ୍ତି । ତେବେ ଜେକେ ପେପର୍ ମିଲ୍ ପକ୍ଷରୁ ଏହି ସମସ୍ତ ଅଭିଯୋଗକୁ ଖଣ୍ଡନ କରାଯାଇଛି । ପିଆରଓଙ୍କ କହିବା ଅନୁସାରେ, କମ୍ପାନୀ କୌଣସି ଆଡିବନ୍ଧ ନିର୍ମାଣ କରୁନାହିଁ । ପ୍ଲା[କୁ ପାଣି ଯିବାରେ ବାଧା ସୃଷ୍ଟି କରୁଥିବା ବାଲିକୁ କେବଳ ହଟାଯାଉଛି । ନଦୀର ଗତିପଥ ପରିବର୍ତନ କିମ୍ୱା ବନ୍ଧ ନିର୍ମାଣ କରାଯାଉନଥିବା ଦାବି କରିଛନ୍ତି ସେ । ତେବେ ଘଟଣାସ୍ଥଳର ଦୃଶ୍ୟ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ କ୍ୟାମେରା ସାମ୍ନାରୁ ଚାଲିଯାଇଥିଲେ । ଘଟଣାସ୍ଥଳର ଦୃଶ୍ୟରେ ବାଲିବସ୍ତା ଭରାଯାଉଥିବା, ସେଗୁଡ଼ିକୁ ନଦୀ ମଝିରେ ସଜାଯାଉଥିବା ଏବଂ ବହୁ ସଂଖ୍ୟକ ଶ୍ରମିକ କାମରେ ନିୟୋଜିତ ଥିବା ସ୍ପଷ୍ଟ ଦେଖିବାକୁ ମିଳୁଛି । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ସନ୍ଦେହ ଆହୁରି ବଢ଼ିଛି । ଏହା ପୂର୍ବରୁ ମଧ ଜିଲ୍ଲା ପ୍ରଶାସନ ନିକଟରେ ଏନେଇ ଅଭିଯୋଗ ହୋଇଥିଲା । ସେତେବେଳେ କମ୍ପାନୀ କର୍ତୃପକ୍ଷଙ୍କ ସହ ବୈଠକ କରି ଏଭଳି କାମ ନ କରିବାକୁ ତାଗିଦ କରାଯାଇଥିଲା ବୋଲି ରାୟଗଡ଼ା ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା କହିଛନ୍ତି । ଆମ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ କହିଛନ୍ତି, ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଘଟଣାର ତଦନ୍ତ କରିବ । ନଦୀର ଗତିପଥ କେହି ପରିବର୍ତନ କରିପାରିବେ ନାହିଁ କିମ୍ବା ବାଲିବସ୍ତା ପକାଇ ବନ୍ଧ ନିର୍ମାଣ କରିପାରିବେ ନାହିଁ । ଯଦି ଅଭିଯୋଗ ସତ ପ୍ରମାଣିତ ହୁଏ, ତେବେ ନିଶ୍ଚିତ ଭାବେ ଆଇନାନୁଗ କାର୍ଯ୍ୟାନୁଷ୍ଠାନ ନିଆଯିବ । ବର୍ତମାନ ଫ୍ୟାକ୍ଟ ଫାଇଣ୍ଡିଂ ରିପୋର୍ଟକୁ ଅପେକ୍ଷା କରାଯାଉଛି । ଏବେ ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ପ୍ରସାଶନ କଣ ପଦକ୍ଷେପ ନେଉଛି ।



# ଇନରହ୍ୱିଲ କ୍ଲବ୍ ଅଫ୍ କଟକ ମିଡଟାଉନ୍ର ସଂସ୍ଥାପନ ଉତ୍ସବ




କଟକ : (ନି.ପ୍ର.) ରାଣୀହାଟସ୍ଥିତ ଆଇ ଏମ୍ ଏ ହାଉସର ସମ୍ମିଳନୀ କକ୍ଷରେ ଇନର ହ୍ୱିଲ କ୍ଲବ୍ ଅଫ୍ କଟକ ମିଡଟାଉନର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୁଷ୍ପା ହରିଚନ୍ଦନ ଯୋଗଦେଇ କ୍ଲବର କାର୍ଯ୍ୟକୁ ପ୍ରଶଂସା କରିବା ସହିତ ମହିଳା କିପରି ଆଜିକା ଦିନରେ ସୁରକ୍ଷିତ ରହି ପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଋତୁପର୍ଣ୍ଣା ମହାନ୍ତି ଉପସ୍ଥିତ ହୋଇ ମହିଳା ତଥା ଝିଅମାନେ ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧତା ଏବଂ ପ୍ରାର୍ଥନା କରିବା ଦ୍ୱାରା ଅସ୍ପୃଶ୍ୟତା ଓ ନକାରାତ୍ମକ ଶକ୍ତି ପ୍ରଭାବରୁ ନିଜକୁ ରକ୍ଷା କରି ସକରାତ୍ମକ ଆଣିଥାନ୍ତି ସେ ବିଷୟରେ ଅବଗତ କରାଇଥିଲେ ।ଏହି ସଂସ୍ଥାପନ ଉତ୍ସବ ପାଳନ ଅବସରରେ ପ୍ରାକ୍ତନ ସଭାପତି ତଥା ପୂର୍ବବର୍ଷର ସଭାପତି ଶ୍ରୀମତୀ ସୌମ୍ୟା ମହାନ୍ତି ଚଳିତ ବର୍ଷର ନୂତନ ସଭାପତି ଶ୍ରୀମତୀ ସଂଯୁକ୍ତା ମଲ୍ଲିକଙ୍କୁ ଦାୟିତ୍ୱ ଅର୍ପଣ କରିଥିବାବେଳେ ପ୍ରାକ୍ତନ ସମ୍ପାଦିକା ଲୋପାମୁଦ୍ରା ତ୍ରିପାଠୀ ଚଳିତ ବର୍ଷର ନୂତନ ସମ୍ପାଦିକା ସୁନୀତା ଗୁପ୍ତାଙ୍କୁ କ୍ଲବର ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଶିକ୍ଷା ,ବନ୍ଧୁତା, ସେବା ଓ ମହିଳାଙ୍କୁ ସଶକ୍ତି କରାଇବା ଏହି କ୍ଲବର ଲକ୍ଷ୍ୟ । ଚଳିତ ପ୍ରତିଷ୍ଠା ଦିବସ ଅବସରରେ କର୍କଟ ରୋଗୀଙ୍କୁ ଅର୍ଥ ସହାୟତା, ଗରିବ ଛାତ୍ରୀକୁ ସାଇକେଲ, ମେଧାବୀ ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବସ୍ତି ଅଂଚଳରେ ଝିଅମାନେ ଶିକ୍ଷା, ସ୍ୱଚ୍ଛତା ତଥା ପରିଷ୍କାର ପରିଚ୍ଛନ୍ନ କିପରି ରହିବେ ସେଥିପାଇଁ ଅନେକ ସଚେତନତା କାର୍ଯ୍ୟକ୍ରମ କ୍ଲବ୍ ପକ୍ଷରୁ କରାଯାଇଥିଲା । ସମ୍ପାଦିକା ପୂର୍ବବର୍ଷର ବିବରଣୀ ପାଠ କରିଥିବାବେଳେ କ୍ଲବ୍ ପକ୍ଷରୁ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ସୌମ୍ୟା ମିଶ୍ର, ରଞ୍ଜିତା ଧଳ, ମିନୁ ଚୌଧୁରୀ, ଅଦିତି ପରିଜା, ଲୀନା ପଟ୍ଟନାୟକ, ନିର୍ଝରିଣୀ ମହାନ୍ତି, ପ୍ରଭାତୀ ମହାନ୍ତି, ଆଶିଷପ୍ରଭା ମିଶ୍ର, ମିତାଲି ମୁଖାର୍ଜୀ, ଲୋପାମୁଦ୍ରା ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ଆଗେଇ ନେଇ ଯାଇଥିବାବେଳେ ସର୍ବଶେଷରେ ମଞ୍ଜୁମାଳା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଏବିଭିପିର ପ୍ରତିଷ୍ଠା ଦିବସରେ ସମଗ୍ର ବିଦ୍ୟାର୍ଥୀ ସମାଜକୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଏବିଭିପିର ପ୍ରତିଷ୍ଠା ଦିବସରେ ସମଗ୍ର ବିଦ୍ୟାର୍ଥୀ ସମାଜକୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜାତୀୟ ଚେତନା, ସାମାଜିକ ଦାୟିତ୍ୱବୋଧ ଓ 'ଜ୍ଞାନ-ଚରିତ୍ର-ଏକତା'ର ମନ୍ତ୍ରରେ ଦୀକ୍ଷିତ ହୋଇ ଛାତ୍ର ସଶକ୍ତିକରଣ, ଭାରତୀୟ ମୂଲ୍ୟବୋଧ ଆଧାରିତ ରାଷ୍ଟ୍ର ଚେତନାର ନିର୍ମାଣ ଏବଂ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଦେଶପ୍ରେମର ସଂସ୍କାର ସଂଚାର କରୁଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରତିଷ୍ଠା ଦିବସ ଅବସରରେ ରାଷ୍ଟ୍ରସେବାରେ ସମର୍ପିତ ସମସ୍ତ ନିଷ୍ଠାପର କାର୍ଯ୍ୟକର୍ତ୍ତା ଓ ସମଗ୍ର ବିଦ୍ୟାର୍ଥୀ ସମାଜକୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।



# ଆସୁଛି ଆଉ ଏକ ଲଘୁଚାପ: ୧୨ ଯାଏଁ ଭିଜିବ ଓଡ଼ିଶା, ଝଡ଼ବର୍ଷା ପାଇଁ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର: ରାଜ୍ୟରେ ସକ୍ରିୟ ରହିଛି ମୌସୁମୀ । ବିଭିନ୍ନ ସ୍ଥାନରେ ପାଗ ମେଘୁଆ ରହିବା ସହ ସ୍ୱଳ୍ପ ଧରଣର ବର୍ଷା ମଧ୍ୟ ହେଉଛି । ଆସନ୍ତା ୧୨ ତାରିଖରେ ରାଜ୍ୟରେ ପୁଣି ବର୍ଷା ବଢ଼ିପାରେ । ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ । ଏହା ପ୍ରଭାବରେ ବର୍ଷା ହେବ ବୋଲି ସୋଆ ଜଳବାୟୁ ଓ ପରିବେଶ କେନ୍ଦ୍ର ନିର୍ଦ୍ଦେଶକ ଡ. ଶରତ ସାହୁ ଏହା କହିଛନ୍ତି । ୯ରୁ ୧୨ ତାରିଖ ଯାଏ ଉତର ଓଡ଼ିଶାର କିଛି ସ୍ଥାନରେ ସାମାନ୍ୟ ବର୍ଷା ହୋଇପାରେ । ୯ ତାରିଖରେ ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଅନୁଗୁଳ, କେନ୍ଦୁଝର ଓ ମୟୂରଭଞ୍ଜରେ ସ୍ୱଳ୍ପରୁ ମଧ୍ୟମ ପରିମାଣର ବର୍ଷା ହୋଇପାରେ । ୩ ଦିନ ଯାଏ ସୁନ୍ଦରଗଡ, ମୟୂରଭଞ୍ଜ ଓ କେନ୍ଦୁଝରରେ ବିଜୁଳି ଘଡଘଡି ସହ ବର୍ଷା ହୋଇପାରେ । ରାଜ୍ୟର ୬ ଜିଲ୍ଲାରେ ପାଣିପାଗ ବିଭାଗ ପକ୍ଷରୁ 'ୟେଲୋ ୱାର୍ଣ୍ଣିଂ' ଜାରି କରାଯାଇଛି । ସେଗୁଡିକ ହେଉଛି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଏବଂ ଅନୁଗୁଳ । ଏହି ସବୁ ଜିଲ୍ଲାରେ ବର୍ଷା ସହ ବିଜୁଳି ଘଡଘଡି ହୋଇପାରେ । ରାଜ୍ୟର ବାକି ସମସ୍ତ ଜିଲ୍ଲାରେ ପାଣିପାଗ ସ୍ୱାଭାବିକ ରହିବ । ଉତର ଓଡ଼ିଶାରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଘଡଘଡି ଲାଗି ରହିବ । ଗତ ୨୪ ଘଂଟାରେ ନୟାଗଡ଼ ଓ ରାଉରକେଲାରେ ସାମାନ୍ୟ ବର୍ଷା ହୋଇଛି । ବର୍ଷା ନ ଥିବାରୁ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ଖସିଛି ।



# ଗଭୀର ସମୁଦ୍ରରୁ ମାଛଧରାର ଦୀର୍ଘସ୍ଥାୟୀ ଉପଯୋଗିତା ପାଇଁ ପ୍ରାଧିକରଣ ପତ୍ର ଜାରି ନିମନ୍ତେ ଜାତୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ଉପରାଷ୍ଟ୍ରପତି

ଭୁବନେଶ୍ୱର : ଉପ-ରାଷ୍ଟ୍ରପତି ଶ୍ରୀ ସି.ପି. ରାଧାକୃଷ୍ଣନ୍ ଆଜି ଭୁବନେଶ୍ୱରଠାରେ ଗଭୀର ସୁମଦ୍ରରେ ମାଛ ଧରାର ଦୀର୍ଘସ୍ଥାୟୀ ଉପଯୋଗିତା ନିମନ୍ତେ ପ୍ରାଧିକରଣ ପତ୍ର ଜାରି କରିବା ଲାଗି ଜାତୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ସେ ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ ଦସ୍ତାବିଜକୁ ମଧ୍ୟ ଉନ୍ମୋଚନ କରିଛନ୍ତି । ଉପରାଷ୍ଟ୍ରପତି ଦେଶର ଦଶଟି ମତ୍ସ୍ୟ ଚାଷୀ ଉତ୍ପାଦକ ସଂଗଠନ (ଏଫପିଓ) ଏବଂ ମତ୍ସ୍ୟଜୀବୀଙ୍କୁ ଗଭୀର ସମୁଦ୍ର ମାଛ ଧରା ପାଇଁ ପ୍ରାଧିକରଣ ପତ୍ର (ଏଲଓଏ) ପ୍ରଦାନ କରିଛନ୍ତି । ସମାବେଶକୁ ସମ୍ବୋଧିତ କରି ଉପ-ରାଷ୍ଟ୍ରପତି କହିଥିଲେ, ଏହି ପଦକ୍ଷେପ ସହିତ ଭାରତର ସାମୁଦ୍ରିକ ଯାତ୍ରାରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହୋଇଛି । ଏହା ଭାରତୀୟ ମତ୍ସ୍ୟଜୀବୀମାନଙ୍କୁ ଦେଶର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର (ଇଇଜେଡ୍) ଏବଂ ଗଭୀର ସମୁଦ୍ରର ବିଶାଳ ସମ୍ଭାବନାକୁ ସ୍ଥାୟୀ ଭାବରେ ଉପଯୋଗ କରିବାରେ ସକ୍ଷମ କରିବ । ଏହି କାର୍ଯ୍ୟକ୍ରମ ମତ୍ସ୍ୟ କ୍ଷେତ୍ରରେ ଅଭିବୃଦ୍ଧି, ସ୍ଥାୟିତ୍ୱ ଏବଂ ସମୃଦ୍ଧିର ଏକ ନୂତନ ଯୁଗ ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ମତ୍ସ୍ୟଜୀବୀ ସମ୍ପ୍ରଦାୟର ସାମୂହିକ ସଂକଳ୍ପକୁ ପ୍ରତିଫଳିତ କରେ ବୋଲି ସେ କହିଥିଲେ । ଉପ-ରାଷ୍ଟ୍ରପତି କହିଥିଲେ, ଭାରତରେ




୧୧,୦୦୦ କିଲୋମିଟରରୁ ଅଧିକ ଉପକୂଳ ଏବଂ ପ୍ରାୟ ୨୪ ଲକ୍ଷ ବର୍ଗ କିଲୋମିଟରର ଏକ ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ରହିଛି ଏବଂ ଏହା ପ୍ରାୟତଃ ଅବ୍ୟବହୃତ ରହିଛି । ମାଛ ଧରା କାର୍ଯ୍ୟକଳାପ ପାରମ୍ପରିକ ଭାବରେ ଉପକୂଳ ନିକଟରେ ରହିଆସିଛି । ନୂତନ ବ୍ୟବସ୍ଥା ଭାରତୀୟ ମତ୍ସ୍ୟଜୀବୀମାନଙ୍କୁ ଟୁନା ଭଳି ଉଚ୍ଚ-ମୂଲ୍ୟବାନ ପ୍ରଜାତି ମାଛର ଦୀର୍ଘସ୍ଥାୟୀ ଉତ୍ପାଦନ ପାଇଁ ଆତ୍ମବିଶ୍ୱାସର ସହିତ ଗଭୀର ସମୁଦ୍ରରେ ପ୍ରବେଶ କରିବାକୁ ସକ୍ଷମ କରିବ । ଭାରତର ମତ୍ସ୍ୟ କ୍ଷେତ୍ରର ଦ୍ରୁତ ଅଭିବୃଦ୍ଧି ଉପରେ ଆଲୋକପାତ କରି ଉପରାଷ୍ଟ୍ରପତି କହିଥିଲେ, ଭାରତ ଆଜି ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଛ ଉତ୍ପାଦନକାରୀ ଦେଶ । ଏହା ବିଶ୍ୱ ମାଛ ଉତ୍ପାଦନରେ ପ୍ରାୟ ଆଠ ପ୍ରତିଶତ ଯୋଗଦାନ ଦେଉଛି । ସେ କହିଥିଲେ, ଏହି କ୍ଷେତ୍ର ପ୍ରାୟ ତିନି କୋଟି ମତ୍ସ୍ୟଜୀବୀ ଏବଂ ମାଛ ଚାଷୀଙ୍କ ଜୀବିକାକୁ ସମର୍ଥନ କରେ । ଗତ ଆର୍ଥିକ ବର୍ଷରେ ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି ୭୩,୦୦୦ କୋଟି ଟଙ୍କା ଅତିକ୍ରମ କରିଛି । ଗଭୀର ସମୁଦ୍ର ପଦକ୍ଷେପ ଭାରତର ରପ୍ତାନି ସମ୍ଭାବନାକୁ ଆହୁରି ମଜବୁତ କରିବ ଏବଂ ଅମଳ, ପ୍ରକ୍ରିୟାକରଣ, ଶୀତଳ ଶୃଙ୍ଖଳା, ପରିବହନ, ପ୍ୟାକେଜିଂ, ଲଜିଷ୍ଟିକ୍ସ ଓ ରପ୍ତାନି ସେବାରେ ନିଯୁକ୍ତି ସୃଷ୍ଟି କରିବ ବୋଲି ଉପରାଷ୍ଟ୍ରପତି ବିଶ୍ୱାସ ପ୍ରକଟ କରିଥିଲେ । ଉପରାଷ୍ଟ୍ରପତି କହିଥିଲେ, ନୂତନ ଢାଁଚାରେ ମତ୍ସ୍ୟଚାଷ ସମବାୟ ସମିତି, ମତ୍ସ୍ୟ ଚାଷୀ ଉତ୍ପାଦକ ସଂଗଠନ ଏବଂ ଭାରତୀୟ ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ଜାରି କରିବା ପାଇଁ ପ୍ରାଥମିକତା ଦିଆଯାଇଛି । ସେ ଏହି ପଦକ୍ଷେପକୁ ଉପକୂଳ ସମ୍ପ୍ରଦାୟକୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ବର୍ଣ୍ଣନା କରିଥିଲେ । ସେ ଜୋର ଦେଇଥିଲେ ଯେ ସାମୂହିକ ପ୍ରୟାସ ମତ୍ସ୍ୟଚାଷ କ୍ଷେତ୍ରରେ ପରିବର୍ତ୍ତନ ଆଣିପାରିବ । ଦୀର୍ଘସ୍ଥାୟୀ ମାଛ ଧରା ଏକ ନୈତିକ ଦାୟିତ୍ୱ ବୋଲି ଉପରାଷ୍ଟ୍ରପତି ଗୁରୁତ୍ୱାରୋପ କରି କହିଥିଲେ । ସେ ଆହୁରି କହିଥିଲେ, ସାମୁଦ୍ରିକ ସମ୍ପଦ ସଂରକ୍ଷଣ ସହିତ ଆର୍ଥିକ ପ୍ରଗତି ହେବା ଉଚିତ । ଡିଜିଟାଲ୍ ପ୍ରାଧିକରଣ ବ୍ୟବସ୍ଥା, ଜାହାଜ ଟ୍ରାକିଂ, ଅନ୍ତର୍ଜାତୀୟ ପ୍ରମାଣପତ୍ର ଏବଂ ବେଆଇନ ତଥା ରିପୋର୍ଟ ନ ହୋଇଥିବା ଏବଂ ଅନିୟନ୍ତ୍ରିତ ମାଛ ଧରା ବିରୋଧୀ ପଦକ୍ଷେପଗୁଡ଼ିକର କଠୋର ଅନୁପାଳନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ବିଶ୍ୱସ୍ତରୀୟ ସୁଯୋଗ ଦ୍ୱାରା ପରିଚାଳିତ ଏକ ଆଧୁନିକ ବୃତି ଭାବରେ ମତ୍ସ୍ୟଚାଷକୁ ଦେଖିବା ପାଇଁ ଉପରାଷ୍ଟ୍ରପତି ଯୁବପିଢ଼ିଙ୍କୁ ଆହ୍ୱାନ କରିଥିଲେ । ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ସାକାର କରିବା ପାଇଁ ସେ ମତ୍ସ୍ୟଜୀବୀ ସମ୍ପ୍ରଦାୟକୁ ଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ଆର୍ଥିକ ସହଯୋଗ ଜାରି ରଖିବାକୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପଟି ଉଦବୋଧନ ଦେଇ ଭାରତର ବ୍ୟାପକ ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ଏବଂ ଅପାର ସାମୁଦ୍ରିକ ସମ୍ପଦ ଉପରେ ଆଲୋକପାତ କରିଥିଲେ । ଦେଶର ମତ୍ସ୍ୟ ଉତ୍ପାଦନ କାର୍ଯ୍ୟକଳାପ ପାରମ୍ପରିକ ଭାବେ ଉପକୂଳବର୍ତ୍ତୀ ଜଳସୀମାରେ ସୀମିତ ହୋଇ ରହିଛି ବୋଲି ସେ ଉଲ୍ଲେଖ କରିଥିଲେ । ରାଜ୍ୟପାଳ ଆହୁରି କହିଥିଲେ, ପ୍ରାଧିକରଣ ପତ୍ର ହସ୍ତାନ୍ତର ସ୍ୱଚ୍ଛତା ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ବ୍ୟବସ୍ଥା ଜରିଆରେ ଗଭୀର ସମୁଦ୍ର ମତ୍ସ୍ୟ ସମ୍ପଦର ଦୀର୍ଘସ୍ଥାୟୀ ଉପଯୋଗ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

# ଅଷ୍ଟ୍ରେଲିଆରେ ଭାରତୀୟ ପ୍ରବାସୀଙ୍କୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଅଷ୍ଟ୍ରେଲିଆର



ମେଲବୋର୍ଣ୍ଣସ୍ଥିତ ମାର୍ଭେଲ ଷ୍ଟାଡିୟମରେ ଭାରତୀୟ ସମୁଦାୟର ଏକ ବିଶାଳ ସମାବେଶକୁ ସମ୍ବୋଧିତ କରିଛନ୍ତି । ଏକ ସ୍ୱତନ୍ତ୍ର ସଦିଚ୍ଛା ପ୍ରଦର୍ଶନ କରି ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ମାନ୍ୟବର ଆଂଟୋନି ଆଲବାନିଜ୍ ମଧ୍ୟ ଏହି ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଭାରତୀୟ ସମୁଦାୟଙ୍କ ପକ୍ଷରୁ ମିଳିଥିବା ସୌଜନ୍ୟମୂଳକ ଭବ୍ୟ ସ୍ୱାଗତ ପାଇଁ କୃତଜ୍ଞତା ଜଣାଇଥିଲେ । ସେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆଲବାନିଜଙ୍କ ଉପସ୍ଥିତି ଏବଂ ଭାରତ-ଅଷ୍ଟ୍ରେଲିଆ ସମ୍ପର୍କ, ବିଶେଷକରି ପ୍ରବାସୀ ଭାରତୀୟଙ୍କ କଲ୍ୟାଣ ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତା ପାଇଁ ମଧ୍ୟ କୃତଜ୍ଞତା ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ ଗତ ଦଶନ୍ଧି ମଧ୍ୟରେ ଦ୍ୱିପାକ୍ଷିକ ସହଭାଗୀତାରେ ହୋଇଥିବା ଉଲ୍ଲେଖନୀୟ ପ୍ରଗତି ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଦୁଇ ଦେଶର ଅର୍ଥନୀତିର ପରସ୍ପର ପରିପୂରକତା ଭାରତ ଓ ଅଷ୍ଟ୍ରେଲିଆକୁ ଏକ ସୁରକ୍ଷିତ, ସମୃଦ୍ଧ ଓ ସ୍ଥିର ସହଭାଗୀତା ଗଠନ କରିବାରେ ସ୍ୱାଭାବିକ ଭାଗୀଦାରରେ ପରିଣତ କରିଛି । ଅଷ୍ଟ୍ରେଲିଆରେ ରହୁଥିବା ଭାରତୀୟ ସମୁଦାୟଙ୍କ ଦ୍ୱିପାକ୍ଷିକ ସମ୍ପର୍କ ପ୍ରତି ଅବଦାନକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ସେମାନଙ୍କୁ ଦୁଇ ଦେଶ ମଧ୍ୟରେ ଏକ 'ଜୀବନ୍ତ ସେତୁ' ବୋଲି ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ, ଅଷ୍ଟ୍ରେଲିଆର ସାମାଜିକ ଚଳଣୀରେ ସକ୍ରିୟ ଭୂମିକା ନିର୍ବାହ କରୁଥିବା ସତ୍ତ୍ୱେ ଭାରତୀୟ ସମୁଦାୟ ନିଜର ସାଂସ୍କୃତିକ ପରମ୍ପରାକୁ ଅକ୍ଷୁଣ୍ଣ ରଖିଛନ୍ତି ଏବଂ ନିଜର ରଙ୍ଗୀନ ପରମ୍ପରା, ଆତ୍ମୀୟତା ଓ ଜୀବନ୍ତ ସଂସ୍କୃତିକୁ ସ୍ଥାନୀୟ ଲୋକଙ୍କ ସହ ବାଂଟୁଛନ୍ତି । ଅଷ୍ଟ୍ରେଲିଆରେ ବହୁ ସଂଖ୍ୟକ ଭାରତୀୟ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ଏବଂ ଭାରତରେ ଅଧିକ ସଂଖ୍ୟକ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ ସେମାନଙ୍କ କ୍ୟାମ୍ପସ୍ ସ୍ଥାପନ କରୁଥିବା କଥା ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଶିକ୍ଷା ହେଉଛି ଦ୍ୱିପାକ୍ଷିକ ସମ୍ପର୍କର ଅନ୍ୟତମ ଦୃଢ଼ ସ୍ତମ୍ଭ । ପ୍ରଧାନମନ୍ତ୍ରୀ ଭାରତରେ ନିରନ୍ତର ଉଚ୍ଚ ଅଭିବୃଦ୍ଧି, ନୀତିଗତ ସଂସ୍କାର, ଡିଜିଟାଲ ବିପ୍ଳବ ଏବଂ ପରବର୍ତ୍ତୀ ପିଢ଼ିର ଭିତିଭୂମି ବିକାଶ ଆଧାରରେ ହେଉଥିବା ଦ୍ରୁତ ପ୍ରଗତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା, ସେମିକଣ୍ଡକ୍ଟର, ସ୍ମାର୍ଟଫୋନ୍ ଉତ୍ପାଦନ ଏବଂ 'ମେକ୍ ଇନ୍ ଇଣ୍ଡିଆ' ଅଧୀନରେ ପ୍ରତିରକ୍ଷା ସାମଗ୍ରୀ ରପ୍ତାନି କ୍ଷେତ୍ରରେ ଭାରତ ନୂତନ ସଫଳତା ହାସଲ କରୁଛି । ସେ ଆହୁରି କହିଥିଲେ ଯେ, ଭାରତର ଗଣତାନ୍ତ୍ରିକ ଶକ୍ତି, ପ୍ରତିଭା, ପ୍ରଯୁକ୍ତି ଓ ନବସୃଜନ କ୍ଷମତାର ସମନ୍ୱୟ ବିଶ୍ୱର ସହଯୋଗୀ ଦେଶମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି । ସେ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ, ଭାରତର ଦୃଷ୍ଟିକୋଣ କେବଳ ନିଜର ପ୍ରଗତି ଉପରେ କେନ୍ଦ୍ରିତ ନୁହେଁ, ବରଂ ନିଜର ବନ୍ଧୁ ଓ ସହଯୋଗୀମାନଙ୍କ ସହ ହାତ ମିଳାଇ ଆଗକୁ ବଢ଼ିବା ।

## ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ପ୍ରାଧିକରଣ ପତ୍ର' ଆବଂଟନ

# ଗଭୀର ସମୁଦ୍ର ମାଛଧରା ମିଶନ ମତ୍ସ୍ୟଜୀବୀଙ୍କ ଭାଗ୍ୟ ବଦଳାଇବ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର : ୨୦୨୬ - 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ' ଦ୍ୱାରା ବ୍ଲୁ-ଇକୋନୋମି ମାଧ୍ୟମରେ ରାଜ୍ୟର ଗ୍ରାମୀଣ ଅର୍ଥନୀତି ସମୃଦ୍ଧ ହେବ ଏବଂ ହଜାର ହଜାର ମତ୍ସ୍ୟଜୀବୀ ପରିବାର ପାଇଁ ଆଗାମୀ ଦିନରେ ନୂତନ ଜୀବିକାର ସୁଯୋଗ ସୃଷ୍ଟି ହେବ ।ଆଜିର ପଦକ୍ଷେପ ମତ୍ସ୍ୟଜୀବୀ ଭାଇ ଭଉଣୀମାନଙ୍କ ଭାଗ୍ୟ ବଦାଇବା ସହ ଏହି ନୂତନ ବ୍ୟବସ୍ଥା ଦ୍ୱାରା ଆମ ରାଜ୍ୟର ମତ୍ସ୍ୟଜୀବୀ ସମବାୟ ସମିତିଗୁଡ଼ିକ ସିଧାସଳଖ ଉପକୃତ ହେବେ ବୋଲି ଆଜି ଭୁବନେଶ୍ୱର ଠାରେ ଏ ସମ୍ପର୍କିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତର ମାନ୍ୟବର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନଙ୍କ ସହ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗୁରୁବାର ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ପ୍ରାଧିକରଣ ପତ୍ର' (ଏଲଓଏ)



ଆବଂଟନ ଏବଂ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା କରି କହିଛନ୍ତି ଯେ, ୨୦୧୪ ପରେ ଦେଶରେ ମତ୍ସ୍ୟପାଳନ ଏବଂ ଏହାର ଆନ୍ତର୍ଜାତୀୟ ବଜାର ବ୍ୟବସ୍ଥାରେ ଏକ ବ୍ୟାପକ ସୁଧାର ଆସିଛି । ବିଶ୍ୱର ବିଷମ ପରିସ୍ଥିତି ଏବଂ ବହୁ ଚ୍ୟାଲେଞ୍ଜ ସତ୍ତ୍ୱେ ଭାରତ ମାତ୍ର ୧ ବର୍ଷ ଭିତରେ ୧୧,୦୦୦ କୋଟି ଟଙ୍କାରୁ ଅଧିକ ଟଙ୍କାର ମାଛ ରପ୍ତାନି ବୃଦ୍ଧି କରିବା ସହ ୨୧% ରପ୍ତାନୀ ଅଭିବୃଦ୍ଧି ହାସଲ କରିଛି । ଏହା ଦେଶର ଅର୍ଥନୀତିକୁ ମଜବୁତ କରିବା ସହ 'ବିକଶିତ ଭାରତ'ର ସଂକଳ୍ପକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଓଡ଼ିଶାର ସମ୍ଭାବନା ଏବଂ ପ୍ରତିବେଶୀ ଆନ୍ଧ୍ରପ୍ରଦେଶ ସହ ଏହାର ତୁଳନାତ୍ମକ ଚିତ୍ର ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ତୁଳନାରେ ଓଡ଼ିଶାର ସମୁଦ୍ର ଉପକୂଳ (୫୭୫ କିମି) ପ୍ରାୟ ଅଧା ଏବଂ ନଦୀ-କେନାଲର ଜଳାଶୟ କ୍ଷେତ୍ରରେ ସମାନତା ଥିଲେ ମଧ୍ୟ ଓଡ଼ିଶାର ୧୨ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ ସାମ୍ନାରେ ଆନ୍ଧ୍ରପ୍ରଦେଶ ପ୍ରାୟ ୪୫ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ କରୁଛି । ଏହି ବ୍ୟବଧାନ ଆମ ପାଇଁ ଯେତିକି ବଡ଼ ଆହ୍ୱାନ, ସେତିକି ବଡ଼ ସମ୍ଭାବନା ମଧ୍ୟ ସୃଷ୍ଟି କରୁଛି ।

# ମଧ୍ୟପ୍ରଦେଶର ରତଲାମ ଜିଲ୍ଲାରେ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେ ପରିଦର୍ଶନ କଲେ କେନ୍ଦ୍ର ମନ୍ତ୍ରୀ ନିତିନ ଗଡ଼କରୀ

ରତଲାମ/ଭୋପାଳ : କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ ଗୁରୁବାର ସକାଳେ ମଧ୍ୟପ୍ରଦେଶର ରତଲାମରେ ପହଂଚି ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେ ପରିଦର୍ଶନ କରିଛନ୍ତି । ଏହି ସମୟରେ ରତଲାମ ଜିଲ୍ଲାପାଳ ମିଶା ସିଂହ ତାଙ୍କୁ ଏକ୍ସପ୍ରେସୱେର ନିର୍ମାଣ କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ । ବାସ୍ତବରେ, କେନ୍ଦ୍ର ମନ୍ତ୍ରୀ ଗଡ଼କରୀ ବୁଧବାର ସକାଳେ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେ ପରିଦର୍ଶନ କରିବା ପାଇଁ ଦିଲ୍ଲୀ ଛାଡ଼ିଥିଲେ ଏବଂ ବିଳମ୍ବିତ ରାତିରେ ରାଜସ୍ଥାନର ବୁନ୍ଦି-କୋଟା ଜିଲ୍ଲା ଦେଇ ମନ୍ଦସୌର ଜିଲ୍ଲାର ଗାରୋଥରେ ପହଁଚିଥିଲେ । ସେ ଏଠାରେ ରୂପ୍ରା ସର୍କିଟ ହାଉସରେ ରାତି ବିତାଇଥିଲେ । ଏହାପରେ କେନ୍ଦ୍ର ମନ୍ତ୍ରୀ ଗଡ଼କରୀ ଗୁରୁବାର ସକାଳ ୮ଟା ବେଳେ ୧୯ଟି ଗାଡ଼ି



ନେଇ ଗାରୋଥୁ ବାହାରିଥିଲେ ଏବଂ ଦିଲ୍ଲୀ-ମୁମ୍ବାଇ ୮ ଲେନ ବିଶିଷ୍ଟ ଏକ୍ସପ୍ରେସୱେ ପରିଦର୍ଶନ କରିବା ସମୟରେ ସକାଳ ୧୦ଟା ୨୫ ମିନିଟରେ ରତଲାମ ଜିଲ୍ଲା ସୀମାରେ ପହଂଚିଥିଲେ । ରତଲାମ ଜିଲ୍ଲାପାଳ ମିଶା ସିଂହ ଏବଂ ଏସପି ଅମିତ କୁମାରଙ୍କ ସମେତ ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ଘଟଣା ସ୍ଥଳରେ ପହଂଚି ସାରିଛନ୍ତି । କେନ୍ଦ୍ର ମନ୍ତ୍ରୀ ଗଡ଼କରୀଙ୍କ କନଭୟ ରତଲାମ ଜିଲ୍ଲା ସୀମାରେ ପ୍ରାୟ ପାଂଚ ମିନିଟ୍ ପାଇଁ ଅଟକିଥିଲା । ଗଡ଼କରୀ ତାଙ୍କ କାରରୁ ଓହ୍ଲାଇଲେ । ଏହି ସମୟରେ ମନ୍ତ୍ରୀ ଗଡ଼କରୀ ୮ ଲେନ ବିଶିଷ୍ଟ ଏକ୍ସପ୍ରେସୱେର ସମୀକ୍ଷା କରିଥିଲେ । ସେ ଜିଲ୍ଲାପାଳ ମିଶା ସିଂହଙ୍କ ପାଖକୁ ଯାଇ ଜିଲ୍ଲା ଦେଇ ଯାଉଥିବା ଏକ୍ସପ୍ରେସୱେ ବିଷୟରେ ପଚାରି ବୁଝିଥିଲେ ଏବଂ ଯଥାଶୀଘ୍ର ରାସ୍ତାର ପ୍ୟାଚ୍ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ସେ ତାଙ୍କ କନଭୟ ସହିତ ଚାଲି ଯାଇଥିଲେ ।

# ୱେମ୍ବେଲଡେନ ଟେନିସ୍ ଟୁର୍ଣ୍ଣାମେଂଟରେ ଐତିହାସିକ ପ୍ରଦର୍ଶନ କଲେ ଅର୍ଣ୍ଣବ ପାପରକର

ନୂଆଦିଲ୍ଲୀ: ଭାରତର ଯୁବ ଖେଳାଳି ଅର୍ଣ୍ଣବ ପାପରକର ଭାରତ ପାଇଁ ୱେମ୍ବେଲଡେନ ଟେନିସ ଟୁର୍ଣ୍ଣାମେଂଟରେ ଐତିହାସିକ ପ୍ରଦର୍ଶନ କରିଛନ୍ତି । ଜୁନିୟର ବାଳକ ବିଭାଗରେ ସେ ଜାପାନର ୟୋ ତବାତାଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ୩୬ ବର୍ଷ ପରେ ଜୁନିୟର ବିଭାଗରେ ଭାରତର କୌଣସି ଖେଳାଳି କ୍ୱାର୍ଟରକୁ ଉନ୍ନୀତ ହୋଇଛି । ୧୯୯୦ରେ ଲିଆଣ୍ଡର ପେସ ଟାଇଟଲ ହାସଲ କରି ଭାରତକୁ ଗୌରବାନ୍ୱିତ କରିଥିଲେ । ଅର୍ଣ୍ଣବ ପ୍ରଥମ ସେଟକୁ ୬-୨ରେ ଜିତିଥିଲେ । ତବାତା ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଯଥାସମ୍ଭବ ଉଦ୍ୟମ କରିଥିଲେ ମଧ୍ୟ ସେ ସଫଳ ହୋଇପାରି ନ ଥିଲେ । ୬-୧ରେ ଦ୍ୱିତୀୟ ସେଟକୁ ଜିତିବା ସହ ସେ ମ୍ୟାଚ ମଧ୍ୟ ନିଜ ନାମରେ



କରିଥିଲେ । କ୍ୱାର୍ଟରରେ ସେ ଆମେରିକାର ଜୋର୍ଡାନ ଲୀଙ୍କୁ ଭେଟିବେ । ଓଭରାଲ ଭାରତର ୪ର୍ଥ ଖେଳାଳି ଭାବେ ସେ କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି । ରାମନାଥାନ କ୍ରିଷ୍ଣାନ, ଲିଆଣ୍ଡର ପେସ ଓ ରମେଶ କ୍ରିଷ୍ଣାନ କ୍ୱାର୍ଟରରେ ପ୍ରବେଶ କରିଥିଲେ । ୨୦୦୯ରେ ୟୁକି ଭାମ୍ବ୍ରି ଜୁନିୟର ୟୁଏସ ଓପନର କ୍ୱାର୍ଟରରେ ପ୍ରବେଶ କରିଥିଲେ । ୧୪ ବର୍ଷରୁ କମ ଅଷ୍ଟ୍ରେଲିଆନ ଓପନ ଏସିଆ ପ୍ୟାସିଫିକ ଏଲିଟ ଟ୍ରଫି ସେ ହାସଲ କରିଥିଲେ । ସେହି ବର୍ଷ ନ୍ୟାଶନାଲ ଅଣ୍ଡର ୧୬ ଟାଇଟଲ ମଧ୍ୟ ଜିତିଥିଲେ ।

# ଆଇସିସି ହଲ ଅଫ ଫେମରେ ସାମିଲ ହେବେ ଗାଙ୍ଗୁଲି



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଟିମର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଆଇସିସି ହଲ ଅଫ ଫେମରେ ସାମିଲ ହେବେ । ଜୁଲାଇ ୧୧ରେ ସ୍କଟଲାଣ୍ଡର ଏଡିନବର୍ଗରେ ଏହା ବିଧିବଦ୍ଧ ଭାବେ ଘୋଷଣା କରାଯିବ । ଭାରତର ୧୨ତମ ଖେଳାଳି ଭାବେ ସେ ଏହି ସମ୍ମାନର ଅଧିକାରୀ ହେବେ । ୫୪ତମ ଜନ୍ମଦିନ ଅବସରରେ ଗାଙ୍ଗୁଲିଙ୍କ ପ୍ରତି ଏହା ଉପଯୁକ୍ତ ସମ୍ମାନ ହେବ ବୋଲି ପ୍ରଶଂସକମାନେ କହିଛନ୍ତି । ଏହି ଦିନ ତାଙ୍କର ବାୟୋପିକ ଦାଦା-ଦି ସୌରଭ ଗାଙ୍ଗୁଲି ଷ୍ଟୋରୀର ଫାଷ୍ଟ ଲୁକ ଜାରୀ କରାଯିବ । ଏଥିରେ ରାଜକୁମାର ରାଓ ତାଙ୍କ ଭୂମିକାରେ ଅଭିନୟ କରୁଛନ୍ତି । ମ୍ୟାଚ ଫିକ୍ସିଂ ବିବାଦ ପରେ ଗାଙ୍ଗୁଲି ୨୦୦୦ରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ । ତାଙ୍କ ସମୟରେ ବୀରେନ୍ଦ୍ର ସେହ୍ୱାଗ, ହରଭଜନ ସିଂ, ଯୁବରାଜ ସିଂ, ଜାହୀର ଖାଁ, ମହମ୍ମଦ କୈଫ ଓ ମହେନ୍ଦ୍ର ସିଂ ଧୋନୀଙ୍କ ପରି ଯୁବ ଖେଳାଳିଙ୍କ କ୍ୟାରିୟର ମଜଭୁତ ହୋଇଥିଲା । ତାଙ୍କ ନେତୃତ୍ୱରେ ଭାରତ ୨୦୦୨ ଚାମ୍ପିୟନ୍ସ ଟ୍ରଫି ଜିତିବା ସହ ୨୦୦୩ ବିଶ୍ୱକପ ଫାଇନାଲରେ ପ୍ରବେଶ କରିଥିଲା । ଇଂଲଣ୍ଡ ବିପକ୍ଷରେ ଐତିହାସିକ ଟେଷ୍ଟ ସିରିଜ ଡ୍ର ଏବଂ ପାକିସ୍ତାନରେ ସ୍ମରଣୀୟ ଟେଷ୍ଟ ସିରିଜ ଭାରତ ଜିତିଥିଲା । ସେ ଭାରତ ପକ୍ଷରୁ ୧୧୩ ଟେଷ୍ଟରେ ୭୨୧୨ ରନ କରିଥିଲେ । ଏଥିରେ ୧୬ ଶତକ ସାମିଲ । ୩୧୧ ଦିନିକିଆରେ ଦାଦା ୨୨ ଶତକ ସହ ୧୧୩୬୩ ରନ କରିଥିଲେ । ସେ ଆନ୍ତର୍ଜାତୀୟ କ୍ରିକେଟରେ ୧୩୨ ୱିକେଟ ମଧ୍ୟ ନେଇଛନ୍ତି ।

# ଇଂଲଣ୍ଡ ବିପକ୍ଷ ସିରିଜ ପାଇଁ ରୋହିତଙ୍କ ଜୋରଦାର ପ୍ରସ୍ତୁତି

ଲଣ୍ଡନ: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ରୋହିତ ଶର୍ମା ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ୩ ମ୍ୟାଚ ବିଶିଷ୍ଟ ସିରିଜ ଆରମ୍ଭ ହେବା ପୂର୍ବରୁ ସେ ଇଂଲଣ୍ଡରେ ପଂହଚି ଅଭ୍ୟାସ ଆରମ୍ଭ କରିଛନ୍ତି । ୟର୍କଶାୟାର ସ୍ଲୋ କ୍ରିକେଟ କ୍ଲବ ନେଟ୍ସରେ ସେ ବ୍ୟାଟିଂ ଅଭ୍ୟାସ କରିଛନ୍ତି । ଏହା ପରେ ସେ ସ୍ୱିନକୋମ୍ବେ କ୍ଲବରେ ମଧ୍ୟ ଅଭ୍ୟାସ କରିଥିଲେ । ଟେଷ୍ଟ ଏବଂ ଟି୨୦ରୁ ଅବସର ନେବା ପରେ ସେ କେବଳ ଦିନିକିଆ କ୍ରିକେଟ ଖେଳିବା ଜାରୀ ରଖିଛନ୍ତି । ସେଠାକାର ପରିବେଶ ଓ ପିଚ ସହିତ ଅଭ୍ୟସ୍ତ ହେବା ପାଇଁ ସେ ଯଥାସମ୍ଭବ ଉଦ୍ୟମ କରୁଛନ୍ତି । ଇଂଲଣ୍ଡରେ ରୋହିତଙ୍କ ପ୍ରଦର୍ଶନ ଭଲ ରହିଛି । ସେ ୨୭ ମ୍ୟାଚରେ ୬୪.୯ ଆଭରେଜରେ ୧୪୨୮ ରନ କରିଛନ୍ତି । ଏଥିରେ ୭ ଶତକ ସାମିଲ । ଇଂଲଣ୍ଡରେ ଭ୍ରମଣକାରୀ ଦଳର ଖେଳାଳି ଭାବେ ଏହା ସର୍ବାଧିକ ଶତକ । ଆଫଗାନିସ୍ତାନ ବିପକ୍ଷ ସିରିଜ ପୂର୍ବରୁ ସେ ଆଘାତ ସମସ୍ୟାରେ ପଡିଥିଲେ । ଏହା ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିବା



ସହ ୭୯ ରନର ଇନିଂସ ଖେଳି ଫର୍ମ ଏବଂ ଫିଟନେସ ପ୍ରମାଣ ଦେଇଛନ୍ତି । ୨୦୨୭ ଦିନିକିଆ ବିଶ୍ୱକପ ଦଳରେ ସ୍ଥାନ ପାଇବାକୁ ହେଲେ ରୋହିତଙ୍କୁ ଏହି ସିରିଜରେ ଭଲ ପ୍ରଦର୍ଶନ କରିବାକୁ ପଡିବ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**